

ସ୍ୱସ୍ତିକଙ୍କ ୭ ୱିକେଟ୍
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-317 ◆SATURDAY ◆16 MAY 2026 ◆PAGE-12 ◆₹ 7.00

SAMBALPUR

◆ବର୍ଷ-୪୩ ◆ସଂଖ୍ୟା-୩୧୭ ◆ଶନିବାର ◆୧୬ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# The Toppers Factory of Odisha... again

CBSE 12th Result 2026



99% SWAYAM SAMBHAV RAJGURU



98% NIKHILESWAR SINGH



97% SASWAT PRIYADARSI KUMURA



97% BABITA PADHAN

■ 150+ Students got 90% & above ■ 90% Students got more than 10th Marks

97% SHREYA SEPHALIKA PATRA
97% TANISHA NAIK
97% SWETA AGRAWAL
96% RUTUPARNA SAHU
96% AKASH MANSINGKA
96% SIDDHI SAMRUDDHI PANDA
96% AAKARSHI BANSAL
96% AARUSHI BANSAL
96% ANNAPURNA TRIPATHY
96% LISA BHOI
95% DUNESH CHAKRADHARI
95% K VEENITH KUMAR DORA
95% PIBYANKA BHOI
95% SANJU SAHU
95% MANISH YADAV
94% GOUTAM KUMAR JAIN
94% MAHESH BHOI
94% RADHIKA AGRAWAL
94% SMRUTI REKHA HOTA
94% TANUSHREE KUANR
94% ARCHIKA NATH
94% MONALISA PRUSETH
94% MOUSUMI SAHU
94% PALAK AGRAWAL
94% VAISHNAVI VARMA
93% SATTWIK SAMANTRAY
93% DIVYA TRIPATHY
93% PRIYANI SAHU
93% SAMRUDDHI JAIPURIA
93% SHRIYANSHEE NAIK
93% OMKAR AYASKANT MEHER
93% PIYUSH PRADHAN
93% PRAGNYA RASHMI SAHU
93% PRIYANSA PARIMITA NAIK

& Many many more...

## Growth over 10th Marks

| Name | 10th% | 12th% | Growth % |
|---|---|---|---|
| HARSH PANDEY | 45 | 82 | 37 |
| MILAN PANDEY | 60 | 90 | 30 |
| RADHIKA AGRAWAL | 65 | 94 | 29 |
| OJAS KALO | 45 | 73 | 28 |
| SATTWIK SAMANTRAY | 66 | 93 | 27 |
| ANSHUMAN PANDA | 56 | 83 | 27 |
| RANJAN SAHU | 60 | 87 | 27 |
| CHIRANJIT MAHANANDA | 55 | 81 | 26 |
| SUBHAM MEHER | 70 | 96 | 26 |
| SWAYAM SAMBHAV RAJGURU | 73 | 99 | 26 |
| TANUSHREE KUANR | 69 | 94 | 25 |
| BENNY OOIJER XESS | 65 | 90 | 25 |
| RUDRA KUMAR SA | 69 | 93 | 24 |
| AKASH BHAINSA | 59 | 83 | 24 |
| ANWESHA SAHU | 62 | 86 | 24 |
| AYUSHI PATTNAIK | 63 | 87 | 24 |
| DOLOP SINGH | 55 | 78 | 23 |
| TANISHA HANUMAN | 54 | 77 | 23 |
| HONEY MAKHIJA | 70 | 93 | 23 |
| SUBHANKAR BEHERA | 60 | 83 | 23 |
| KRISHNA PAREEK | 61 | 83 | 22 |
| AYUSHI MISHRA | 71 | 93 | 22 |
| PRINCE HASDA | 61 | 83 | 22 |
| BASUDEV PATEL | 60 | 82 | 22 |
| SHRIYANSH MEHER | 58 | 80 | 22 |
| MONALISA PRUSETH | 72 | 94 | 22 |

& a long list...

96% AYUSH KUMAR TANTY
96% PALAK GUPTA
96% NAITIK AGRAWAL
96% SHRUTI PRIYA AGRAWAL
96% SAMIP KUMAR DASH
96% SHUBHANKAR BEHERA
96% PRIYADARSHI NAG
96% SUBHAM MEHER
96% SANSHREY SHARAF
96% SHRAVANI MAHAPATRA
95% ARMAAN SA
95% ROSHNI GUPTA
95% P. DIVYANSU ACHARY
95% SUSHREE SAGARIKA PRADHAN
94% AKANKSHYA MISHRA
94% KRISHNA BANSAL
94% ASHIS MEHER
94% N SHUBHASHREE
94% AMIT KARA
94% AYUSHMAN DEBTA
93% ADITYA NAG
93% DIKSHA PATEL
93% KESHAV BANSAL
93% MANYATA PRIYADARSHINI ACHARYA
93% RUDRA KUMAR SA
93% HONEY MAKHIJA
93% MUSKAN BEHERA
93% SAMIKSHYA NAIK
93% YUVRAJ SHARMA
93% AYUSHI MISHRA

Admissions Open 2026-27
Nursery - XI
Science | Commerce | Humanities

जीवा जमोतिर अशीमहि
# VEDIC INTERNATIONAL SCHOOL
SAMBALPUR | RAIGARH | BARGARH | RAIPUR

Pabpali, Sason, Sambalpur.
M: 8117812340 / 9124612340

Govindpali, Bargarh.
M: 9124572708 / 9178712340 / 9124572710

www.vedic.ac.in

# ଦେଶ ବିଦେଶ



## ବେକାର ଯୁବକଙ୍କୁ 'ଅସରପା' ସହ ତୁଳନା କଲେ ପ୍ରଧାନବିଚାରପତି



ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ବେକାର ଯୁବକମାନଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ। ବେକାର ଯୁବକମାନଙ୍କୁ 'ଅସରପା' ସହ ତୁଳନା କରି ସେ କହିଛନ୍ତି ଯେ ଅନେକ ଯୁବକ/ଯୁବତୀ କୌଣସି ନିଯୁକ୍ତି ନପାଇ ଗଣମାଧ୍ୟମ ପ୍ରତିନିଧି, ସୋସିଆଲ ମିଡିଆ ପ୍ରତିନିଧି ଏବଂ ଆରଟିଆଇ କର୍ମୀ ସାଜି ବ୍ୟବସ୍ଥାର ସମାଲୋଚନା କରୁଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ଆଇନଜୀବୀଙ୍କ ଆବେଦନର ଶୁଣାଣି କରୁଥିବା ବେଳେ ଏଭଳି ଟିପ୍ପଣୀ ଦେଇଥିଲେ। ଉକ୍ତ ଆଇନଜୀବୀ ନିଜକୁ ବରିଷ୍ଠ ଆଇନଜୀବୀ ଭାବେ ମାନ୍ୟତା ଦେବା ପାଇଁ ଆବେଦନ କରିଥିଲେ। ଖଣ୍ଡପୀଠ ଆବେଦନକାରୀଙ୍କୁ ଭର୍ତ୍ସନା କରିଥିଲେ। ଆବେଦନକାରୀଙ୍କ ଆଚରଣ ଏବଂ ତାଙ୍କର ସୋସିଆଲ ମିଡିଆ ପୋଷ୍ଟକୁ ନେଇ କ୍ଷୋଭ ପ୍ରକାଶ କରି ପ୍ରଧାନ ବିଚାରପତି କହିଥିଲେ ଯେ, ସମାଜରେ ଅନେକ 'ପରଜୀବୀ' (ପାରାସାଇଟ୍) ଅଛନ୍ତି ଯେଉଁମାନେ ବ୍ୟବସ୍ଥା ଉପରେ ଆକ୍ରମଣ କରୁଛନ୍ତି। ଶୁଣାଣି ସମୟରେ ଅନେକ ଆଇନଜୀବୀଙ୍କ ଯୋଗ୍ୟତା ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଲେ ଯେ ୟୁନିଫର୍ମ ପିନ୍ଧି ବୁଲୁଥିବା ଅନେକ ଆଇନଜୀବୀଙ୍କ ଡିଗ୍ରୀର ସତ୍ୟତା ଉପରେ ସନ୍ଦେହ ରହୁଛି। ସେମାନେ ପ୍ରକୃତରେ ଡିଗ୍ରୀ ହାସଲ କରିଛନ୍ତି କି ନାହିଁ, ତାହାର ସିବିଆଇ ତଦନ୍ତ ହେବା ଉଚିତ।



## ଭୋଜଶାଳା ଏକ ମନ୍ଦିର: ହାଇକୋର୍ଟ

ଭୋପାଳ, ୧୫।୫(ଏଜେନ୍ସି): ଧାର୍ ଜିଲ୍ଲାର ବିବାଦୀୟ ଭୋଜଶାଳା-କମଲ ମୌଲା ମସଜିଦ୍ ପରିସରକୁ ନେଇ ଶୁକ୍ରବାର ମଧ୍ୟପ୍ରଦେଶ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ଏହି ବିବାଦୀୟ ପୀଠକୁ ମନ୍ଦିର ବୋଲି ରାୟ ଦେବା ସହିତ ଏଏସ୍ଆଇ ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ସ୍ଥାନର ଧାର୍ମିକ ସ୍ୱରୂପ ହେଉଛି 'ଭୋଜଶାଳା', ଯାହା ମା' ସରସ୍ୱତୀଙ୍କର ଏକ ପ୍ରାଚୀନ ମନ୍ଦିର। ଐତିହାସିକ ତଥ୍ୟ ଏବଂ ସ୍ଥାପତ୍ୟ କଳାକୁ ଆଧାର କରି କୋର୍ଟ କହିଛନ୍ତି ଯେ, ଏହା ପରମାର ବଂଶର ରାଜା ଭୋଜଙ୍କ ଦ୍ୱାରା ନିର୍ମିତ ସଂସ୍କୃତ ଶିକ୍ଷା କେନ୍ଦ୍ର ଓ ମନ୍ଦିର ଥିଲା। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍ଆଇ) ଏହି ସ୍ଥାନର ସଂରକ୍ଷଣ ଏବଂ ପରିଚାଳନା ଦାୟିତ୍ୱରେ ରହିବ। ପୂର୍ବରୁ ହିନ୍ଦୁମାନଙ୍କ ପୂଜା ଅଧିକାର ଉପରେ ଥିବା କଟକଣାକୁ କୋର୍ଟ ହଟାଇ ଦେଇଛନ୍ତି। ମୁସଲିମ୍ ସମ୍ପ୍ରଦାୟର ପ୍ରାର୍ଥନା ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନଙ୍କୁ ମସଜିଦ୍ ନିର୍ମାଣ ପାଇଁ ଧାର୍ ଜିଲ୍ଲାରେ ଅନ୍ୟ ଏକ ଉପଯୁକ୍ତ ଜମି ଯୋଗାଇ ଦିଆଯାଉ। ବ୍ରିଟେନରୁ ମା' ସରସ୍ୱତୀଙ୍କ ପ୍ରାଚୀନ ମୂର୍ତ୍ତି ଫେରାଇ ଆଣିବା ପାଇଁ ହୋଇଥିବା ଆବେଦନ ଉପରେ କେନ୍ଦ୍ର ସରକାର ବିଚାର କରିବାକୁ କୋର୍ଟ କହିଛନ୍ତି।

## ମଣିପୁରରେ ୩୧ ବନ୍ଧକମୁକ୍ତ

### ଏବେ ବି ୭ ଜଣ ଅଜ୍ଞାତ ଗୋଷ୍ଠୀ ହାତରେ

ଇମ୍ଫାଲ, ୧୫।୫(ଏଜେନ୍ସି): ମଣିପୁରର କାଙ୍ଗପୋକପି ଏବଂ ସେନାପତି ଜିଲ୍ଲାରେ ହିଂସା ପରେ ବନ୍ଧକ ଥିବା ୩୮ ଜଣଙ୍କ ମଧ୍ୟରୁ ୩୧ ଜଣଙ୍କୁ ସଶସ୍ତ୍ର ଗୋଷ୍ଠୀ ମୁକ୍ତ କରିଛନ୍ତି। ସରକାର ଏବଂ ସୁରକ୍ଷା ବାହିନୀର ନିରନ୍ତର ପ୍ରୟାସ ପରେ ଏହି ସାଧାରଣ ନାଗରିକମାନେ ଉଦ୍ଧାର ହୋଇଛନ୍ତି। ଉଦ୍ଧାର ହୋଇଥିବା ଲୋକଙ୍କ ମଧ୍ୟରେ ନାଗା ସମ୍ପ୍ରଦାୟର ୧୨ ଜଣ ମହିଳା, କୁକି ସମ୍ପ୍ରଦାୟର ୪ ଜଣ ପୁରୁଷ ଓ ୧୦ ଜଣ ମହିଳା ଏବଂ 'ଡନ୍‌ବୋସ୍କୋ'ର ଦୁଇଜଣ ସଦସ୍ୟ ଅଛନ୍ତି। ମୁକ୍ତ ହୋଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ସେମାନଙ୍କୁ ଆଖିରେ ପଟି ବାନ୍ଧି ପାହାଡ଼ିଆ ଓ ଜଙ୍ଗଲିଆ ରାସ୍ତାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଉଥିଲା। ହାତ ବନ୍ଧା ହୋଇଥିଲେ ମଧ୍ୟ ସେମାନଙ୍କ ଉପରେ କୌଣସି ଶାରୀରିକ ଆକ୍ରମଣ ହୋଇନଥିଲା। ମୋଟ ୩୮ ଜଣଙ୍କ ମଧ୍ୟରୁ ଆହୁରି ୭ ଜଣ ବର୍ତ୍ତମାନ ସୁଦ୍ଧା ସଶସ୍ତ୍ର ଗୋଷ୍ଠୀଙ୍କ କବ୍ଜାରେ ଅଛନ୍ତି। ୟୁନାଇଟେଡ୍ ନାଗା କାଉନସିଲ୍ ଏବଂ କୁକି ଇନପି ମଣିପୁର ପକ୍ଷରୁ ସମସ୍ତ ବନ୍ଧକଙ୍କୁ ଆଜି ସନ୍ଧ୍ୟା ସୁଦ୍ଧା ଛାଡ଼ିବା ପାଇଁ ସମୟସୀମା ଧାର୍ଯ୍ୟ କରାଯାଇଛି।

## କୁଲଦୀପଙ୍କୁ ସୁପ୍ରିମକୋର୍ଟଙ୍କ ଝଟକା

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ଉନ୍ନାଓ ନାବାଳିକା ଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପୂର୍ବତନ ବିଜେପି ବିଧାୟକ କୁଲଦୀପ ସିଂହ ସେଙ୍ଗରଙ୍କୁ ସୁପ୍ରିମକୋର୍ଟଙ୍କଠାରୁ ଏକ ବଡ଼ ଶକ୍ତ ଧକ୍କା ଲାଗିଛି। ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ସେଙ୍ଗରଙ୍କ ଆଜୀବନ କାରାଦଣ୍ଡାଦେଶ ଉପରେ ଲଗାଯାଇଥିବା ରୋକକୁ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ପୀଠ ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତିକୁ ସମାଲୋଚନା କରି କହିଛନ୍ତି ଯେ, 'ଜଣେ ବିଧାୟକ ପକ୍‌ସୋ ଆଇନ ଅଧୀନରେ ଜଣେ ସାର୍ବଜନୀନ ସେବକ ବା 'ପବ୍ଲିକ୍ ସର୍ଭାଣ୍ଟ' ନୁହନ୍ତି ବୋଲି ହାଇକୋର୍ଟ ଯେଉଁ ଯୁକ୍ତି ଦର୍ଶାଇଥିଲେ, ତାହାକୁ ଆମେ ଗ୍ରହଣ କରୁନାହୁଁ।' ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ ଏହି ମାମଲାର ମୁଖ୍ୟ ଆବେଦନ ଉପରେ ଦୁଇ ମାସ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତି ଫଳରେ ସେଙ୍ଗରଙ୍କୁ ମିଳିଥିବା ସର୍ତ୍ତମୂଳକ ଜାମିନ ରଦ୍ଦ ହୋଇଛି ଏବଂ ତାଙ୍କୁ ପୁଣି ଜେଲ ଯିବାକୁ ପଡ଼ିବ। ଗତ ମାସରେ ଦିଲ୍ଲୀ ହାଇକୋର୍ଟ ସେଙ୍ଗରଙ୍କ ସଜାକୁ ସ୍ଥଗିତ ରଖି ଜାମିନ ପ୍ରଦାନ କରିଥିଲେ। କୋର୍ଟ କହିଥିଲେ ଯେ ସେଙ୍ଗର ଜଣେ ବିଧାୟକ ହୋଇଥିବାରୁ ତାଙ୍କୁ ତଳ କୋର୍ଟ 'ସାର୍ବଜନୀନ ସେବକ' ଭାବେ ବିଚାର କରିବା ଉଚିତ ନୁହେଁ। ଏହି ନିଷ୍ପତ୍ତିକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ବିଧାୟକଙ୍କ ଭାଇଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ପାଟନା, ୧୫।୫(ଏଜେନ୍ସି): ବିହାରର ରାଜଧାନୀ ପାଟନାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଚ୍ୟାଲେଞ୍ଜ କରି ଦୁଇଜଣ ବାଇକ୍ ଆରୋହୀ ଦୁର୍ବୃତ୍ତ ଆରଜେଡି ବିଧାୟକ ରାହୁଲ କୁମାରଙ୍କ ଭାଇ ରୋହିତ କୁମାରଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଛନ୍ତି। ଶୁକ୍ରବାର ଦିନ କଙ୍କଡ଼ବାଗ୍ ଥାନା ଅନ୍ତର୍ଗତ ସାଇ ମନ୍ଦିର ନିକଟରେ ଏହି ଘଟଣା ଘଟିଛି। ରୋହିତ କୁମାର ମନ୍ଦିର ନିକଟ ଦେଇ ଯାଉଥିବା ସମୟରେ ଦୁଇଜଣ ଅଜଣା ଅପରାଧୀ ବାଇକ୍‌ରେ ଆସି ମାତ୍ର କିଛି ସେକେଣ୍ଡ ମଧ୍ୟରେ ତାଙ୍କ ବେକରୁ ଚେନ୍ ଛିଣ୍ଡାଇ ଚମ୍ପଟ ମାରିଥିଲେ। ଏହି ସମ୍ପୂର୍ଣ୍ଣ ଘଟଣାଟି ନିକଟରେ ଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି, ଯାହାକୁ ଆଧାର କରି ପୁଲିସ ଅପରାଧୀଙ୍କୁ ଖୋଜୁଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। କଙ୍କଡ଼ବାଗ୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖୁବ୍ ଶୀଘ୍ର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବ୍ରିଟେନ୍‌ରେ ଭଣ୍ଡ ଇମାମ୍‌କୁ ଆଜୀବନ ଜେଲ୍

### 'ଜିନ୍' ଶକ୍ତିର ଭୟ ଦେଖାଇ କରୁଥିଲେ ଦୁଷ୍କର୍ମ

ଲଣ୍ଡନ, ୧୫।୫(ଏଜେନ୍ସି): ନିଜକୁ ଅଲୌକିକ ଶକ୍ତିର ଅଧିକାରୀ କହି ମହିଳା ଓ ଶିଶୁମାନଙ୍କୁ ଯୌନ ଶୋଷଣ କରୁଥିବା ଜଣେ ପୂର୍ବତନ ଇମାମଙ୍କୁ ବ୍ରିଟେନର ଏକ ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫୪ ବର୍ଷୀୟ ଅବଦୁଲ ହାଲିମ ଖାନଙ୍କୁ ଅତି କମରେ ୨୦ ବର୍ଷ ଜେଲରେ ରହିବାକୁ ପଡ଼ିବ। ଅବଦୁଲ ୨୦୦୪ ରୁ ୨୦୧୫ ମଧ୍ୟରେ ୭ ଜଣ ମହିଳା ଓ ଶିଶୁଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୀଡ଼ିତାଙ୍କ ମଧ୍ୟରେ ୧୨ ବର୍ଷର ନାବାଳିକା ମଧ୍ୟ ସାମିଲ ଅଛନ୍ତି। ସେ ନିଜକୁ ଜଣେ 'ଜିନ୍' (ଅଲୌକିକ ଆତ୍ମା) ରୂପେ ବଦଳାଇ ପାରନ୍ତି ବୋଲି କହି ପୀଡ଼ିତାମାନଙ୍କୁ ବିଶ୍ୱାସ ଜନ୍ମାଉଥିଲେ ଏବଂ ଗୁଣିଗାରେଡିର ଭୟ ଦେଖାଇ ସେମାନଙ୍କୁ ଚୁପ୍ ରଖୁଥିଲେ। ଜଣେ ଧର୍ମଗୁରୁ ଭାବେ ନିଜର ପ୍ରତିପତ୍ତିକୁ ବ୍ୟବହାର କରି ସେ ଅସହାୟ ମହିଳା ଓ କନ୍ୟାମାନଙ୍କୁ ଶୋଷଣ କରୁଥିଲେ। ବିଚାରପତି ଏହି ଘଟଣାକୁ 'ଭୟଙ୍କର ଏବଂ ବିଶ୍ୱାସଘାତକତାର ଚରମ ସୀମା' ବୋଲି ବର୍ଣ୍ଣନା କରିଛନ୍ତି।

## ଭିସା ଜାଲିଆତିରେ ୧୦ ହଜାର ବିଦେଶୀ ଛାତ୍ର

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ଆମେରିକାର ଇମିଗ୍ରେସନ ଏଜେନ୍ସି 'ଆଇସିଇ' ଏକ ବଡ଼ ଧରଣର ଭିସା ଜାଲିଆତିର ତଦନ୍ତ ଆରମ୍ଭ କରିଛି। ଅନେକ ଛାତ୍ରଛାତ୍ରୀ ନିଜର ଭିସା ବୈଧତା ବଜାୟ ରଖିବା ପାଇଁ କେବଳ କାଗଜପତ୍ରରେ ଥିବା ନକଲି କମ୍ପାନୀ ମାଧ୍ୟମରେ ଚାକିରି କରୁଥିବା ଦେଖାଇଥିଲେ। ତଦନ୍ତ ବେଳେ ଜଣାପଡ଼ିଛି ଯେ, ଏହି କମ୍ପାନୀଗୁଡ଼ିକର କୌଣସି ଅଫିସ୍ ନାହିଁ କିମ୍ବା ସେଗୁଡ଼ିକ ବନ୍ଦ ପଡ଼ିଥିବା କୋଠାରେ ଚାଲୁଥିଲା। ପ୍ରାୟ ୧୦,୦୦୦ ବିଦେଶୀ ଛାତ୍ରଙ୍କ ଉପରେ ନଜର ରଖାଯାଇଛି, ଯେଉଁଥିରେ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ମଧ୍ୟ ଅଛନ୍ତି। ବିଦେଶୀ ଛାତ୍ରମାନଙ୍କୁ ଆମେରିକାରେ ଚାକିରି କରିବାକୁ ସୁଯୋଗ ଦେଉଥିବା ଅପସନାଲ ପ୍ରାକ୍ଟିକାଲ ଟ୍ରେନିଂ କାର୍ଯ୍ୟକ୍ରମରେ ଏହି ବଡ଼ ଧରଣର ଅନିୟମିତତା ହୋଇଛି। କିଛି କ୍ଷେତ୍ରରେ ଭାରତରେ ବସିଥିବା ଏଜେଣ୍ଟମାନେ ଏହି ନକଲି ନେଟୱାର୍କକୁ ପରିଚାଳନା କରୁଥିବା ଜଣାପଡ଼ିଛି।

# ଖୋଲୁଛି ନିଟ୍ ଲିକ୍ ଷଡ଼ଯନ୍ତ୍ର ଗୁମର

### ଲିକ୍ ପଛରେ ରାଜସ୍ଥାନର ଗୋଟିଏ ପରିବାର



- ପରିବାରର ୫ ସନ୍ତାନଙ୍କ ପାଖକୁ ଆସିଥିଲା ପ୍ରଶ୍ନପତ୍ର
- ଦୁଇ ଭାଇ ମୁଖ୍ୟ କାର୍ପଟ୍‌ଦାର୍

ଜୟପୁର, ୧୫।୫(ଏଜେନ୍ସି): ଚଳିତ ବର୍ଷର ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରାଜସ୍ଥାନର ବିୱାଲ୍ ପରିବାର ଏହି ମହାଘୋଟାଲାର କେନ୍ଦ୍ରବିନ୍ଦୁ ସାଜିଥିବା ବେଳେ ସେମାନେ କେବଳ ଚଳିତ ବର୍ଷ ନୁହେଁ, ବରଂ ଗତ ବର୍ଷ ମଧ୍ୟ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ହାତେଇଥିବା ଜଣାପଡ଼ିଛି। ପୁଲିସ ସୂଚନା ଅନୁସାରେ, ଏହି ପରିବାରର ପାଞ୍ଚ ଜଣ ସନ୍ତାନଙ୍କ ନିକଟକୁ ପୂର୍ବରୁ ପ୍ରଶ୍ନପତ୍ର ପହଞ୍ଚିଥିଲା। ତଦନ୍ତକାରୀ ସଂସ୍ଥା ଅନୁସାରେ, ଜୟପୁର ଜିଲ୍ଲା ଜାମୱା ରାମଗଡ଼ର ବାସିନ୍ଦା ମାଙ୍ଗିଲାଲ ବିୱାଲ୍ ଏବଂ ଦିନେଶ ବିୱାଲ୍ ଏହି କାରବାରର ମୁଖ୍ୟ ସୂତ୍ରଧର। ଏହି ଦୁଇ ଭାଇ ପ୍ରଥମେ ନିଜ ପରିବାରର ପିଲାମାନଙ୍କ ପାଇଁ ପ୍ରଶ୍ନପତ୍ର ଯୋଗାଡ଼ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କୋଟି କୋଟି ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ମାଙ୍ଗିଲାଲଙ୍କ ପୁଅ ବିକାଶ ବିୱାଲ୍, ଯିଏ ବର୍ତ୍ତମାନ ଏମ୍‌ବିବିଏସ୍ ପଢୁଛନ୍ତି, ସେ ମଧ୍ୟ ଏହି ପ୍ରଶ୍ନପତ୍ର ବାଣ୍ଟିବାରେ ସାହାଯ୍ୟ କରିଥିବା ଅଭିଯୋଗ ରହିଛି। ଏଥିପାଇଁ ପ୍ରାୟ ୭୫ ଲକ୍ଷ ଟଙ୍କାର କାରବାର ହୋଇଥିବା କୁହାଯାଉଛି। ଏହି ଘଟଣାରେ ମହାରାଷ୍ଟ୍ର ଏବଂ ହରିୟାଣାର ସମ୍ପୃକ୍ତି ମଧ୍ୟ ମିଳିଛି। ଶୁଭମ୍ ଖୈରନାର ନାମକ ଜଣେ ଛାତ୍ର ଏହି ପ୍ରଶ୍ନପତ୍ରର ମୁଖ୍ୟ ଉତ୍ସ ବୋଲି ଜଣାପଡ଼ିଛି। ସେ ଏହି ପ୍ରଶ୍ନପତ୍ରକୁ ଗୁରୁଗ୍ରାମରେ ଯଶ ଯାଦବଙ୍କୁ ଦେଇଥିଲେ, ଯେଉଁଠାରୁ ଏହା ରାଜସ୍ଥାନର ବିୱାଲ୍ ପରିବାର ପାଖକୁ ଆସିଥିଲା। ଏହି ନେଟୱର୍କରେ ଅନେକ ଡାକ୍ତର ଏବଂ ସେମାନଙ୍କ ପରିବାର ସଦସ୍ୟ ସାମିଲ ଥିବା ଜଣାପଡ଼ିଛି। ରାଜସ୍ଥାନର ସିକରଠାରେ ଥିବା କିଛି କୋଚିଂ ସଂସ୍ଥା ମଧ୍ୟ ଏହି ଘଟଣାରେ ସନ୍ଦେହ ଘେରରେ ଅଛନ୍ତି। ଏହି ବଡ଼ ଧରଣର ଅନିୟମିତତା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ଦୋଷ ସ୍ୱୀକାର କରିବା ସହ ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ମଧ୍ୟ ଏହିପରି ଭାବେ ପ୍ରଶ୍ନପତ୍ର ଲିକ୍ ହେଉଥିବା ବେଳେ ଏହା ସାମ୍ନାକୁ ଆସିପାରୁ ନଥିଲା। ମାତ୍ର ଚଳିତ ବର୍ଷ କୋଚିଂ ସଂସ୍ଥାଗୁଡ଼ିକ ମଧ୍ୟରେ ଥିବା ପ୍ରତିଯୋଗିତା ଯୋଗୁଁ ଏହି ବଡ଼ ର୍‍ୟାକେଟ୍ ପର୍ଦ୍ଦାଫାଶ ହୋଇଛି। ସରକାର ଏବେ ପରୀକ୍ଷାର ନୂତନ ତାରିଖ ଘୋଷଣା କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସିକର ଅଞ୍ଚଳର କୋଚିଂ ସେଣ୍ଟରଗୁଡ଼ିକ ମଧ୍ୟରେ ଚାଲିଥିବା ବ୍ୟବସାୟିକ ଶତ୍ରୁତା ଯୋଗୁଁ ଏହି ବଡ଼ ଧରଣର ସ୍କାମ ଲୋକଲୋଚନକୁ ଆସିଛି। ଏହି ର୍‍ୟାକେଟ୍ ବହୁ ବର୍ଷ ଧରି ସକ୍ରିୟ ଥିବା ସନ୍ଦେହ କରାଯାଉଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏହାର ତଦନ୍ତ ଭାର ସିବିଆଇ'କୁ ହସ୍ତାନ୍ତର କରିଛନ୍ତି। ଏହି ଘଟଣା ସାରା ଦେଶରେ ପରୀକ୍ଷା ପରିଚାଳନା ଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ନୂଆ ପରୀକ୍ଷା ତାରିଖ ଘୋଷଣା କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଧରାପଡ଼ିଲେ ଅଧ୍ୟାପକ ପିଭି କୁଲକର୍ଣ୍ଣି



ପୁଣେ, ୧୫।୫(ଏଜେନ୍ସି): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇ ପୁଣେର ଜଣେ ରସାୟନ ବିଜ୍ଞାନ ଅଧ୍ୟାପକ ପିଭି. କୁଲକର୍ଣ୍ଣିଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇ ଗିରଫ କରିଛି। ଅଭିଯୁକ୍ତ କୁଲକର୍ଣ୍ଣି ସ୍ୱତନ୍ତ୍ର କୋଚିଂ କ୍ଲାସ୍ ନେଇ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଲିକ୍ କରୁଥିଲେ। ଅଭିଯୁକ୍ତ କୁଲକର୍ଣ୍ଣି ଜଣେ ଅବସରପ୍ରାପ୍ତ କଲେଜ ପ୍ରଫେସର ଏବଂ ସେ ବହୁ ବର୍ଷ ଧରି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ପ୍ୟାନେଲର ସଦସ୍ୟ ଥିଲେ। ତେଣୁ ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ହାତେଇବା ତାଙ୍କ ପକ୍ଷରେ ସମ୍ଭବପର ଥିଲା। ସିବିଆଇର ସୂଚନା ଅନୁଯାୟୀ, ଏପ୍ରିଲ ଶେଷ ସପ୍ତାହରେ କୁଲକର୍ଣ୍ଣି ପୁଣେସ୍ଥିତ ନିଜ ବାସଭବନରେ ଏକ ସ୍ୱତନ୍ତ୍ର କୋଚିଂ କ୍ଲାସ ଆୟୋଜନ କରିଥିଲେ। ସେଠାରେ ସେ ନିଟ୍-ୟୁଜି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନ, ବିକଳ୍ପ ଉତ୍ତର ଏବଂ ସଠିକ୍ ଉତ୍ତରଗୁଡ଼ିକ ଲେଖାଇଥିଲେ।

# ହର୍ମୁଜ ପ୍ରଣାଳୀକୁ ବାଇପାସ୍ କରିବ ୟୁଏଇ

### ନୂଆ ତୈଳ ପାଇପ୍‌ଲାଇନ ନିର୍ମାଣ କାର୍ଯ୍ୟକୁ କଲା ତ୍ୱରାନ୍ୱିତ




ଆବୁଧାବି, ୧୫।୫(ଏଜେନ୍ସି): ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ଏବଂ ସାମୁଦ୍ରିକ ପରିବହନରେ ବାଧା ଉପୁଜିବା ପରେ ୟୁଏଇ ଏକ ବଡ଼ ପଦକ୍ଷେପ ନେଇଛି। ହର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା କମାଇବା ପାଇଁ ୟୁଏଇ ନିଜର ନୂତନ 'ପଶ୍ଚିମ-ପୂର୍ବ ପାଇପଲାଇନ' ପ୍ରକଳ୍ପକୁ ୨୦୨୭ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ଦେଇ ହେଉଥିବା ତୈଳ ପରିବହନ ଏକ ପ୍ରକାର ବନ୍ଦ ହୋଇଯାଇଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ଏହି ବାଟ ଦେଇ ହୋଇଥାଏ। ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ତୈଳ କମ୍ପାନୀ 'ଆଡନକ' କୁ ଏହି ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ କହିଛନ୍ତି। ଏହାଦ୍ୱାରା ଫୁଜୈରା ବନ୍ଦର ଦେଇ ତୈଳ ରପ୍ତାନି କ୍ଷମତା ଦ୍ୱିଗୁଣିତ ହେବ। ବର୍ତ୍ତମାନ ୟୁଏଇର 'ହବ୍‌ସାନ-ଫୁଜୈରା' ପାଇପଲାଇନ ଦୈନିକ ୧.୮ ମିଲିୟନ ବ୍ୟାରେଲ ତୈଳ ପରିବହନ କରିବାର କ୍ଷମତା ରଖିଛି। ନୂଆ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ୟୁଏଇ ଯୁଦ୍ଧଗ୍ରସ୍ତ ଅଞ୍ଚଳକୁ ଏଡ଼ାଇ ସିଧାସଳଖ ଓମାନ ସାଗର ଦେଇ ରପ୍ତାନି କରିପାରିବ। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଫଳରେ କୁଏତ, ଇରାକ, କତାର ଏବଂ ବାହାରିନ ଭଳି ଦେଶମାନେ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି, କାରଣ ସେମାନେ ରପ୍ତାନି ପାଇଁ ସମ୍ପୂର୍ଣ୍ଣ ଭାବେ ଏହି ଜଳପଥ ଉପରେ ନିର୍ଭର କରନ୍ତି। କେବଳ ୟୁଏଇ ଏବଂ ସୌଦି ଆରବ ପାଖରେ ଏପରି ପାଇପଲାଇନ ଅଛି ଯାହା ଏହି ପ୍ରଣାଳୀକୁ ବାଇପାସ୍ କରିପାରିବ। ବିଶ୍ୱ ବଜାରରେ ଇନ୍ଧନ ଦର ବୃଦ୍ଧି ଏବଂ ଯୋଗାଣରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ୟୁଏଇର ଏହି ରଣନୈତିକ ପଦକ୍ଷେପ ଶକ୍ତି ସୁରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହା ଭାରତ ଭଳି ଆମଦାନୀକାରୀ ଦେଶମାନଙ୍କ ପାଇଁ ମଧ୍ୟ ଭବିଷ୍ୟତରେ ଆଶ୍ୱସ୍ତିକର ଖବର ହୋଇପାରେ।



## ୟୁଏଇରେ ମୋଦୀ

ଆବୁଧାବି, ୧୫।୫(ଏଜେନ୍ସି): ବିଶ୍ୱ ଶକ୍ତି ସଙ୍କଟ ଏବଂ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ୟୁଏଇ ଗସ୍ତ କରିଛନ୍ତି। ଆବୁଧାବିରେ ପହଞ୍ଚିବା ପରେ ତାଙ୍କୁ ସେଠାକାର ସରକାରଙ୍କ ପକ୍ଷରୁ ଏକ ଭବ୍ୟ ଏବଂ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ବିମାନ 'ଏୟାର ଇଣ୍ଡିଆ ୱାନ୍' ଯେତେବେଳେ ୟୁଏଇ ଆକାଶ ମାର୍ଗରେ ପ୍ରବେଶ କଲା, ସେତେବେଳେ ୟୁଏଇ ବାୟୁସେନାର ଏଫ୍-୧୬ ବ୍ଲକ-୬୦ 'ଡେଜର୍ଟ ଫାଲକନ୍' ଯୁଦ୍ଧ ବିମାନଗୁଡ଼ିକ ତାଙ୍କୁ ଏସ୍କର୍ଟ କରି ବିମାନବନ୍ଦର ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ସ୍ୱତନ୍ତ୍ର ସମ୍ମାନ ପାଇଁ ପିଏମ ମୋଦୀ ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହିୟାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାରତରେ ତୈଳ ଦର ବୃଦ୍ଧି ପାଉଥିବା ସମୟରେ ଏହି ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଏଲ୍‌ପିଜି ଏବଂ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ କ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଭାରତର ଶକ୍ତି ସୁରକ୍ଷାକୁ ମଜବୁତ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ୟୁଏଇ ବର୍ତ୍ତମାନ ଭାରତର ତୃତୀୟ ବୃହତ୍ତମ ବାଣିଜ୍ୟିକ ଅଂଶୀଦାର ଏବଂ ନିବେଶ କ୍ଷେତ୍ରରେ ଏକ ପ୍ରମୁଖ ଦେଶ। ୟୁଏଇରେ ନିଜର ଏକଦିବସୀୟ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନେଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ୟୁଏଇର ଏହି ରାଜକୀୟ ସ୍ୱାଗତ କେବଳ ଭାରତ-ୟୁଏଇ ମଧ୍ୟରେ ଥିବା ଦୃଢ଼ ସମ୍ପର୍କକୁ ଦର୍ଶାଉନାହିଁ, ବରଂ ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ପ୍ରତିପାଦିତ କରୁଛି। ଏହି ଚୁକ୍ତିନାମାଗୁଡ଼ିକ ଆଗାମୀ ଦିନରେ ଭାରତର ଇନ୍ଧନ ସଙ୍କଟ ଦୂର କରିବାରେ ସହାୟକ ହେବ।

### ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲା

## ୩ ଆଇପିଏସ୍ ନିଲମ୍ବିତ

କୋଲକାତା, ୧୫।୫(ଏଜେନ୍ସି): ପଶ୍ଚିମବଙ୍ଗର ଆର୍‌ଜି କର ମେଡିକାଲ କଲେଜ ଦୁଷ୍କର୍ମ ଓ ହତ୍ୟା ମାମଲାରେ କାର୍ଯ୍ୟରେ ଅବହେଳା ଏବଂ ତଦନ୍ତରେ ବିଭ୍ରାଟ ଅଭିଯୋଗରେ ରାଜ୍ୟ ସରକାର ତିନିଜଣ ବରିଷ୍ଠ ଆଇପିଏସ ଅଫିସରଙ୍କୁ ନିଲମ୍ବିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। କୋଲକାତାର ପୂର୍ବତନ ପୁଲିସ କମିସନର ବିନିତ ଗୋୟଲ, ପୂର୍ବତନ ଡେପୁଟି କମିସନର ଇନ୍ଦିରା ମୁଖାର୍ଜୀ ଏବଂ ଅଭିଷେକ ଗୁପ୍ତାଙ୍କୁ ନିଲମ୍ବନ କରାଯାଇଛି। ଏହି ଅଫିସରମାନଙ୍କ ବିରୋଧରେ ତଦନ୍ତରେ ଅବହେଳା କରିବା, ପୀଡ଼ିତାଙ୍କ ପରିବାରକୁ ଲାଞ୍ଚ ଯାଚିବା ଏବଂ ବିନା ଅନୁମତିରେ ସାମ୍ବାଦିକ ସମ୍ମିଳନୀ କରିବା ଭଳି ଗୁରୁତର ଅଭିଯୋଗ ରହିଛି। ରାଜ୍ୟ ଗୃହ ସଚିବଙ୍କ ନେତୃତ୍ୱରେ ଏହି ଅଫିସରମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ବିଭାଗୀୟ ତଦନ୍ତ ଚାଲିବ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ମୂଳ ଅପରାଧର ତଦନ୍ତ ସିବିଆଇ କରୁଥିବା ବେଳେ ରାଜ୍ୟ ସରକାର କେବଳ ଅଫିସରମାନଙ୍କ ଦାୟିତ୍ୱହୀନତା ପାଇଁ ଏହି ପଦକ୍ଷେପ ନେଇଛନ୍ତି। ୨୦୨୪ ଅଗଷ୍ଟରେ ଏହି ଘୃଣ୍ୟ ହତ୍ୟାକାଣ୍ଡ ପରେ ପୁଲିସର ଭୂମିକାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ସୁପ୍ରିମକୋର୍ଟରେ ଦୁଇ ଦିନ ହେବ ଭିଡିଓ କନଫେରେନ୍ସିଂରେ ଶୁଣାଣି

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ଦେଶରେ ଦେଖାଦେଇଥିବା ଇନ୍ଧନ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଇନ୍ଧନ ସଞ୍ଚୟ' ଅପିଲ୍‌କୁ ସୁପ୍ରିମକୋର୍ଟ ସମର୍ଥନ ଜଣାଇଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏହି ଦିଗରେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୋମବାର, ଶୁକ୍ରବାର ଏବଂ ଅନ୍ୟାନ୍ୟ ଆଂଶିକ କାର୍ଯ୍ୟ ଦିବସରେ ସମସ୍ତ ମାମଲାର ଶୁଣାଣି କେବଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ହେବ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ଜାରି ରହିବ। ସୁପ୍ରିମକୋର୍ଟର ବିଚାରପତିମାନେ ଇନ୍ଧନର ସଦୁପଯୋଗ ପାଇଁ 'କାର୍-ପୁଲିଂ' ବ୍ୟବସ୍ଥା ଆପଣାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଛନ୍ତି। କୋର୍ଟର ରେଜିଷ୍ଟ୍ରି ବିଭାଗର ପ୍ରାୟ ୫୦ ପ୍ରତିଶତ କର୍ମଚାରୀଙ୍କୁ ସପ୍ତାହକୁ ଦୁଇ ଦିନ ଘରୁ କାମ କରିବାକୁ ଅନୁମତି ଦିଆଯାଇଛି। ରୋଟେସନ ଭିତ୍ତିରେ ଏହି ବ୍ୟବସ୍ଥା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ମଧ୍ୟ ଗୁରୁବାର ନିଜର ସୁରକ୍ଷା କାରକେଡ୍‌କୁ ଛୋଟ କରି ଇନ୍ଧନ ସଞ୍ଚୟର ବାର୍ତ୍ତା ଦେଇଥିଲେ। ଗୃହମନ୍ତ୍ରୀ ଅମିତ ଶାହ ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନିଜ ଗାଡ଼ି ବ୍ୟବହାର ସଂଖ୍ୟାକୁ ଅଧା କରିଦେଇଛନ୍ତି।



## ତେଲ ଦର ବୃଦ୍ଧି: ଏବେ ରୋଷେଇ ଘରେ ଲାଗିବ ନିଆଁ

ନୂଆଦିଲ୍ଲୀ, ୧୫।୫(ଏଜେନ୍ସି): ପ୍ରାୟ ଚାରି ବର୍ଷର ବ୍ୟବଧାନ ପରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ହୋଇଥିବା ବୃଦ୍ଧି କେବଳ ଗାଡ଼ି ଚାଳକଙ୍କୁ ନୁହେଁ, ବରଂ ସାଧାରଣ ଖାଉଟିଙ୍କୁ ମଧ୍ୟ ଚିନ୍ତାରେ ପକାଇଛି। ଶୁକ୍ରବାର ଠାରୁ ଲିଟର ପିଛା ୩ ଟଙ୍କା ବଢ଼ିବା ପରେ ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, ଏହାର ପ୍ରଭାବ ଖୁବଶୀଘ୍ର ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପଡ଼ିବାକୁ ଯାଉଛି। ଡିଜେଲ ଦର ବଢ଼ିବା ଯୋଗୁଁ ବସ୍, ଟ୍ରକ୍ ଏବଂ ଅଟୋ ଭଡ଼ା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମାଲ୍ ପରିବହନ ଖର୍ଚ୍ଚ ବଢ଼ିଲେ ବଜାରରେ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ। ପରିବା, ଫଳ, କ୍ଷୀର ଏବଂ ଶସ୍ୟ ଆଦି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ପାଇଁ ପରିବହନ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଅମୁଲ୍ ଏବଂ ମଦର ଡାଏରୀ ପରି ସଂସ୍ଥାଗୁଡ଼ିକ ପୂର୍ବରୁ ଲିଟର ପିଛା ୨ ଟଙ୍କା ବଢ଼ାଇ ସାରିଛନ୍ତି। ଡେଲିଭରି ଆପ୍ ଏବଂ ଇ-କମର୍ସ ସଂସ୍ଥାଗୁଡ଼ିକ ସେମାନଙ୍କର ସେବା ଶୁଳ୍କ ବଢ଼ାଇ ପାରନ୍ତି କିମ୍ବା ରିହାତି କମାଇ ଦେଇପାରନ୍ତି। ଗ୍ରାମାଞ୍ଚଳରେ ଚାଷୀମାନେ ଟ୍ରାକ୍ଟର ଏବଂ ପମ୍ପ ସେଟ୍ ପାଇଁ ଡିଜେଲ ବ୍ୟବହାର କରନ୍ତି। ତେଲ ଦର ବଢ଼ିଲେ ଚାଷ ଖର୍ଚ୍ଚ ବଢ଼ିବ, ଯାହା ଶେଷରେ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ବଢ଼ାଇବ। ଅର୍ଥନୀତି ବିଶେଷଜ୍ଞ ରାହୁଲ ଆହଲୁୱାଲିଆଙ୍କ କହିବା ଅନୁସାରେ, ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଯୋଗାଣ ଅନିଶ୍ଚିତ ହୋଇପଡ଼ିଥିବାରୁ ଏହି ଦର ବୃଦ୍ଧି ଆବଶ୍ୟକ ଥିଲା। ଯଦି ବଜାର ଦର ଅନୁସାରେ ତେଲ ମୂଲ୍ୟ ସ୍ଥିର ନହୁଏ, ତେବେ ଭବିଷ୍ୟତରେ ଏହା ଆହୁରି ବଡ଼ ଆର୍ଥିକ ସଙ୍କଟ ସୃଷ୍ଟି କରିପାରେ। ଭାରତରେ ପରିବହନ ଖର୍ଚ୍ଚ ପ୍ରତ୍ୟେକ କ୍ଷେତ୍ର ସହିତ ଜଡ଼ିତ। ତେଣୁ ତେଲ ଦର ବୃଦ୍ଧି ହେଲେ ଦୁର୍ବଳ ଶ୍ରେଣୀର ପରିବାର ଓ ଗ୍ରାମୀଣ ଅର୍ଥନୀତି ସବୁଠାରୁ ଅଧିକ ପ୍ରଭାବିତ ହୋଇଥାଏ। ଆଗାମୀ ଦିନରେ ଯଦି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କମେ ନାହିଁ, ତେବେ ମହଙ୍ଗା ମାଡ଼ରୁ ରକ୍ଷା ପାଇବା ଜନସାଧାରଣଙ୍କ ପାଇଁ କଷ୍ଟକର ହେବ।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-317 ◆SATURDAY ◆16 MAY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୧୭ ◆ଶନିବାର ◆୧୬ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




"ସମ୍ମାନ ମିଳିଲେ ଖେଳିବି"

▶ପୃଷ୍ଠା ୧୨ ଦେଖନ୍ତୁ...



# ତେଲ ଯନ୍ତ୍ରଣା

## ଦର ବଢ଼ିଲା ୩.୧୧ ଟଙ୍କା

ସିଏନଜି ମଧ୍ୟ ହେଲା ମହଙ୍ଗା

■ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ହର୍ମୁଜ ସଙ୍କଟ ଏବଂ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ନେଇ ଚିନ୍ତିତ କେନ୍ଦ୍ର ସରକାର ଆଜି ପେଟ୍ରୋଲ ଓ ଡିଜେଲ ଦାମରେ ଲିଟର ପିଛା ତିନି ଟଙ୍କା ବୃଦ୍ଧି କରିଛନ୍ତି । ଏହା ସହିତ ସିଏନଜି ଦରରେ ମଧ୍ୟ କିଲୋଗ୍ରାମ ପିଛା ୨ ଟଙ୍କା ବୃଦ୍ଧି ପାଇଛି । ୪ ବର୍ଷର ବ୍ୟବଧାନ ପରେ ସରକାର ପେଟ୍ରୋଲ ଓ ଡିଜେଲ ଦରରେ ବୃଦ୍ଧି କରିଥିବାରୁ ଦେଶରେ ମହଙ୍ଗା ପରିସ୍ଥିତି ଗୁରୁତର ଆକାର ଧାରଣ କରିବ । ବିରୋଧୀ ଦଳମାନେ ସରକାରଙ୍କୁ ଦରବୃଦ୍ଧି ନିଷ୍ପତ୍ତିର ସମାଲୋଚନା କରିଥିବା ବେଳେ ତେଲ ଆହୁରି ବୃଦ୍ଧି ପାଇବ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି । ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ତୈଳ ସଙ୍କଟ ନେଇ କେନ୍ଦ୍ର ସରକାର ସତର୍କ କରାଇବା ସହିତ ଅନେକ ସରକାରୀ କଟକଣା ଜାରି କରିଥିଲେ । ଏଥିରେ ଆତଙ୍କିତ ହୋଇ ଗତ ତିନି ଦିନ ହେଲା ସାରା ଦେଶରେ ପେଟ୍ରୋଲ ପମ୍ପରେ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ▶ପୃଷ୍ଠା-୭

**ସାରା ରାଜ୍ୟରେ ଅଟକିଲା ୪୦ ହଜାର ଟ୍ରକ୍**

**ତେଲ କମ୍ପାନୀଙ୍କ ସହ ସରକାରଙ୍କ ବୈଠକ**

**ଅଧିକାଂଶ ତେଲ ଟାଙ୍କିରେ ପୁଲିସ ମୁତୟନ**

**ପୁଲିସ ତଦାରଖରେ ମୋ' ବସ୍‌ରେ ପଡିଲା ତେଲ**

**ସାରା ରାଜ୍ୟରେ ଅଘୋଷିତ ଜରୁରୀ ସ୍ଥିତି:ବିରୋଧୀ**

## ପେଟ୍ରୋଲ୍ ଟାଙ୍କିରେ ଧାଡ଼ି କମୁନି



■ଭୁବନେଶ୍ୱର, ୧୫।୫ (ସମିସ): ସାରା ରାଜ୍ୟରେ ତେଲ ପାଇଁ ହାହାକାର। ପେଟ୍ରୋଲ ପମ୍ପରେ ଲାଗିଛି ଲମ୍ବାଧାଡ଼ି। ଗତକାଲିଠାରୁ ଆଜି ପରିସ୍ଥିତି ଆହୁରି ଅସମ୍ଭାଳ ହୋଇଛି। ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଅପେକ୍ଷା କରିବାକୁ ପଡିଛି। ଲୋକେ ସବୁ କାମ ଧନ୍ଦା ଛାଡି ପେଟ୍ରୋଲ ପମ୍ପରେ ତେଲ ପାଇଁ ଧାଡ଼ି ଲଗାଇଛନ୍ତି। ଅନେକ ପେଟ୍ରୋଲ ପମ୍ପରେ ଭିଡ ନିୟନ୍ତ୍ରଣ କରିବାକୁ ପୁଲିସ ନିୟୋଜିତ କରାଯାଇଛି। ଅଧା ତେଲ ଟାଙ୍କି ଖାଲି, ଆଉ ଅଧା ତେଲ ଟାଙ୍କିରେ ମାଇଲ୍ ମାଇଲ୍ ପର୍ଯ୍ୟନ୍ତ ବାଇକ୍ ଓ କାର୍ ଧାଡ଼ି ଲାଗିଛି। ଆବଶ୍ୟକ ପରିମାଣର ତେଲ ଅଭାବରୁ ରାଜ୍ୟରେ ପ୍ରାୟ ୪୦ ହଜାର ଟ୍ରକ ରାସ୍ତାରେ ଠିଆ ହୋଇଛି। ତେଲ କମ୍ପାନୀଙ୍କ ପାଇଁ ଏଭଳି ସ୍ଥିତି ଉପୁଜିଥିବା ଟ୍ରକ ମାଲିକ ସଂଘ ଅଭିଯୋଗ କରିଛି। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ତେଲ କମ୍ପାନୀ ସହ ଜରୁରୀ ବୈଠକ କରିଛନ୍ତି । ଏହା ପରେ ବି ରାଜ୍ୟ ସରକାର ତେଲର ଅଭାବ ନାହିଁ ବୋଲି କହୁଛନ୍ତି ଓ ବିରୋଧୀ ଏହାକୁ ଅଘୋଷିତ ▶ପୃଷ୍ଠା-୭

## ବଢ଼ିଲା ବସ୍‌ଭଡ଼ା

■ କଟକ, ୧୫।୫ (ସମିସ): ତୈଳ ସଂକଟ ନେଇ ଗୋଟିଏପଟେ ରାଜ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଆଜି ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ପାଇଛି। ଏଥିପାଇଁ ସରକାରଙ୍କ ସ୍ୱୟଂକ୍ରିୟ ବ୍ୟବସ୍ଥା (ଅଟୋମେଟିକ୍ ମେକାନିଜମ୍) ଅନୁସାରେ ଯାତ୍ରୀବାହୀ ବସ୍ ଭଡ଼ା ବୃଦ୍ଧି ପାଇଛି। ଏ ସଂକ୍ରାନ୍ତରେ ଆଜି ପରିବହନ ପ୍ରାଧିକରଣ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ଧାର୍ଯ୍ୟ ଭଡ଼ା ଅନୁସାରେ, ସାଧାରଣ ବସ୍ କିଲୋମିଟର ପ୍ରତି ୮୮ ପଇସାରୁ ୨ ପଇସା ବଢ଼ି ୯୦ ପଇସା ହୋଇଛି। ସେହିଭଳି, ଏକ୍ସପ୍ରେସ୍ ବା ଦ୍ରୁତଗାମୀ ବସ୍ ଭଡ଼ା କିଲୋମିଟର ପ୍ରତି ୯୨ ପଇସାରୁ ୯୪ପଇସା, ଡିଲକ୍ସ ବସ୍ ଭଡ଼ା କିଲୋମିଟର ପ୍ରତି ୧ଟଙ୍କା ୨୭ ପଇସାରୁ ୪ପଇସା ବୃଦ୍ଧି ପାଇ ୧ ଟଙ୍କା ୩୧ ପଇସା ହୋଇଛି। ଏସି ଡିଲକ୍ସ ବସ୍ ଭଡ଼ା ୧ ଟଙ୍କା ୫୫ପଇସାରୁ ବଢ଼ି ୧ ଟଙ୍କା ୫୯ ପଇସା ଏବଂ ସୁପର୍ ପ୍ରିମିୟମ୍ ବସ୍ କିଲୋମିଟର ପ୍ରତି ୨ଟଙ୍କା ୪୧ପଇସାରୁ ୬ପଇସା ବୃଦ୍ଧି ପାଇ ୨ ଟଙ୍କା ୪୭ ପଇସା ହୋଇଛି। ପ୍ରକାଶଥାଉକି, ଗତକାଲି ଡିଜେଲ ଦର ପୂର୍ବରୁ ୯୨ଟଙ୍କା ୬୨ପଇସା ଥିବା ବେଳେ ଆଜି ବୃଦ୍ଧି ପାଇ ୯୫ଟଙ୍କା ୮୭ପଇସା ହୋଇଛି।

## ଅଧା ରାସ୍ତାରେ ଅଟକିଲା ଆମ୍ବୁଲାନ୍ସ

## ଚାଲିଗଲା ରୋଗୀଙ୍କ ଜୀବନ



■ କଟକ, ୧୫।୫(ସମିସ): ରାଜ୍ୟରେ ଗତ କିଛି ଦିନ ହେବ ତୈଳ ସଂକଟ ଯୋଗୁଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଏହାର ଭୟଙ୍କର ପ୍ରଭାବ ସ୍ୱାସ୍ଥ୍ୟସେବା ଉପରେ ପଡ଼ିଛି। ଆଜି କଟକ କାଠଯୋଡ଼ି ପୋଲ ଉପରେ ଏକ ଘରୋଇ ଆମ୍ବୁଲାନ୍ସର ତେଲ ସରିଯିବାରୁ ଚିକିତ୍ସାରେ ବିଳମ୍ବ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିବା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ତୈଳ ଅଭାବରୁ ଏହି କରୁଣ ପରିଣତି ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର କାଠଯୋଡ଼ି ପୋଲ ଉପରେ ଆଜି ଦିନ ଦ୍ୱିପ୍ରହରେ ଏଭଳି ଏକ ଅଭାବନୀୟ ତଥା ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି।

ପରିବାରଲୋକଙ୍କ ସୂଚନାନୁଯାୟୀ, କେନ୍ଦ୍ରାପଡ଼ା ଅଞ୍ଚଳର ପ୍ରକାଶ କୁମାର କାଣ୍ଡି (୩୫) ପାରିବାରିକ ଅଶାନ୍ତି ଯୋଗୁଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାରଲୋକେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇ ଯାଉଥିଲେ। ଆଜି ଦିନ ପ୍ରାୟ ୧୨ଟାରେ ଆମ୍ବୁଲାନ୍ସଟି କାଠଯୋଡ଼ି ପୋଲ ଉପରେ ଯାଉଥିବା ବେଳେ ହଠାତ୍ ଗାଡ଼ିଟି ବନ୍ଦ ହୋଇଯାଇଥିଲା। ଗାଡ଼ିରୁ ତେଲ ସରିଯାଇଥିବା ଜଣାପଡ଼ିଥିଲା। ବିଳମ୍ବ ହେବାରୁ ପ୍ରକାଶଙ୍କ ଅବସ୍ଥା ଅଧିକ

**କାଠଯୋଡ଼ି ପୋଲ ଉପରେ ଅଭାବନୀୟ ଘଟଣା**

**ଆମ୍ବୁଲାନ୍ସରୁ ସରିଗଲା ତେଲ, ଅକ୍ସିଜେନ୍ ନ ଥିବା ଅଭିଯୋଗ**

**ଅଧବାଟରେ ରୋଗୀଙ୍କ ସହ ହନ୍ତସନ୍ତ ହେଲେ ପରିବାରଲୋକେ**

ବିଗିଡ଼ିବାରେ ଲାଗିଥିଲା। ଆମ୍ବୁଲାନ୍ସରେ ଅକ୍ସିଜେନ୍ ମଧ୍ୟ ଶେଷ ହୋଇଯାଇଥିବା ପରିବାରଲୋକେ ଗୁରୁତର ଅଭିଯୋଗ କରିଛନ୍ତି। ଆମ୍ବୁଲାନ୍ସ ଚାଳକ ତୁରନ୍ତ ଅନ୍ୟ ଏକ ଆମ୍ବୁଲାନ୍ସ ଡକାଇ ରୋଗୀଙ୍କୁ ହସ୍ପିଟାଲ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଧବାଟରେ ଗାଡ଼ି ଅଟକିବା ଯୋଗୁଁ ଯେଉଁ ସମୟ ନଷ୍ଟ ହେଲା, ସେଥିପାଇଁ ପ୍ରକାଶଙ୍କ ଜୀବନ ▶ପୃଷ୍ଠା-୭

ଓଡ଼ିଶାରେ ଏସଆଇଆର

## ସେପ୍ଟେମ୍ବର ୬ରେ ଚୂଡାନ୍ତ ଭୋଟର ସୂଚୀ



**୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ**

**ନିଯୁକ୍ତ ହୋଇଛନ୍ତି ୪୫ ହଜାର ୨୫୫ ଜଣ ବିଏଲ୍ଓ**

**ରାଜନୈତିକ ଦଳ ନିଯୁକ୍ତ କଲେଣି ୨୭ ୭୨୩ ବିଏଲ୍ଏ**

■ ଭୁବନେଶ୍ୱର, ୧୫।୫ (ସମିସ): ରାଜ୍ୟର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପାଇଁ ୧ ଜୁଲାଇକୁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ୨୦ ମେ'ରୁ ୨୯ ମେ' ପର୍ଯ୍ୟନ୍ତ ପ୍ରିଣ୍ଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବା ସହ ୩୦ ମେ'ରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଲନ କହିଛନ୍ତି। ରାଜ୍ୟରେ ହେବାକୁ ଥିବା ଏସ୍ଆଇରର ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଏସ୍ଆଇଆର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଶେଷ ହୋଇଛି। ଏହି କ୍ରମରେ ୩୦ ମେ'ରୁ ୨୮ ଜୁନ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବା ସହ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ପରେ ୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବାବେଳେ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୬ ସେପ୍ଟେମ୍ବରରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଏସ୍ଆଇଆର୍ ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧ ପ୍ରତିଶତ ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସ୍ଆଇଆର୍ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ଏସ୍ଆଇଆର୍ ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇ ▶ପୃଷ୍ଠା-୭

## ମହଙ୍ଗା ଭତ୍ତା ୨% ବୃଦ୍ଧି

**ଜାନୁଆରୀରୁ ପିଛିଲା ଭାବେ ଲାଗୁ**

■ ଭୁବନେଶ୍ୱର, ୧୫।୫ (ସମିସ): ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ୨ ପ୍ରତିଶତ ବୃଦ୍ଧି ହୋଇଛି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ୨୦୨୬ ଜାନୁଆରୀ ପହିଲାରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମେ' ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନ ଭୋଗୀ ମାନଙ୍କ ଟିଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ମେ' ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହା ଦ୍ୱାରା ରାଜ୍ୟର ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଜୁନ୍ ୨୧ରେ ପୁଣି ନିଟ୍ ପରୀକ୍ଷା

**ଆସନ୍ତାବର୍ଷରୁ କାଗଜ-କଲମ ବଦଳରେ କଂପ୍ୟୁଟର ଜରିଆରେ ହେବ ପରୀକ୍ଷା: କେନ୍ଦ୍ର ଶିକ୍ଷାମନ୍ତ୍ରୀ**



■ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ଆସନ୍ତା ଜୁନ୍ ୨୧ ତାରିଖରେ ପୁଣି ଥରେ ଅନୁଷ୍ଠିତ ହେବ ବୋଲି ନିଟ୍ ପରୀକ୍ଷା। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଆଗାମୀ ବର୍ଷରୁ ନିଟ୍ ପରୀକ୍ଷାକୁ କାଗଜ-କଲମ ବଦଳରେ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର (ସିବିଟି) ମାଧ୍ୟମରେ କରାଯିବ। ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକାଯାଇପାରିବ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ରାଧାକୃଷ୍ଣନ କମିଟିର ସୁପାରିସ ପାଳନ କରାଯାଇଥିଲେ ମଧ୍ୟ ସୁରକ୍ଷା ବ୍ୟବସ୍ଥାରେ କିଛି ଅସୁବିଧା ଯୋଗୁଁ ପ୍ରଶ୍ନପତ୍ର ଲିକ୍ ହୋଇଛି। 'ଅନୁମାନ ପ୍ରଶ୍ନପତ୍ର' (ଗେସ୍ ପେପର) ନାମରେ ଅଭିଯୁକ୍ତମାନେ ପ୍ରକୃତ ପରୀକ୍ଷା ପ୍ରଶ୍ନପତ୍ରକୁ ପୂର୍ବରୁ ବାଣ୍ଟି ଦେଇଥିଲେ। ଗତ ମେ ୩ ତାରିଖରେ ପରୀକ୍ଷା ହୋଇଥିବା ବେଳେ ମେ ୭ ତାରିଖ ସୁଦ୍ଧା ଅଭିଯୋଗ ଆସିଥିଲା ଏବଂ ମେ ୧୨ ତାରିଖରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା କଥା ସ୍ପଷ୍ଟ ହୋଇଥିଲା। ଏହାପରେ ପରୀକ୍ଷାକୁ ବାତିଲ କରାଯାଇଥିଲା। ଏହି ଘଟଣାରେ ଜାତୀୟ ପରୀକ୍ଷା ସଂସ୍ଥାର କୌଣସି ସଦସ୍ୟ ସମ୍ପୃକ୍ତ ଅଛନ୍ତି କି ନାହିଁ, ତାହାର ତଦନ୍ତ ସିବିଆଇ କରିବ। କଠିନ ପରିଶ୍ରମ କରୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ଯେପରି ଅନ୍ୟାୟର ଶିକାର ନ ହୁଅନ୍ତି, ସେଥିପାଇଁ ଆଗାମୀ ବର୍ଷରୁ ନିଟ୍ ପରୀକ୍ଷାକୁ କାଗଜ-କଲମ ବଦଳରେ ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର (ସିବିଟି) ମାଧ୍ୟମରେ କରାଯିବ। ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ସମ୍ପୂର୍ଣ୍ଣ ରୋକାଯାଇପାରିବ। ଏହାଦ୍ୱାରା ପରୀକ୍ଷା ପରିଚାଳନାରେ ▶ପୃଷ୍ଠା-୭

## ପିକ୍‌ଅପ୍ ଡ୍ରାଇଭରକୁ ପିଟିପିଟି ମାରିଦେଲେ

**୩ ଜଣ ଟ୍ରକ୍ ଚାଳକ ଗିରଫ**

■ରାଉରକେଲା, ୧୫।୫ (ସମିସ): ସୁନ୍ଦରଗଡ ଜିଲ୍ଲାର ଭସ୍ମା ଅଞ୍ଚଳରେ ଜଣେ ପିକ୍‌ଅପ୍ ଭ୍ୟାନ ଚାଳକକୁ ଅନ୍ୟ ଟ୍ରକ୍‌ର ଡ୍ରାଇଭରମାନେ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରି ଦେଇଥିବା ଘଟଣା ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ଚାଳକ ହେଉଛନ୍ତି ସୁନ୍ଦରଗଡ ଗୁଲଥା ଗାଁର ରାଜେଶ ମୁଣ୍ଡା (୩୯)। ଏହି ଘଟଣାରେ ବିହାର ଗୟା କୁରକୁଡିଗା ଗାଁର ମୁକେଶ ଯାଦବ(୩୫) ନାମକ ଅନ୍ୟ ଜଣେ ଟ୍ରକ୍ ଚାଳକ ଗୁରୁତର ଭାବେ ଆହତ ହୋଇ ସୁନ୍ଦରଗଡ ସଦର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ଭସ୍ମା ଥାନା ପୁଲିସ ରାଜେଶ ମୁଣ୍ଡାଙ୍କ ହତ୍ୟା ଅଭିଯୋଗରେ ଆହତ ମୁକେଶ ଯାଦବର ଭାଇ ମନୀଷ କୁମାର ଯାଦବ, ବିକାଶ କୁମାର ଏବଂ ଅମ୍ରିତ ଲାଲ ନାମକ ୩ ଜଣ ଟ୍ରକ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

ସୂଚନାନୁଯାୟୀ, ପିକ୍‌ଅପ୍ ଭ୍ୟାନର ଚାଳକ ରାଜେଶ ମୁଣ୍ଡା ଟାୟାର ପଙ୍କଚର୍ ତିଆରି କରି ସୁନ୍ଦରଗଡ଼ ଫେରୁଥିବା ବେଳେ ଭସ୍ମା ଥାନା ଅନ୍ତର୍ଗତ ସୁରୁଡା ଛକରେ ଚାଲି ଚାଲି ଯାଉଥିବା ଏକ ଟ୍ରକ୍‌ର ଚାଳକ ମୁକେଶ ଯାଦବଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉପସ୍ଥିତ ଅନ୍ୟ ଟ୍ରକ୍‌ର ଚାଳକମାନେ ପିକ୍‌ଅପ୍ ଭ୍ୟାନର ଚାଳକ ରାଜେଶ ମୁଣ୍ଡାଙ୍କୁ ବିଧା, ଗୋଇଠା, ଧକ୍କା ମାରି ତଳେ ପକାଇ ଦେଇଥିଲେ। ପରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରାଜେଶ ମୁଣ୍ଡା ଓ ମୁକେଶ ଯାଦବଙ୍କୁ ସୁନ୍ଦରଗଡ଼ ଏନଟିପିସି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ରାଜେଶ ମୁଣ୍ଡାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପିକ୍‌ଅପ୍ ଭ୍ୟାନର ମାଲିକ ▶ପୃଷ୍ଠା-୭

**ସକ୍ରିୟ ହେଉଛି ଏଲ୍-ନିନୋ**

## ଏସନ ଧୋକା ଦେବ ମୌସୁମୀ

**ସଅଳ ଆସିବ; କମ୍ ବର୍ଷିବ**

■ ଭୁବନେଶ୍ୱର, ୧୫।୫ (ସମିସ): ଚଳିତ ମାସ ୨୬ ତାରିଖରେ ମୌସୁମୀ କେରଳ ଛୁଇଁବ ଓ ବଙ୍ଗୋପସାଗରରେ ଲଘୁଚାପ ମୌସୁମୀର ଅଗ୍ରଗତିକୁ ସୁଗମ କରିବ। ତେଣୁ ପୂର୍ବବର୍ଷ ତୁଳନାରେ ମୌସୁମୀ ଆଗୁଆ ଆସିବ ସିନା, ବର୍ଷା ଋତୁରେ କମ୍ ବର୍ଷିବ। ଏ ବର୍ଷ ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ପର୍ଯ୍ୟନ୍ତ ବର୍ଷାର ପରିମାଣ ଓ ମୌସୁମୀର ମିଜାଜକୁ ନେଇ ଆହ୍ୱାନପୂର୍ଣ୍ଣ ସ୍ଥିତି ସୃଷ୍ଟି ହେବ ବୋଲି ଆଶଙ୍କା କରିଛନ୍ତି ପାଣିପାଗ ବିଭାଗ। ଏମିତି କି ଚଳିତ ବର୍ଷ ମୌସୁମୀ ଋତୁରେ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ମାଟି ଆର୍ଦ୍ରତା ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ଆଗକୁ



ସୃଷ୍ଟି ହେବାକୁ ଥିବା ଏଲ୍-ନିନୋ ସ୍ଥିତି ଯୋଗୁଁ ଏଭଳି ଆଶଙ୍କା ପ୍ରକାଶ ପାଇଛି।

ବିଶ୍ୱସ୍ତରୀୟ ପାଣିପାଗ ସଂସ୍ଥାଗୁଡ଼ିକ ପକ୍ଷରୁ ଜାରି ରିପୋର୍ଟଗୁଡ଼ିକୁ ବିଶ୍ଲେଷଣ କରି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ "ଏଲ୍-ନିନୋ ୱାଚ୍' ସ୍ଥିତି ଜାରି କରାଯାଇଛି। ଏହା ସ୍ପଷ୍ଟ କରୁଛି ଯେ ବାୟୁମଣ୍ଡଳୀୟ ସ୍ଥିତି ଏବେ "ଏଲ୍-ନିନୋ' ଅବସ୍ଥାକୁ ପରିବର୍ତ୍ତିତ ହେବା ଏକପ୍ରକାର ନିଶ୍ଚିତ। ସମ୍ଭବତଃ ଜୁନ୍ ୨୦୨୬ ସୁଦ୍ଧା ଏହା ବିକଶିତ ହେବ। ବାୟୁମଣ୍ଡଳୀୟ ଏବଂ ସାମୁଦ୍ରିକ ସୂଚକାଙ୍କ ଅନୁଯାୟୀ ମେ-ଜୁଲାଇ ୨୦୨୬ ମଧ୍ୟରେ ଏହା ଘଟିବାର ୮୨ ପ୍ରତିଶତ ସମ୍ଭାବନା ରହିଛି। ବାର୍ଷିକ ଚକ୍ରକୁ ଅନୁଧ୍ୟାନ କଲେ ଜଣାପଡୁଛି ଯେ ୨୦୨୬-୨୭ ଶୀତ ଋତୁ ବେଳକୁ ଏଲ୍-ନିନୋ ଅଧିକ ସକ୍ରିୟ ଓ ଶକ୍ତିଶାଳୀ ହେବାର ପ୍ରାୟ ୯୬ ପ୍ରତିଶତ ସମ୍ଭାବନା ରହିଛି। ପ୍ରଶାନ୍ତ ମହାସାଗରରୁ ମିଳୁଥିବା ▶ପୃଷ୍ଠା-୭

## ୨୬ରେ କେରଳ ଛୁଇଁବ

■ନୂଆଦିଲ୍ଲୀ, ୧୫।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଶୁକ୍ରବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ଚଳିତ ବର୍ଷ ମୌସୁମୀ ନିର୍ଦ୍ଧାରିତ ସମୟ ପୂର୍ବରୁ ଅର୍ଥାତ ମେ ୨୬ ତାରିଖରେ କେରଳ ଛୁଇଁବାର ସମ୍ଭାବନା ରହିଛି। ସାଧାରଣତଃ ଜୁନ୍ ୧ ତାରିଖରେ ମୌସୁମୀ କେରଳରେ ପହଞ୍ଚିଥାଏ, ମାତ୍ର ଏଥର ଏହା କିଛି ଦିନ ପୂର୍ବରୁ ଆସୁଥିବାରୁ ପ୍ରବଳ ଗରମରୁ ଶୀଘ୍ର ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ପାଣିପାଗ ବିଭାଗ ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଶକୁ ଅଗ୍ରସର ହେବା ପାଇଁ ଅନୁକୂଳ ପରିସ୍ଥିତି ରହିଛି। ଗତ ବର୍ଷ ମେ ୨୪ ତାରିଖରେ ମୌସୁମୀ କେରଳ ଛୁଇଁଥିଲା। ଚଳିତ ବର୍ଷ ମେ ୨୬ ତାରିଖର ୪ ଦିନ ପୂର୍ବରୁ କିମ୍ବା ▶ପୃଷ୍ଠା-୭

ସମ୍ବଲପୁରରେ ରବି ଧାନ ସଂଗ୍ରହ

# ବସ୍ତାଏ ଧାନ ଦେଲେନି ଚାଷୀ

ସମ୍ବଲପୁର, ୧୫।୫(ସମିସ)

ଆଜିଠାରୁ ସମ୍ବଲପୁରରେ ଆରମ୍ଭ ହୋଇଛି ରବି ଧାନ ସଂଗ୍ରହ ପ୍ରକ୍ରିୟା। ବରେଇପାଲି ଆରଏମସିରେ ଧାନ ବିକ୍ରୟ ପାଇଁ ଆସିଥିଲେ ଚାଷୀ। କିନ୍ତୁ ସରକାର ଓ ପ୍ରଶାସନକୁ ବିରୋଧ ପ୍ରଶାସନର ବୈଠକ ବିଫଳ ହୋଇଛି। ଟୋକନ ସମସ୍ୟାକୁ ନେଇ ବୈଠକରେ ଚାଷୀମାନେ ଅସନ୍ତୋଷ ଜାହିର କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଶୀଘ୍ର ହୋଇଥାଏ। ଅର୍ଥାତ ଜୁନ ୧୫ ଭିତରେ ଏହା ଶେଷ ହୋଇଥାଏ। ବର୍ଷା ଯୋଗୁଁ ଧାନ ଖଳାରେ ଟୋକନ ଆସିବ ବୋଲି ଜଣାପଡ଼ିଛି। ଚଳିତ ରବି ଋତୁରେ ଚାଷୀମାନଙ୍କୁ ୧୩୦ କ୍ୟୁଣ୍ଟାଲ ବଦଳରେ ପୁଣି ୭୫ କ୍ୟୁଣ୍ଟାଲ ଧାନ ବିକ୍ରି କରିବା ପାଇଁ ଟୋକନ ଦେଇଛନ୍ତି। ଯାହାକୁ ନେଇ ଚାଷୀ ବୈଠକକୁ ବିରୋଧ କରିଥିଲେ। ଗତ ଖରିଫ ଧାନ ସଂଗ୍ରହବେଳେ ପର୍ଯ୍ୟାୟ କ୍ରମେ ତେଣୁ ଏକ କାଳୀନ ଟୋକ ଆସିଲେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଚାଷୀମାନେ କହିଛନ୍ତି। ଖରିଫ ଧାନ ସଂଗ୍ରହ ପରି ରବି ପାଇଁ ବାରମ୍ବାର ଆନ୍ଦୋଳନ କିମ୍ବା ରାସ୍ତାରୋକ୍ କରି ପାରିବେ ନାହି ବୋଲି ଚାଷୀମାନେ କହିଛନ୍ତି। ଗାଡ଼ି ଭଡ଼ା ଖର୍ଚ୍ଚ ବାବଦକୁ ମଧ୍ୟ ଅଧିକାଂଶ ଚାଷୀଙ୍କୁ





**ଏକକାଳୀନ ଟୋକନ ଦେବାକୁ ଦାବି କଲେ ଚାଷୀ**

**'ଖରିଫ ବେଳେ ସରକାର ଠକିଦେଲେ'**

କରି ବସ୍ତାଏ ହେଲେ ଧାନ ଦେଲେ ନାହିଁ। ଟୋକନ ସମସ୍ୟା ସମାଧାନ ନ ହେବେ ଯାଏ ଧାନ ବିକ୍ରି କରିବେ ନାହି ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ଚଳିତବର୍ଷ ରବି ଧାନ ସଂଗ୍ରହ ଆଜିଠାରୁ ଆରମ୍ଭ ହୋଇଛି। ହେଲେ ଧାନ ସଂଗ୍ରହ ପୂର୍ବରୁ ଚାଷୀ, ମିଲର ଓ ରଖିବା ସମ୍ଭବ ପର ହୋଇନଥାଏ। ତେଣୁ ଡିଏଲପିସି ବୈଠକରେ ଏକ କାଳୀନ ଟୋକନ ଦେବା ପାଇଁ ଚାଷୀମାନେ କହିଥିଲେ। ଯାହାକୁ ନେଇ ଡିଏଲପିସି ବୈଠକରେ ଜିଲ୍ଲା ପ୍ରଶାସନ ମଧ୍ୟ ଆଶ୍ୱସନା ଦେଇଥିଲା। କିନ୍ତୁ ବାସ୍ତବରେ ଖରିଫ ଭଳିଆ ଏବେ ମଧ୍ୟ ପର୍ଯ୍ୟାୟକ୍ରମେ ଟୋକନ ଆସିବ ବୋଲି କୁହାଯାଇଥିଲା। କିନ୍ତୁ ଥରେ ଦୁଇଥର ଆସିବା ପରେ ଟୋକନ ଆସିବା ବନ୍ଦ ହୋଇଯାଇଥିଲା। ସମ୍ବଲପୁରର ଚାଷୀମାନେ ରାସ୍ତା ରୋକ ଠାକୁ ଆରମ୍ଭ କରି ବିଭିନ୍ନ ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ପରେ ମଧ୍ୟ ଟୋକନ ସମସ୍ୟା ସମାଧାନ ହୋଇପାରିନଥିଲା। ଏବେ ପର୍ଯ୍ୟନ୍ତ ପ୍ରାପ୍ୟ ମିଳିପାରିନାହି। ଜଣେ ଚାଷୀ କେତେ ଧାନ ପାଇଁ ପଞ୍ଜିକରଣ କରିଛି ତାହାର ତଥ୍ୟ ଦେବାକୁ ଦାବି କରିଥିଲେ। ଆସନ୍ତା ମଙ୍ଗଳବାର ଦିନ ଜନପ୍ରତିନିଧିଙ୍କୁ ନେଇ ଚାଷୀମାନେ ଏହି ସମସ୍ୟା ବିଷୟରେ ଆଲୋଚନା କରିବେ ବୋଲି ସୂଚନା ରହିଛି।

# ବୀମାଟଙ୍କା ଲୋଭରେ ରଚିଥିଲେ ଚୋରି ନାଟକ

**ସମ୍ବଲପୁର, ୧୫।୫(ସମିସ):** ଜାଲ କାଗଜ ପତ୍ର କରି ଗୋଦାମ ନାମରେ ବୀମା କରାଯାଇଥିଲା। ବୀମା ଟଙ୍କା ପାଇବା ଲୋଭରେ ରଚା ଯାଇଥିଲା ଗୋଦାମରୁ ଚୋରି ନାଟକ। ସମ୍ବଲପୁର ସଦର ଥାନା ପୁଲିସ ଏକ ବଡ଼ ଧରଣର ମିଥ୍ୟା ଚୋରି ଏବଂ ବୀମା ଠକେଇ ମାମଲାର ପର୍ଦ୍ଦାଫାସ



କରିବାରେ ସଫଳ ହୋଇଛି। ବୀମା ଟଙ୍କା ହଡ଼ପ କରିବା ପାଇଁ ଅପରାଧିକ ଷଡ଼ଯନ୍ତ୍ର, ଜାଲିଆତି ଏବଂ ମିଥ୍ୟା ପ୍ରମାଣ ସୃଷ୍ଟି କରିବା ଅଭିଯୋଗରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି କ୍ରମରେ ସଦର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଠେମରାର କନିଷ୍ଠ ବାରିକ ଓ ଚତୁର୍ଭୁଜ ପ୍ରଧାନ ଓରଫ ମଣ୍ଟୁ। ସେମାନଙ୍କ ନିକଟରୁ ବିଭିନ୍ନ ଜାଲ କାଗଜପତ୍ର ଜବତ ହୋଇଛି।

ସୂଚନା ଅନୁସାରେ ଗତ ଏପ୍ରିଲ ୧୩ ତାରିଖରେ ଠେମରା ଗ୍ରାମର କନିଷ୍ଠ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଗତ ୦୯/୧୦ ତାରିଖ ବିଳମ୍ବିତ ରାତିରେ ଗମ୍ଭାରକଟା ସ୍ଥିତ ତାଙ୍କ ଗୋଦାମରୁ ଦୁର୍ବୃତ୍ତମାନେ ୧୫ କାର୍ଟୁନ୍ ତମ୍ବା ତାର ଏବଂ ୧୨୦ କାର୍ଟୁନ୍ ଇଲେକ୍ଟ୍ରିକ୍ ଫ୍ୟାନ୍ ଚୋରି କରିନେଇଛନ୍ତି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ୨୬ ଲକ୍ଷ ଟଙ୍କାରୁ ଅଧିକ ବୋଲି ଦର୍ଶାଯାଇଥିଲା। ଏଥିସହ ପ୍ରମାଣ ନଷ୍ଟ କରିବା ପାଇଁ ଦୁର୍ବୃତ୍ତମାନେ ସିସିଟିଭି ସଂଯୋଗ ବିଚ୍ଛିନ୍ନ କରିଥିବା ସେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ସଦରଥାନାରେ ମାମଲା ରୁଜୁ କରାଯାଇ ଏସ୍.ଆଇ ରୁଦ୍ର ପ୍ରସାଦ ଦାଶ ତଦନ୍ତ ଆରମ୍ଭ

**ଅଭିଯୋଗକାରୀ ସହ ଅନ୍ୟ ଜଣେ ଗିରଫ**

**୨୬ ଲକ୍ଷର ତମ୍ବା ତାର ଓ ଫ୍ୟାନ ଚୋରି ଅଭିଯୋଗ ହୋଇଥିଲା**

**ନିଜେ ସିସିଟିଭି ବନ୍ଦ କରି ତାଲା କାଟିଥିଲେ**

କରିଥିଲେ। ତଦନ୍ତ ବେଳେ ସିସିଟିଭି ଫୁଟେଜ୍, ଟାୱାର ଡମ୍ପ ଏବଂ ସିଡିଆର ଯାଞ୍ଚ କରାଯାଇଥିଲା। ଗୋଦାମରୁ ଜବତ ହୋଇଥିବା କଟା ତାଲାଗୁଡ଼ିକୁ ଗ୍ୟାସ୍ କଟର ସାହାଯ୍ୟରେ ଜାଣିଶୁଣି କଟାଯାଇ ଚୋରିର ମିଥ୍ୟା ରୂପ ଦିଆଯାଇଥିଲା। ଜିଏସ୍‌ଟି, ବୀମା କାଗଜପତ୍ର ଏବଂ କ୍ରୟ ବିଲ୍ ଯାଞ୍ଚ ବେଳେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଥିଲା। ସପ୍ଲାୟର ଏହି ସାମଗ୍ରୀ ବିଷୟରେ କୌଣସି ବୈଧ ରେକର୍ଡ ଦେଖାଇ ପାରିନଥିଲେ। ଅଭିଯୋଗକାରୀ କନିଷ୍ଠ ଏବଂ ତାଙ୍କ ସହଯୋଗୀ ମଣ୍ଟୁ ବୀମା ଟଙ୍କା ପାଇବା ପାଇଁ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଏହି ମିଥ୍ୟା ନାଟକ ରଚିଥିଲେ ବୋଲି ପୁଲିସ ଜାଣିବାକୁ ପାଇଥିଲା। ସଦର ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଗାଡ଼ି ଧକ୍କାରେ ଢାବା ମିସ୍ତ୍ରୀଙ୍କ ମୃତ୍ୟୁ

**ରେଢ଼ାଖୋଲ, ୧୫।୫(ସମିସ):** ସମ୍ବଲପୁରରୁ କଟକ ୫୫ ନଂ ଜାତୀୟ ରାଜପଥର ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ମୋଚିବାହାଲ ପଞ୍ଚାୟତ ଅଧୀନ ଲମ୍ବକ୍ଷେତା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଢାବାରେ ରୋଷେୟା ଭାବେ କାର୍ଯ୍ୟରତ ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ମୋଚିବାହାଲ ପଞ୍ଚାୟତ ଲମ୍ବକ୍ଷେତି ଗାଁ ର ଟୁନୁ ନାଏକ(୫୫)। ସୂଚନା ଯୋଗ୍ୟ ଯେ ସେ ମୋଚିବାହାଲ ନିକଟରେ ଥିବା ଏକ ଢାବାରେ ବୁଧବାର ମଧ୍ୟ ରାତିରେ କାମ ସାରି ଘରକୁ ଫେରୁଥିବା ସମୟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଏଥିରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଗୁରୁବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ରାସ୍ତା ରେ ରକ୍ତାକ୍ତ ହୋଇ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିବା ବେଳେ ଘଟଣା ସ୍ଥଳକୁ ଚାରମାଳ ପୋଲିସ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ସହ ମୃତ ଦେହ ଜବତ୍ କରି ରେଢ଼ାଖୋଲ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍କର୍ପିଓ-ବାଇକ୍ ଧକ୍କା; ୩ ମୃତ

**କୁଚିଣ୍ଡା, ୧୫।୫(ସମିସ):** କୁଚିଣ୍ଡା ଥାନା ନିକଟ ଫରେଷ୍ଟ ପାର୍କ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମହୁଲପାଲି ଥାନା ଅଞ୍ଚଳର କୁସୁମୀ ଜମନକିରା ଗ୍ରାମର ଦୀପକ ମୁଣ୍ଡା, ଶିବ ମୁଣ୍ଡା ଓ ୭ ବର୍ଷୀୟା ଦୀପିକା ମୁଣ୍ଡା ନିଜ ସମ୍ପର୍କୀୟଙ୍କୁ ଦେଖିବା ପାଇଁ କୁଚିଣ୍ଡା ମେଡିକାଲକୁ ଆସିଥିଲେ। ସେମାନେ ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ବାଇକ୍‌ରେ ନିଜ ଗ୍ରାମକୁ ଫେରୁଥିବାବେଳେ କୁଚିଣ୍ଡା ଥାନା ନିକଟ ଫରେଷ୍ଟପାର୍କ ସମ୍ମୁଖରେ ଏକ ସ୍କର୍ପିଓ ସହ ଧକ୍କା ହୋଇଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ବାଇକ୍‌ରେ ଥିବା ତିନିଜଣଙ୍କ ମଧ୍ୟରୁ ଦୀପକ ମୁଣ୍ଡା ଓ ଶିବ ମୁଣ୍ଡାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ହୋଇଥିବା ୭ ବର୍ଷୀୟା ଦୀପିକା ମୁଣ୍ଡାଙ୍କୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ପ୍ରଥମେ କୁଚିଣ୍ଡା ମେଡିକାଲକୁ ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଉଥିଲା। ହେଲେ ମେଡିକାଲ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଜୁଲାଡିହି ଛକରେ ଶିଶୁ କନ୍ୟାର ମୃତ୍ୟୁ ଘଟିଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ଯାନଗୁଡ଼ିକୁ ଜବତ କରି ତଦନ୍ତ କରୁଛି।

## ୪୮ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

**ସମ୍ବଲପୁର, ୧୫।୫ (ସମିସ):** ହୀରାକୁଦ ପୁଲିସ ବେଆଇନ ବିଦେଶୀ ମଦ କାରବାରରେ ଜଣକୁ ଗିରଫ କରିଛି। ସେ ହେଉଛି ହୀରାକୁଦ ଥାନା ଜମାଦାର ପିତାବାସ ବେହେର(୪୮)। ପୁଲିସ ଅଭିଯୁକ୍ତ ନିକଟରୁ ବିଭିନ୍ନ କମ୍ପାନୀର ୪୮ ଲିଟର ବିଦେଶୀ ମଦ ଜବତ କରିଛି।

# ଆଦିତ୍ୟ ଆଲୁମିନିୟମ ସମ୍ପ୍ରସାରଣ ପ୍ରକଳ୍ପକୁ ଜନସାଧାରଣଙ୍କ ସମର୍ଥନ

**ସମ୍ବଲପୁର, ୧୫।୫(ସମିସ):** ଲପଙ୍ଗାସ୍ଥିତ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଆଦିତ୍ୟ ଆଲୁମିନିୟମ୍ ପ୍ଲାଣ୍ଟର ପ୍ରସ୍ତାବିତ ସମ୍ପ୍ରସାରଣ ପାଇଁ ଶୁକ୍ରବାର ଅନୁଷ୍ଠିତ ଜନଶୁଣାଣିରେ ସ୍ଥାନୀୟ ବାସିନ୍ଦା ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ସମର୍ଥନ ଜଣାଇଛନ୍ତି। ନିଯୁକ୍ତି ସୁଯୋଗ ଏବଂ ଅଞ୍ଚଳର ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ସମସ୍ତେ ଏହି ପ୍ରକଳ୍ପକୁ ସର୍ବସମ୍ମତି କ୍ରମେ ସ୍ୱାଗତ କରିଛନ୍ତି। ଆଲୁମିନିୟମ ସ୍ମେଲଟର ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର ପରିବେଶ ମଞ୍ଜୁରୀ ପାଇଁ ଏହି ପ୍ରକ୍ରିୟା କରାଯାଇଥିଲା। ଶୁଣାଣି ସମୟରେ ଲପଙ୍ଗା, ବୋମାଲୋଇ, ଡେରବା, ଖଡ଼ିଆପାଲି, ତିଲେଇମାଲ ଏବଂ ଧରୋପାଣି ଭଳି ନିକଟସ୍ଥ ଗ୍ରାମର ବାସିନ୍ଦାମାନେ ସମ୍ପ୍ରସାରଣ ପ୍ରସ୍ତାବକୁ ଦୃଢ଼ ସମର୍ଥନ କରିଥିଲେ। ଅନେକ ବକ୍ତା ମତ ଦେଇଥିଲେ ଯେ ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି ହେବ ଏବଂ ସମ୍ବଲପୁର ଜିଲ୍ଲାର ଶିଳ୍ପାଞ୍ଚଳରେ ବିକାଶର ଗତି ତ୍ୱରାନ୍ୱିତ ହେବ। କମ୍ପାନୀ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ, ଏହି ସମ୍ପ୍ରସାରଣ ଏକ 'ବ୍ରାଉନଫିଲ୍ଡ ପ୍ରୋଜେକ୍ଟ', ଯାହା ସମ୍ପୂର୍ଣ୍ଣ ରୂପେ ପ୍ଲାଣ୍ଟର ପରିସର ମଧ୍ୟରେ କାର୍ଯ୍ୟକାରୀ ହେବ। ଫଳରେ କୌଣସି ନୂତନ ଜମି ଅଧିଗ୍ରହଣ, ବିସ୍ଥାପନ କିମ୍ବା ଥଇଥାନର ଆବଶ୍ୟକତା ପଡ଼ିବ ନାହିଁ। ଲଉମାଲ ଗ୍ରାମର ବାସିନ୍ଦା ହଳଧର ମାକର କହିଛନ୍ତି ଯେ, ଏହି ସମ୍ପ୍ରସାରଣ ପ୍ରାୟ ୧, ୧୬୯ ଜଣ ଅତିରିକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବ, ଯେଉଁଥିରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ପ୍ରାଧାନ୍ୟ ଦିଆଯିବ। ହିଣ୍ଡାଲକୋ ତରଫରୁ ସମ୍ବଲପୁର ଜିଲ୍ଲାର ୬୩ଟି ଗ୍ରାମର ୧.୪୨ ଲକ୍ଷ ଲୋକ ଉପକୃତ



ଦ୍ୱାରା ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ଓ ବ୍ୟବସାୟିକ ସୁଯୋଗ ବୃଦ୍ଧି ପାଇବ। ଆଲୁମିନିୟମ ସ୍ମେଲଟର କ୍ଷମତା ବାର୍ଷିକ ୬.୮ ଲକ୍ଷ ଟନ୍‌ରୁ ୯.୦ ଲକ୍ଷ ଟନ୍‌କୁ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟର କ୍ଷମତା ୧୨୩୦ ମେଗାୱାଟରୁ ୧୫୩୦ ମେଗାୱାଟକୁ ବୃଦ୍ଧି କରାଯିବ। ଆଦିତ୍ୟ ଆଲୁମିନିୟମର ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ ସୂଚନା ଦେଇଛନ୍ତି ଯେ, ଏହି ପ୍ରକଳ୍ପ ଦ୍ୱାରା ହେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ କମ୍ପାନୀର ଅନେକ କାର୍ଯ୍ୟକ୍ରମ ଚାଲୁ ରହିଛି। ଜନ ଶୁଣାଣିରେ ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଉପ-ଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଓଏସପିସିବି ଆଞ୍ଚଳିକ ଅଧିକାରୀ ଡ. ଏସ. ଏନ. ନନ୍ଦଙ୍କ ସମେତ ଅନ୍ୟାନ୍ୟ ସରକାରୀ ବିଭାଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସମୁଦାୟସ୍ତରୀୟ ହିତାଧିକାରୀ ଅଂଶୀଦାରମାନଙ୍କ ସହିତ ପରାମର୍ଶ ବୈଠକ

**ସମ୍ବଲପୁର, ୧୫।୫(ସମିସ):** ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାକୁ ନେଇ ଏକ ସମୁଦାୟ ସ୍ତରୀୟ ହିତାଧିକାରୀ ଅଂଶୀଦାର ମାନଙ୍କ ସହିତ ପରାମର୍ଶ କେନ୍ଦ୍ରିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ପରାମର୍ଶ ବୈଠକରେ ମନୀଷା ବାରା, ସରକାରୀ ମେଡିକାଲ ଅଫିସର୍ ଡାକ୍ତର ରବି ନାରାୟଣ ମିଶ୍ର, ଡାକ୍ତର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ସମାଜସେବୀ ତଥା ଆଇନଜୀବୀ ପୁଷ୍ପାରାଣୀ ମହାପାତ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଜ୍ଞାନର ସହକାରୀ ପ୍ରଫେସର ଡ. କଲ୍ୟାଣୀ ରଥ, ବରଗଡ଼ ପଞ୍ଚାୟତ କଲେଜ୍‌ର ସମାଜ ବିଜ୍ଞାନର ଅଧ୍ୟାପକ ଦିଲିଶ ମେହେର, ସୁରକ୍ଷା ଅଧିକାରୀ ସମ୍ବଲପୁର ସରିତା ଦାଶ, ଆଞ୍ଚଳିକ ସେବା ସଦନର ସମ୍ପାଦକ ମଧୁସୂଦନ ଚଇନି ଯୋଗ ଦେଇଥିଲେ। ଏହା ସହ ସମ୍ବଲପୁର, ଦେବଗଡ଼ ଓ ବରଗଡ଼ ଜିଲ୍ଲାର ଆଶା ଦିଦି, ଅଙ୍ଗନବାଡି ଦିଦି, ପ୍ରେରଣା ଦିଦି, ସଖୀ କେନ୍ଦ୍ର ଓ ଶକ୍ତି ସଦନର ସଂଯୋଜିକା, ଜିଲ୍ଲାସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ସରପଞ୍ଚ, ବୃଦ୍ଧାଶ୍ରମର ସଂଯୋଜକ, ଜେଣ୍ଡର ସଂଯୋଜିକା, ଜିଲ୍ଲା ହବ୍ ସାମର୍ଥ୍ୟ ସଂଯୋଜକ, ସମାଜସେବୀ, ପୀଡ଼ିତା ପ୍ରମୁଖ ଅଂଶଗ୍ରହଣକାରୀ ସମୁଦାୟ ସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କର ମତାମତ ଉପସ୍ଥାପନା କରିଥିଲେ। ଅଂଶଗ୍ରହଣକାରୀ ମହିଳା ବିରୋଧୀ ହିଂସା ଦୂର କରିବାରେ ସମୁଦାୟ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯାଇ ପାରିଲେ ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସୁରକ୍ଷିତ ଓ ଏକ ସମ୍ମାନ ଜନକ ଜୀବନ ବଞ୍ଚି ପାରିବେ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟର ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଏବଂ ରାଜ କିଶୋର ପଣ୍ଡା ଓ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ଗବେଷିକା ସୋନାଲି କ୍ରିଷ୍ଟା ରାଉତଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଡବ୍ଲୁଓଡିଏଲ୍‌ର 'ପେ ଆଣ୍ଡ ୱିନ୍' ଯୋଜନାରେ ୯୧୨ ଜଣ ଗ୍ରାହକ ପୁରସ୍କୃତ

**ସମ୍ବଲପୁର, ୧୫।୫(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ ଆଜି ଏହାର ତ୍ରୈମାସିକ ପ୍ରମୁଖ ଗ୍ରାହକ ପ୍ରୋତ୍ସାହିତ ପଦକ୍ଷେପ 'ପେ ଆଣ୍ଡ ୱିନ୍' ଯୋଜନାରେ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସହ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ ନୂତନ 'ଗ୍ରାହକ ବିଶ୍ୱସନୀତା' କାର୍ଯ୍ୟକ୍ରମର ଘୋଷଣା କରାଯାଇଛି। କମ୍ପାନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହି ନୂତନ ଯୋଜନାଟିକୁ ଆଜିର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ଅପରେସନ୍ ବିଭାଗର ମୁଖ୍ୟ ପ୍ରଶାନ୍ତ ସିଂ, କମର୍ସିଆଲ୍ ବିଭାଗର ମୁଖ୍ୟ ପି.ପି. ତେନ୍ଦୁଲକର ଏବଂ ଏମ୍ଏମଜି ବିଭାଗର ମୁଖ୍ୟ ରୁପେଶ ଗୋୟେଲ୍ ପ୍ରମୁଖ ଉପସ୍ଥିତ ରହିଥିଲେ।

**ନୂତନ ଯୋଜନାରେ ଟୁର୍ ଆଣ୍ଡ ଟ୍ରାଭେଲ୍, ହେଲ୍ଥକେୟାର୍ ଏବଂ ୱାଣ୍ଡେର୍ଲା ଟିକେଟରେ ରିହାତି**

ପେ ଆଣ୍ଡ ୱିନ୍ ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୯୩ ହାଜର ୩୯୭ ଜଣ ବିଦ୍ୟୁତ୍ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର-ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲୁଓଡିଏଲର ୫୭ଟି ବିଦ୍ୟୁତ୍ ଉପଖଣ୍ଡରୁ ମୋଟ୍ ୯୧୨ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଛି। ଯୋଜନା ଅନୁସାରେ ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ଚୟନ କରାଯିବ। ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବାବେଳେ ଦ୍ୱିତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ୍ ସ୍ପିକର୍, ତୃତୀୟ ପୁରସ୍କାର ଭାବେ ତିନି ଜଣ ବିଜେତାଙ୍କୁ ତିନୋଟି ସ୍ମାର୍ଟୱାଚ୍ ଏବଂ ଚତୁର୍ଥ ପୁରସ୍କାର ଭାବେ ଦଶଜଣ ବିଜେତାଙ୍କୁ ଦଶଟି ନେକବ୍ୟାଣ୍ଡ ଇୟର ଫୋନ୍ ଉପହାର ମିଳୁଛି। ତେବେ ଏହି ଯୋଜନା ପାଇଁ ବଲାଙ୍ଗିରରୁ ୧୭୬ ଜଣ, ବରଗଡ଼ରୁ ୧୪୪ ଜଣ, କଳାହାଣ୍ଡିରୁ ୧୬୦ ଜଣ, ରାଉରକେଲାରୁ ୨୦୮ ଜଣ ବିଜେତା, ଏବଂ ସମ୍ବଲପୁରରୁ ୨୨୪ ଜଣ ବିଜେତାଙ୍କୁ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା। ଏହି ଯୋଜନା ସହିତ, ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଏକ ନୂତନ 'ଗ୍ରାହକ ବିଶ୍ୱସନୀତା' କାର୍ଯ୍ୟକ୍ରମର ମଧ୍ୟ ଆଜି ଶୁଭାରମ୍ଭ କରାଯାଇଛି। ମାଧ୍ୟମରେ ଫ୍ୟାଶନ୍, ଟୁର୍ ଏବଂ ଟ୍ରାଭେଲ୍, ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟସେବା ଏବଂ ବେକ୍ରି ସେବା ଉପରେ ସ୍ୱତନ୍ତ୍ର ଅଫର୍ ଏବଂ ରିହାତି ପାଇପାରିବେ। ଏହା ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନେ ଭୁବନେଶ୍ୱର ସ୍ଥିତ 'ୱାଣ୍ଡେର୍ଲା ଆମ୍ୟୁଜମେଣ୍ଟ ପାର୍କ'ର ନିୟମିତ ଟିକେଟ୍ ମୂଲ୍ୟରେ ୩୦ ପ୍ରତିଶତ ରିହାତିର ଏକ ସ୍ୱତନ୍ତ୍ର ଅଫର ମଧ୍ୟ ଉପଭୋଗ କରିପାରିବେ। ଗ୍ରାହକମାନେ ବୁକିଂ କାଉଣ୍ଟରରେ ସେମାନଙ୍କର ବିଦ୍ୟୁତ୍ ବିଲର ଏକ କପି ଉପସ୍ଥାପନ କରି ଏହି ଲାଭ ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ମେ' ୨୦ରେ ଔଷଧ ଦୋକାନ ବନ୍ଦ ନେଇ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର

**ସମ୍ବଲପୁର, ୧୫।୫(ସମିସ):** ସମ୍ବଲପୁର ଜିଲ୍ଲା କେମିଷ୍ଟସ ଓ ଡ୍ରଗିଷ୍ଟସ୍ ଆସୋସିଏସନ, ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ (ଇଉସିଡିଏ)



ଓ ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ ଅଫ୍ କେମିଷ୍ଟ ଏବଂ ଡ୍ରଗିଷ୍ଟ (ଆଇଓସିଡି)ର ଏକ ଜିଲ୍ଲା ସହବନ୍ଧିତ ଶାଖା ଅଟେ। ସର୍ବଭାରତୀୟ ଔଷଧ ବ୍ୟବସାୟୀ ସଙ୍ଘ ସାରା ଦେଶରେ ୧୨ ଲକ୍ଷ ୪୦ ହଜାରରୁ ଅଧିକ କେମିଷ୍ଟ ଏବଂ ବିତରକଙ୍କୁ ପ୍ରତିନିଧିତ୍ୱ କରୁଛି ଏବଂ ସାରା ଦେଶରେ ୫ କୋଟିରୁ ଅଧିକ ପରିବାରର ଔଷଧ ବ୍ୟବସାୟ ଜରିଆରେ ପ୍ରତିପୋଷଣର ଦାୟିତ୍ୱ ବହନ କରୁଛି। କେନ୍ଦ୍ର ଏବଂ ରାଜ୍ୟସ୍ତରରେ ବିଭିନ୍ନ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବାରମ୍ବାର ଆପତ୍ତି ଏବଂ ଅଭିଯୋଗ ସତ୍ତ୍ୱେ, ଔଷଧ ବ୍ୟବସାୟ ଏବଂ ଜନସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇପାରିନାହିଁ। ଏହି ପରିପ୍ରେକ୍ଷୀରେ, ଜାତୀୟ ସଂଗଠନ, (ଏଆଇଓ ସିଡି) ଉକ୍ତ ଦୀର୍ଘକାଳୀନ ନୀତି ପ୍ରତିବାଦରେ ଚଳିତ ମାସ ୨୦ ତାରିଖରେ ଏକଦିନିଆ ଔଷଧ ବ୍ୟବସାୟ ବନ୍ଦ ଡାକରା ଦେଇଛି। ଏହି ଦିନ ସମ୍ବଲପୁର ଜିଲ୍ଲାସମସ୍ତ ଔଷଧ ବ୍ୟବସାୟ ବନ୍ଦ ରଖିବା ପାଇଁ ସମ୍ବଲପୁର ଜିଲ୍ଲା ଔଷଧ ବ୍ୟବସାୟୀ ସଙ୍ଘର ସଭାପତି ଶିବ ପ୍ରସାଦ ଓ ସାଧାରଣ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱରେ ପ୍ରଶାନ୍ତ ରଥ, ଜ୍ୟୋତିର୍ମୟ ପଣ୍ଡା, ଚନ୍ଦ୍ର କୁମାର ଅଗ୍ରୱାଲ ପ୍ରମୁଖ ସଦସ୍ୟ ସମ୍ବଲପୁର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

# ବାମରାରେ ବିଜେଡିର ବିକ୍ଷୋଭ, ବିଭିନ୍ନ ସମସ୍ୟାନେଇ ବ୍ଲକ୍ ଘେରାଉ

**କୁଚିଣ୍ଡା, ୧୫।୫(ସମିସ):** ନବୀନଙ୍କ ପ୍ରତି ବିଜେପିର ଦୁର୍ବ୍ୟବହାର ପ୍ରତିବାଦ ଘଟଣାକୁ କେନ୍ଦ୍ର କରି ଆଜି ବିଜୁ ଜନତା ଦଳ ପକ୍ଷରୁ ବାମରା ଠାରେ ଏକ ବିଶାଳ ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେହିପରି ବାମରା ଅଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ମଧ୍ୟ ଦଳ ପକ୍ଷରୁ ଜୋରଦାର ପ୍ରତିବାଦ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ପରିଷଦ ସଭାନେତ୍ରୀ କୁମୁଦିନୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ଜିଲ୍ଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ଟୋପ୍ପୋ, ଅଜିତ ମହାପାତ୍ର, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିସାନ, ବାମରା ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାହୁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି ଅବସରରେ ବାମରାରେ ଦୀର୍ଘଦିନ ଧରି ଲମ୍ବି ରହିଥିବା ରେଳ ଓଭରବ୍ରିଜ ସମସ୍ୟା, ବ୍ଲକରେ ବଢୁଥିବା ଦୁର୍ନୀତି, ହିତାଧିକାରୀମାନଙ୍କୁ ଆବାସ ଓ ଭତ୍ତା ପ୍ରଦାନରେ ବିଳମ୍ବ, ନିଟ୍ ପେପର ଲିକ୍ ଘଟଣା, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ସହ ମହିଳା



ଆରକ୍ଷଣ ପ୍ରସଙ୍ଗକୁ ନେଇ ବ୍ଲକ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଶାସନଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

ବିହାରରୁ ଆସୁଥିଲା ବନ୍ଧୁକ

# ସମ୍ବଲପୁରରେ ବିକୁଥିଲେ ରେଳ କର୍ମଚାରୀ

ସମ୍ବଲପୁର, ୧୫।୫(ସମିସ)

ବାବୁ ରେଳ ବିଭାଗରେ ଚାକିରି କରିଥିଲେ। ଚାକିରି ପରେ ପରେ ବେଆଇନ ବନ୍ଧୁକ ଡିଲର ସାଜି ସବୁଆଡେ ଚୋରା ଚାଲାଣ କରୁଥିଲେ। ସମ୍ବଲପୁର ପୁଲିସ ବେଆଇନ ବନ୍ଧୁକ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି। ମୋଟ୍ ୫ଟି ଦେଶୀ ବନ୍ଧୁକ ସହ ୧୯ ଗୁଳି ଜବତ କରିଥିବା ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୂ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କ୍ଷେତରାଜପୁର ଓ ଅଇଁଠାପାଲି ଥାନାରେ ଏହାକୁ ନେଇ ଗୋଟାଏ ଲେଖାଏଁ ମାମଲା ରୁଜୁ ହୋଇଛି। ଅଇଁଠାପାଲି ଥାନା ପୁଲିସ ଦାନିପାଲିର ବିନୟ ପ୍ରଧାନ(୩୫), ବଡ଼ବଜାରର ବିକ୍ରମ ପଟ୍ଟନାୟକ(୫୦), ସାକ୍ଷିପଡ଼ାର ଲାଲ ମୋହନ ଯାଦବ(୪୮) ଓ ଦାନିପାଲି ପ୍ରଗତି ବିହାରର ଭରତ ସୁନା(୬୪)କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪ଟି ଦେଶୀ ବନ୍ଧୁକ ଓ ୧୬ ଟି ଗୁଳି ଜବତ କରିଛି। ସେହିପରି କ୍ଷେତରାଜପୁର ପୁଲିସ ବରଗଡ଼ ଅତାବିରା ଥାନା ଅଞ୍ଚଳର ନୁରୁଲ ହୁଡ଼ା(୪୭)କୁ ଗିରଫ କରିବା ସହ ଗୋଟାଏ ବନ୍ଧୁକ ଓ ୩ଟି ଗୁଳି ଜବତ





କରିଛି। ସୂଚନା ଅନୁସାରେ ବର୍ତ୍ତମାନ ରାଜ୍ୟରେ ବେଆଇନ ବନ୍ଧୁକ ଧରିବା ପାଇଁ ଅଭିଯାନ ଜାରି ରହିଛି। ଏହି କ୍ରମରେ ସମ୍ବଲପୁରର ସମସ୍ତ ଥାନାରେ ଏହି ଅପରେସନ ଜାରି ରହିଛି। ଗିରଫ ହୋଇଥିବା ଭରତ ସୁନା ରେଳ ବିଭାଗରେ କାମ କରୁଥିଲେ। ସେ ବିହାରରୁ ବନ୍ଧୁକ ଆଣି ବିକ୍ରମକୁ ଦେଉଥିଲେ। ପରେ ଏହି ଡିଲ ପଶ୍ଚିମ ଓଡ଼ିଶା ସାରା ବ୍ୟାପୁଥିଲା। ଝାରସୁଗୁଡ଼ା, ରାଉରକେଲା ବିଭିନ୍ନ ଜିଲ୍ଲାରେ ଯାହାର ବନ୍ଧୁକ ଦରକାର ଥିଲା ସେମାନେ ବିକ୍ରମକୁ ଯୋଗାଯୋଗ କରୁଥିଲେ। ବିକ୍ରମ ନାମରେ ପୂର୍ବରୁ ୬ ଟି ମାମଲ ରହିଛି। ନିଜ ସୁରକ୍ଷା ଠାରୁ ଆରମ୍ଭ କରି ଅପରାଧିକ କାର୍ଯ୍ୟକଳାପ ପାଇଁ ଏହି ବନ୍ଧୁକ କିଣା ଯାଉଥିଲା। ୪୦ ହଜାରରୁ ଆରମ୍ଭ ହୋଇ ଦାମ ୭୦ ହଜାର ପର୍ଯ୍ୟନ୍ତ ଯାଉଥିଲା। ଧନୁପାଲି ଥାନା ଅଧିକାରୀ, ଅଇଁଠାପାଲି ଥାନା ଅଧିକାରୀ, କ୍ଷେତରାଜପୁ ଥାନା ଅଧିକାରୀ ମିଳିତ ଭାବେ ଚଢଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ପୁଲିସ ବନ୍ଧୁକ ଗୁଳି ସହ ଏକ କାର୍‌ଜବତ କରିଛି। ଆଗକୁ ରିମାଣ୍ଡରେ ଆଣିଲେ ଅଧିକ ତଥ୍ୟ ସାମ୍ନାକୁ ଆସିବ ବୋଲି ଏସ୍‌ପି କହିଛନ୍ତି।

**ମୁଖ୍ୟ ଅଭିଯୁକ୍ତ ସମେତ ୫ ଗିରଫ**

**୫ ଦେଶୀ ବନ୍ଧୁକ ଓ ୧୯ ଗୁଳି ଜବତ**

**୪୦ ହଜାରରୁ ଆରମ୍ଭ ହେଉଥିଲା ବିକ୍ରି**

■ ଶ୍ରମିକଙ୍କ ପାଉଣା ଓ ଷ୍ଟ୍ରିଟ୍ ଲାଇଟ ମରାମତି ଦାବି

# ପଞ୍ଚାୟତ ଅଫିସ ଆଗରେ ଶୋଇଲେ ୱାର୍ଡ ମେମ୍ବର

**ବଣାଇଁ, ୧୫।୫ (ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଅଚଳ ଷ୍ଟ୍ରିଟ ଲାଇଟର ମରାମତି ଓ ଡ୍ରେନ ସଫା ସୁତୁରା କରିଥିବା ଶ୍ରମିକମାନଙ୍କର ପାଉଣା ପ୍ରଦାନ ଦାବି କରି ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରେ ଆଜି ୱାର୍ଡ ମେମ୍ବର ସୁମନ ନାଏକ ଶୋଇ ରହି ପ୍ରତିବାଦ କରିଛନ୍ତି। ଯାହାଦ୍ୱାରା ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଦୀର୍ଘ ଦିନ ହେବ କେନ୍ଦ୍ରିକଳା ଛକରୁ ମଧୁପୁର ଛକ ପର୍ଯ୍ୟନ୍ତ ରାସ୍ତା କଡରେ ଲାଗିଥିବା ଷ୍ଟ୍ରିଟ ଲାଇଟ ଗୁଡିକ ଅଚଳ ହୋଇପଡ଼ିଛି। ଯାହା ଫଳରେ ରାତିରେ ଯିବା ଆସିବା କରିବାରେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ଯୋଗୁଁ ଏହାରି ସୁଯୋଗ ନେଇ ଦୁର୍ବୃତ୍ତମାନେ ବିଭିନ୍ନ ସରକାରୀ ସମ୍ପତ୍ତିକୁ ଭାଙ୍ଗି ନଷ୍ଟ କରି ଦେଉଛନ୍ତି। କେନ୍ଦ୍ରିକଳା ଛକରେ ଥିବା ଆଇ ଲଭ କେନ୍ଦ୍ରିକଳାକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛି। ତେଣୁ ଷ୍ଟ୍ରିଟ୍ ଲାଇଟ୍ ଗୁଡିକ ମରାମତି କରାଯିବା ସହ ଡ୍ରେନ୍ ସଫା କରୁଥିବା ଶ୍ରମିକଙ୍କୁ ପ୍ରଦାନ କରାଯାଇ ନଥିବା ପାଉଣାକୁ ତୁରନ୍ତ ପ୍ରଦାନ କରିବାକୁ ସେ ଦାବି କରିଥିଲେ। କେନ୍ଦ୍ରିକଳା ଭାରପ୍ରାପ୍ତ ସରପଞ୍ଚ ଲବଙ୍ଗ ପାତ୍ର ଆଇ ଲଭ୍ କେନ୍ଦ୍ରିକଳାକୁ ଭାଙ୍ଗିବା ଘଟଣାରେ କ୍ଷୋଭ ପ୍ରକାଶ କରିବା ସହ ଦୁର୍ବୃତ୍ତମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀପକ କିସାନଙ୍କୁ ଯୋଗାଯୋଗ କରିବାରୁ ୭ ଦିନ ଭିତରେ ଶ୍ରମିକଙ୍କ ପାଉଣା ଦେବା ସହ ଷ୍ଟ୍ରିଟ୍ ଲାଇଟ୍ ମରାମତି କରିବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ପେଟ୍ରୋଲ, ଡିଜେଲ ଅଭାବ

# ୧୦୮ ଓ ଜନନୀ ସେବା ଠପ୍






## ଭଡା ଗାଡ଼ିରେ ଡାକ୍ତରଖାନା ଯାଉଛନ୍ତି ରୋଗୀ

**ରାଉରକେଲା/ବଣାଇଁ, ୧୫।୫(ସମିସ)**

ରାଉରକେଲା ସହରରେ ପେଟ୍ରୋଲ, ଡିଜେଲ୍‌ର ଅଭାବ ରୋଗୀଙ୍କ ସେବା ଉପରେ ଗଭୀର ପ୍ରଭାବ ପକାଇଛି। ଅଧିକାଂଶ ପେଟ୍ରୋଲ ପମ୍ପରେ ଡିଜେଲ ମିଳୁନଥିବାରୁ ତଥା ଖୁବ୍‌କମ ଡିଜେଲ ଦିଆଯାଉଥିବାରୁ ସାଧାରଣ ଆମ୍ବୁଲାନ୍ସ ଏବଂ ୧୦୮ ଆମ୍ବୁଲାନ୍ସ ଗଡ଼ିବା କଷ୍ଟକର ହୋଇପଡଛି। କେଉଁଠି ୧୦୮ ଆମ୍ବୁଲାନ୍ସକୁ ଫୋନ କଲେ ଡିଜେଲ ନାହିଁ ବୋଲି କହି ମନା କରିଦେଉଛି ତ ଆଉ କେଉଁଠି ହସ୍ପିଟାଲ ଯିବା ଅଧା ରାସ୍ତାରେ ରୋଗୀଙ୍କୁ ଓହ୍ଲାଇବାକୁ ପଡୁଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ଡିଜେଲ ଅଭାବ ଆମ୍ବୁଲାନ୍ସ ଗୁଡିକ ଉପରେ ପଡ଼ିଛି। ଗୁରୁତର ରୋଗୀ ନେବା ପାଇଁ କଲ୍ କଲେ ରେସ୍ପଣ୍ଡ ମିଳୁ ନଥିବା ସୂଚନା ମିଳିଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଉପଖଣ୍ଡରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଦୁର୍ଘଟଣା ପ୍ରବଣ ବୀରମିତ୍ରପୁର, ରାଜଗାଙ୍ଗପୁର, କୁତ୍ରା, ବଣାଇଁ, ଲହୁଣିପଡ଼ା, କୋଇଡା ଆଦି ଅଞ୍ଚଳରେ ଗତ ଏକ ସପ୍ତାହ ଧରି ଡିଜେଲ ଅଭାବ ଯୋଗୁଁ ୧୦୮ ଆମ୍ବୁଲାନ୍ସ ଓ ଜନନୀ ସେବା ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଫଳରେ ଗୁରୁତର ରୋଗୀ ଓ ଗର୍ଭବତୀ ମହିଳାମାନେ ସଠିକ୍ ସମୟରେ ଡାକ୍ତରଖାନା ପହଞ୍ଚିବାରେ ସମସ୍ୟା ସୃଷ୍ଟି ହୋଇଛି। ଆମ୍ବୁଲାନ୍ସ ସେବା ମିଳୁ ନଥିବାରୁ ବାଧ ହୋଇ ଭଡା ଗାଡି କରି ରାଉରକେଲା ସମେତ ବିଭିନ୍ନ ଡାକ୍ତରଖାନାକୁ ରୋଗୀମାନେ ଆସୁଥିବା ଦେଖିବାକୁ ମିଳିଛି। ବଣାଇଁ ଅଞ୍ଚଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ବେଳେ ୧୦୮ ଆମ୍ବୁଲାନ୍ସ ସେବା ହିଁ ଲୋକଙ୍କ ପ୍ରମୁଖ ଭରସା। କିନ୍ତୁ ଡିଜେଲ ନଥିବାରୁ ଗାଡିଗୁଡ଼ିକ ଠିଆ ହୋଇ ରହିଛି। ୧୦୮ କୁ ଫୋନ କଲେ କର୍ମଚାରୀମାନେ ଗାଡିରେ ତେଲ ନାହିଁ ବୋଲି କହି କ୍ଷମା ମାଗୁଥିବା ଶୁଣିବାକୁ ମିଳିଛି। ଏହାକୁ ନେଇ ବଣାଇଁ ଡାକ୍ତରଖାନାରେ ମଧ୍ୟ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ୧୦୮ ଓ ଜନନୀ ସେବାକୁ ସ୍ୱାଭାବିକ କରିବାକୁ ଦାବି ହୋଇଛି।

# ୪୦୦ରୁ ଊର୍ଦ୍ଧ୍ୱ ଲିଟର ମଦ ଜବତ; ଜଣେ ଗିରଫ



**ରାଉରକେଲା, ୧୫।୫ (ସମିସ):** ରାଜଗାଙ୍ଗପୁର ପୁଲିସ ଦ୍ୱାରା ରାଜଗାଙ୍ଗପୁର ଅଞ୍ଚଳର ଛଅଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩୦୦ ଲିଟର ବିଦେଶୀ ମଦ ସହ ମୋଟ ୪୦୨ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରାଜଗାଙ୍ଗପୁର ପୁଲିସ ପକ୍ଷରୁ ଆଜି ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ରାଣୀବନ୍ଧ ସ୍ଥିତ ନ୍ୟୁ ପଞ୍ଜାବ ଗାର୍ଡେନ୍ ହୋଟେଲ୍ ଚଢ଼ାଉ କରାଯାଇଥିଲା। ଚଢ଼ଉ ସମୟରେ ୩୦୨ ଲିଟରରୁ ଅଧିକ ବିଦେଶୀ ମଦ ଏବଂ ୧୦୦ ଲିଟର ଅବୈଧ ଭାବେ ମଜୁତ ହୋଇଥିବା ପେଟ୍ରୋଲ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ରାଣୀବନ୍ଧ, ରାଜଗାଙ୍ଗପୁରର ଜିତେନ୍ଦ୍ର ସିଂହ (୫୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ରାଉରକେଲା, ୧୫।୫(ସମିସ):** ସହରର ବରିଷ୍ଠ ଆଇନଜୀବୀ ତଥା ମହାବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ବିଶିଷ୍ଟ ଶ୍ରମିକ ନେତା, ବରିଷ୍ଠ ବାମପନ୍ଥୀ ନେତା ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧକ୍ଷ ଆଡଭୋକେଟ ସ୍ୱର୍ଗତ କମ୍ରେଡ ବିଷ୍ଣୁ ମହାନ୍ତିଙ୍କ ବିୟୋଗରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଆଇନ୍ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷା ଡ. ସମ୍ପାଦିକା ମହାନ୍ତି ସଂଯୋଜନା କରିଥିଲେ। ଉକ୍ତ ସଭାରେ ଅନ୍ୟ ବ୍ୟକ୍ତିତ୍ୱ ମଧ୍ୟରେ ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ଆଇନ୍ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଲାୟନ୍ ଇଞ୍ଜିନିୟର ହରଦିପ୍ ସିଂହ, ବିଜେଡି ସଭାନେତ୍ରୀ ସଂଧ୍ୟା ଲାକ୍ରା, ପୂର୍ବତନ ପରିଚାଳନା କମିଟିର ସଦସ୍ୟା ଛବି ମହାନ୍ତି, ପୁରାତନ ଛାତ୍ର ମନୋରଞ୍ଜନ ଦାଶ, ଜ୍ୟୋତି ଟେଟେ ଏବଂ ସହକର୍ମୀ ସୁରେନ୍ଦ୍ର ବାବୁ ପ୍ରମୁଖ ଦିବଂଗତ କମ୍ରେଡ ବିଷ୍ଣୁ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆଇନ୍ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା, ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ସଭାର ପ୍ରାରମ୍ଭରେ ଅଧକ୍ଷା ଡକ୍ଟର ମହାନ୍ତି, ସ୍ୱର୍ଗତ ମହାନ୍ତିଙ୍କ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଶ୍ରୀ ମହାପାତ୍ର ସ୍ୱର୍ଗୀୟ ବିଷ୍ଣୁ ଚରଣ ମହାନ୍ତିଙ୍କ ସହିତ ଜଡ଼ିତ ଦୀର୍ଘ ୫୦ ବର୍ଷର ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ପରିଶେଷରେ ଛାତ୍ର ଧରିତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ବେଦବ୍ୟାସ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଅଭିଯୋଗ

**ରାଉରକେଲା, ୧୫।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବେଦବ୍ୟାସ ମହାବିଦ୍ୟାଳୟରେ ଅଧକ୍ଷଙ୍କ ମନୋମୁଖୀ ଶାସନ, ବ୍ୟାପକ ଆର୍ଥିକ ଅନିୟମିତତା, ରେକର୍ଡସରେ ବିଭିନ୍ନ ଜାଲିଆତି ଅଭିଯୋଗର ତଦନ୍ତ କରିଛନ୍ତି ସମ୍ବଲପୁର ସ୍ଥିତ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ମୁରଲୀଧର ମାଝୀ। ମହାବିଦ୍ୟାଳୟର ଅଧାପକ, ଛାତ୍ରଛାତ୍ରୀମାନଙ୍କ ଠାରୁ ଲିଖିତ ଅଭିଯୋଗ ପାଇବା ପରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ମୁତାବକ ଆଜି ବେଦବ୍ୟାସ ମହାବିଦ୍ୟାଳୟରେ ପହଞ୍ଚି ସମସ୍ତ ଅଭିଯଗର ସରଜମିନ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅଭିଯୋଗର ତଦନ୍ତ ରିପୋର୍ଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବେଦବ୍ୟାସ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିରେ ମୋଟ ୧୪୭୪ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଛାତ୍ରଛାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ ହୋଇଛି। ଏପରିକି ଅଧକ୍ଷଙ୍କ ବ୍ୟବହାର ଭଲ ନଥିବା ଓ ନିୟମିତ ସେ ମହାବିଦ୍ୟାଳୟକୁ ଆସୁନାହାଁନ୍ତି। ମହାବିଦ୍ୟାଳୟ ପରିସରରେ ଅସାମାଜିକ ଯୁବକଙ୍କ ଉପଦ୍ରବ ବଢୁଥିବା ଏବଂ ମହାବିଦ୍ୟାଳୟର ଛାତ୍ରୀମାନେ ଅସାମାଜିକ ଯୁବକଙ୍କ ଅଶ୍ଳୀଳ କମେଣ୍ଟର ଶିକାର ହେବା ନେଇ ଅଧକ୍ଷଙ୍କୁ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାସହ ଗାର୍ଲସ କମନ୍‌ରୁମ୍ ନଥିବା ବେଳେ କମନ ରୁମକୁ ଷ୍ଟୋର ରୁମ କରାଯାଇଥିବା ଅଭିଯୋଗ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ମହାବିଦ୍ୟାଳୟ ରହିଥିବା ଓ ଭଙ୍ଗାରୁଜା ଅବସ୍ଥାରେ ସାଇକେଲ ଷ୍ଟାଣ୍ଡ ରହିଥିଲେ ମଧ୍ୟ ମରାମତି କରାଯାଉ ନଥିବା ଅଭିଯୋଗ ହୋଇଛି। ଏସବୁ ବିଷୟରେ ଅଭିଯୋଗ କଲେ ଏହାର ପ୍ରତିକାର କରିବା ପରିବର୍ତ୍ତେ ଓଲଟା ଛାତ୍ରଛାତ୍ରୀଙ୍କୁ ଅଧକ୍ଷ ଦୁର୍ବ୍ୟବହାର କରୁଥିଲେ। କେବଳ ସେତିକି ନୁହେଁ ମହାବିଦ୍ୟାଳୟରେ ରେକର୍ଡରେ ଜାଲିଆତି କରାଯାଇ ବ୍ୟାପକ ଆର୍ଥିକ ଅନିୟମିତତା କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇ ଆସୁଥିଲା। ଅବସର ଗ୍ରହଣ କରିଥିବା କିଛି କର୍ମଚାରୀଙ୍କୁ ମହାବିଦ୍ୟାଳୟର କିଛି କର୍ମଚାରୀଙ୍କ ଅପାରଗତା ଯୋଗୁଁ ପେନସନ ମିଳିପାରୁ ନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ଘଟଣାରେ ମହାବିଦ୍ୟାଳୟର ଜଣେ କିରାଣୀଙ୍କ ଭୂମିକା ସନ୍ଦେହ ଜନକ ବୋଲି ଅଭିଯୋଗ ହୋଇଛି। ଏ ସମସ୍ତ ବିଷୟରେ ମହାବିଦ୍ୟାଳୟର ଅଧାପକ ଓ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ଏହାର ତଦନ୍ତ ପାଇଁ ସମ୍ବଲପୁର ସ୍ଥିତ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ସମ୍ବଲପୁର ସ୍ଥିତ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ମୁରଲୀଧର ମାଝୀ ଆଜି ଅଭିଯୋଗର ତଦନ୍ତ କରିବା ପାଇଁ ବେଦବ୍ୟାସ ମହାବିଦ୍ୟାଳୟର ପହଞ୍ଚିଥିଲେ। ସମସ୍ତ ଅଭିଯୋଗର ତଦନ୍ତ କରିବା ପରେ ଏହାର ତଦନ୍ତ ରିପୋର୍ଟ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି।




## ଆଞ୍ଚଳିକ ନିର୍ଦ୍ଦେଶକଙ୍କ ତଦନ୍ତ

# ୧୭ରେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଓ ଆର୍‌ଏସ୍‌ପି ପକ୍ଷରୁ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ



**ରାଉରକେଲା, ୧୫।୫(ସମିସ):** କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ରାଉରକେଲା ଏବଂ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ମଇ ୧୭ ତାରିଖ ସନ୍ଧ୍ୟାରେ ଭଞ୍ଜ ଭବନ ପ୍ରେକ୍ଷାଳୟଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ଆରଏସପିର ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭଞ୍ଜ ସାହିତ୍ୟର ବିଶିଷ୍ଟ ପଣ୍ଡିତ ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟିକ ସମ୍ପଦ ଉପରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିବେ। ପ୍ରତିଷ୍ଠିତ ଓଡ଼ିଶୀ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା କବି ସମ୍ରାଟଙ୍କ ରଚିତ ସଙ୍ଗୀତ ଗାନ ଏହି ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ହେବ। ଏଥିସହ ଭଞ୍ଜ କଳାକେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ତାଙ୍କ କବିତା ଉପରେ ଆଧାରିତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ଏହି ଜୟନ୍ତୀ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ସୂଚନାଯୋଗ୍ୟ, ଗତ ସପ୍ତାହରେ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ସଙ୍ଗୀତ ଏବଂ ଆବୃତ୍ତି ପ୍ରତିଯୋଗିତାରେ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତା ୧୭ ତାରିଖ ସକାଳେ ଅନୁଷ୍ଠିତ ହେବ।

# ଆର୍‌ଏସ୍‌ପି ଏସ୍‌ଏମ୍‌ଏସ୍-୨ ବିଭାଗର ନୂତନ ରେକର୍ଡ

**ରାଉରକେଲା, ୧୫।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ୍-୨(ଏସଏମଏସ-୨) ମଇ ୧୨ ତାରିଖରେ ଏକ ପ୍ରମୁଖ ରେକର୍ଡ ହାସଲ କରିଛି। ବିଭାଗର କନଭର୍ଟରର 'ବି' ୭, ୮୯୦ ହିଟ୍‌ସର ଲାଇନିଂ ଲାଇଫ୍ ହାସଲ କରି ମଇ ୨୦୨୫ରେ ହାସଲ ହୋଇଥିବା ପୂର୍ବ ସର୍ବୋତ୍ତମ ୭, ୬୮୫ ହିଟ୍‌ସକୁ ଅତିକ୍ରମ କରିଛି। ଆର୍‌ଏଚଆଇ ମାଗ୍ନେସିଆ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ରି-ଲାଇନ୍ ଏବଂ ରକ୍ଷଣାବେକ୍ଷଣ କରାଯାଇଥିବା ଏହି କନଭର୍ଟରଟି ୨୦୨୫ ମଇ ୧୯ରୁ ଲଗାତାର ୩୫୮ ଦିନ ଧରି କାର୍ଯ୍ୟକ୍ଷମ ରହିଥିଲା। କନଭର୍ଟର ଲାଇନିଂ ଲାଇଫ୍‌ରେ ଏହି ଉଲ୍ଲେଖନୀୟ ଉନ୍ନତି କଠୋର ପ୍ରକ୍ରିୟା ନିୟନ୍ତ୍ରଣ, ବୈଜ୍ଞାନିକ ରିଫ୍ରାକ୍ଟୋରୀ ପରିଚାଳନା ପଦ୍ଧତି ଏବଂ କନଭର୍ଟର କାର୍ଯ୍ୟ ସମୟରେ ମାନକ ପରିଚାଳନା ପ୍ରଣାଳୀର ନିରନ୍ତର ଅନୁପାଳନ ଯୋଗୁଁ ସମ୍ଭବ ହୋଇପାରିଛି। ଏହି ସଫଳତା ସମଗ୍ର ଏସଏମଏସ-୨ ସମୂହର କାର୍ଯ୍ୟ ଉତ୍କର୍ଷତା, ବୈଷୟିକ ଦକ୍ଷତା ଏବଂ ସମର୍ପିତ ଦଳଗତ କାର୍ଯ୍ୟକୁ ଦର୍ଶାଏ, ଯେଉଁଥିରେ ଅପରେଟିଂ କ୍ରୁ, ବ୍ଲୋଅର୍ସ, ଲାନ୍ସ ଅପରେଟର ଏବଂ ସିଫ୍ଟ କର୍ମଚାରୀମାନେ ଅନ୍ତର୍ଭୁକ୍ତ। ଏହି ସଫଳତା ପାଇଁ ଅନେକ ପ୍ରମୁଖ କାର୍ଯ୍ୟ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି। ଯେଉଁଥିରେ ଅପ୍ଟିମାଇଜ୍‌ଡ ବ୍ଲୋଇଂ ଅଭ୍ୟାସ, ଲେଜର ସ୍କାନର ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର, ଉନ୍ନତ ସ୍ଲାଗ୍ ରେଜିମ୍ ମ୍ୟାନେଜମେଣ୍ଟ, ସଠିକ୍ ଏଣ୍ଡ-ପଏଣ୍ଟ କଣ୍ଟ୍ରୋଲ୍ ଏବଂ ରିଫ୍ରାକ୍ଟୋରୀ ଲାଇନିଂର ସମୟାନୁବର୍ତ୍ତୀ ଗନିଂ ଓ ପ୍ୟାଚିଂ ଅନ୍ତର୍ଭୁକ୍ତ। ଏରିଆ ଇନ୍‌ଚାର୍ଜ ଏବଂ ସିଫ୍ଟ ଇନ୍‌ଚାର୍ଜଙ୍କ ଦ୍ୱାରା ଥର୍ମାଲ ଲୋଡ୍, ବାଥ୍ ଏଜିଟେସନ ଏବଂ ସ୍ଲାଗ୍ କେମିଷ୍ଟ୍ରିର ନିରନ୍ତର ନିରୀକ୍ଷଣ ସହିତ ହଟ୍ ମେଟାଲ୍ ଏବଂ ସ୍କ୍ରାପ୍ ଗୁଣବତ୍ତା ଉପରେ ଶୃଙ୍ଖଳିତ ନିୟନ୍ତ୍ରଣ, ସ୍ଥାନୀୟ କ୍ଷୟକୁ କମ୍ କରିବାରେ ଏବଂ କନ୍‌ଭର୍ଟରର କାର୍ଯ୍ୟକାଳ ବୃଦ୍ଧି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ସଫଳତା ରିଫ୍ରାକ୍ଟୋରୀ ଇଞ୍ଜିନିୟରିଂ ବିଭାଗ ଏବଂ ଅପରେସନ୍ସ, ମେକାନିକାଲ୍ ମେଣ୍ଟେନାନ୍ସ, ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ ଏବଂ ଏସଏମଏସ -୨ର ଆରସିଏଲ୍ ଟିମ୍ ମଧ୍ୟରେ ନିବିଡ଼ ସମନ୍ୱୟ ଏବଂ ମିଳିତ ପ୍ରୟାସକୁ ମଧ୍ୟ ପ୍ରତିଫଳିତ କରେ, ଯାହା ସମଗ୍ର ଅଭିଯାନ ଅବଧିରେ ସ୍ଥିର ଏବଂ ନିରନ୍ତର କନଭର୍ଟର ପ୍ରଦର୍ଶନକୁ ସୁନିଶ୍ଚିତ କରିଛି। ସିଜିଏମ୍ (ଫ୍ଲକ୍ସ ଏବଂ ରିଫ୍ରାକ୍ଟୋରୀ) ଏସ୍‌ଏସ୍ ପଣ୍ଡା ଏବଂ ସିଜିଏମ (ଏସଏମଏସ-୨) ଏମ୍‌ଜି ଶ୍ରୀକାନ୍ତଙ୍କ ସାମଗ୍ରିକ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରାଯାଇଛି। ହାସଲ ହୋଇଥିବା ଏହି କନଭର୍ଟର, ଲାଇନିଂ ଲାଇଫ୍ ୬, ୦୦୦ ହିଟ୍‌ସର ଗ୍ୟାରେଣ୍ଟି ଦିଆଯାଇଥିବା ଲାଇନିଂ ଲାଇଫ୍‌କୁ ଯଥେଷ୍ଟ ଅତିକ୍ରମ କରିଛି। ଯାହା ଫଳରେ ପ୍ରାୟ ୧.୫ କୋଟି ଟଙ୍କାର ସିଧାସଳଖ ସଞ୍ଚୟ ଆକଳନ କରାଯାଇଛି। କନଭର୍ଟର 'ବି' ର ଏହି ସମ୍ପ୍ରସାରିତ କାର୍ଯ୍ୟକାଳ ଏସଏମଏସ-୨ର କନଭର୍ଟର ଉପଲବ୍ଧତା, ଉଚ୍ଚ ଉତ୍ପାଦନ କ୍ଷମତା ଏବଂ ସାମଗ୍ରିକ ବ୍ୟୟ ନିୟନ୍ତ୍ରଣରେ ମଧ୍ୟ ସହାୟକ ହୋଇଛି।



# ଆଜି ସାବିତ୍ରୀ; ଫଳ ଦର ଆକାଶଛୁଆଁ

**ରାଉରକେଲା, ୧୫।୫(ସମିସ)**

ଶନିବାର ସାବିତ୍ରୀ ବ୍ରତ ପାଳନ ହେଉଥିବା ବେଳେ ଆଜି ବଜାରରେ ଫଳର ଦର ଆକାଶ ଛୁଆଁ ହୋଇଛି। ଯାହାକୁ ନେଇ ଗ୍ରାହକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ତେବେ ଏହାସତ୍ତ୍ୱେ ସାବିତ୍ରୀ ବ୍ରତ ପାଇଁ ସହରର ଟ୍ରାଫିକ୍ ମାର୍କେଟ୍, ଡେଲି ମାର୍କେଟ, ବାସନ୍ତୀ ମାର୍କେଟ, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ, ଇସ୍ପାତ ମାର୍କେଟ, ଆମ୍ବଗାନ୍ ମାର୍କେଟ, ପାନପୋଷ ମାର୍କେଟ ସମେତ ଫର୍ଟିଲାଇଜର୍ ମାର୍କେଟରେ ଫଳ ଏବଂ ପୂଜା ସାମଗ୍ରୀ ସହ ମିଠା କିଣିବାକୁ ଦୋକାନ ଗୁଡ଼ିକରେ ଭିଡ଼ ଦେଖିବାକୁ ମିଳିଛି। ବଜାରରେ ଆଜି ନଡିଆ ଗୋଟା ୬୦ ଟଙ୍କା, କଦଳୀ ଡଜନ ପିଛା ୬୦ ଟଙ୍କା, ଆମ୍ବ କିଲୋ ୬୦ରୁ ୧୦୦ ଟଙ୍କା, ଡାଳିମ୍ବ କିଲୋ ୧୨୦ ଟଙ୍କା, ଲିଚୁ କିଲୋ ୧୧୦ ଟଙ୍କା, ପିଜୁଳି କିଲୋ ୧୦୦ ଟଙ୍କା, ମୌସୁମୀ କିଲୋ ୧୦୦ ଟଙ୍କା, ତାଳ ଗୋଟା ୩୦ ଟଙ୍କା, ଖଜୁରୀ ୫୦ ଟଙ୍କା, ଅନାରସ ତଥା ସପୁରୀ ଗୋଟା ୪୦ ଟଙ୍କା, ସେଓ ୧୨୦ ଟଙ୍କା, କମଳା ୧୦୦ ଟଙ୍କା ଥିବା ବେଳେ ସପେଦା ଫଳ ଏବଂ ଅନ୍ୟାନ୍ୟ ଫଳର ଆକାଶ ଛୁଆଁ



## ଗ୍ରାହକଙ୍କ ମୁଣ୍ଡରେ ଚଡ଼କ

ଦରରେ ବିକ୍ରି ହେଉଛି। ତେବେ ଏହାବ୍ୟତିତ ସାବିତ୍ରୀ ପୂଜା ପାଇଁ ଶାଢ଼ୀ କିଣିବାକୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କପଡ଼ା ଦୋକାନରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହ ପୂଜା ସାମଗ୍ରୀ ଦୋକାନରେ ମଧ୍ୟ ମହିଳାଙ୍କ ଭିଡ଼ ଜମିଥିଲା।

# ରାସ୍ତା କଡ, ନାଳରେ ଅଳିଆ ଫିଙ୍ଗୁଛନ୍ତି ବ୍ୟବସାୟୀ

**ଲହୁଣୀପଡ଼ା, ୧୫।୫(ସମିସ):** ଲହୁଣୀପଡ଼ା ମୁଖ୍ୟ ବଜାରରେ ଅନେକ ବଡ ବଡ ଦୋକାନ ବଜାର ଗଢି ଉଠିଛି। ଏଠାକାର ବଡ ବଡ ବ୍ୟବସାୟୀମାନେ ଦୋକାନରୁ ବାହାରୁଥିବା ବିଭିନ୍ନ ପ୍ରକାରର ଅଳିଆ ଆବର୍ଜନାକୁ ରାସ୍ତା କଡ ଓ ନାଳ ଭିତରେ ପକାଉଥିବା ଦେଖିବାକୁ ମିଳିଛି। କୁଢ଼କୁଢ଼ ମଇଳା ଆବର୍ଜନା ରାସ୍ତା କଡ ଓ ନାଳ ଭିତରେ ପଡ଼ିବା ରହିବା ଯୋଗୁଁ ପୁତିଗନ୍ଧ ଫାଟି ପଡୁଛି ନାକ। କିଛି ସ୍ୱାର୍ଥପର ବ୍ୟବସାୟୀମାନଙ୍କ ପାଇଁ ଅଞ୍ଚଳର ରାସ୍ତା ଘାଟ ଆବର୍ଜନା ମୟ ହେଉଥିବା ଅଭିଯୋଗ ହେଉଛି। ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକ କିମ୍ବା ସ୍ଥାନୀୟ ଲୋକମାନେ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି। ଆବର୍ଜନା ମଇଳା ଯୋଗୁଁ ମଶା ମାଛିଙ୍କ ବଂଶ ବୃଦ୍ଧି ହେବା ସହ ବିଭିନ୍ନ ରୋଗ ହେବାର ଯଥେଷ୍ଟ ସମ୍ଭାବନା ଅଛି। ଏଣୁ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତା କଡ ଓ ନାଳ ଭିତରେ ବ୍ୟବସାୟୀମାନେ କିଭଳି ଆବର୍ଜନା ପକାଇବାରୁ ନିବୃତ୍ତ ରହିବେ ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଲହୁଣୀପଡ଼ା ବିଡିଓ ଅନୁରାଗ ମିଶ୍ରଙ୍କୁ ଭେଟି ଦାବି କରିଛନ୍ତି। ଏହାପରେ ମଧ୍ୟ ଯଦି ଆବର୍ଜନା ପକାଇଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଏହାର ଜୋରଦାର ବିରୋଧ କରାଯିବା ସହ ବ୍ଲକ ଅଫିସକୁ ଘେରଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ପୁତିଗନ୍ଧରେ ଅଣନିଶ୍ୱାସୀ ପଥଚାରୀ

# ସମ୍ପାଦକୀୟ



ସବୁ ସୂଚନା ଜ୍ଞାନବର୍ଦ୍ଧକ ନୁହେଁ।
--ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ଆବାସିକ କାର୍ଯ୍ୟାଳୟ

ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ - ଏହି ଆପ୍ତ ବାକ୍ୟ କରୋନା ମହାମାରୀ ପରେ ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ପୃଷ୍ଠଭୂମିରେ ଭାରତରେ ପୁଣି ଥରେ ପ୍ରମାଣ କରିବାର ଅବକାଶ ସୃଷ୍ଟି କରିଛି। ଉତ୍କଟ ତୈଳସଙ୍କଟର ମୁକାବିଲା ପାଇଁ ଘରୁ କାମ କରିବା (ୱାର୍କ ଫ୍ରମ ହୋମ୍) ସପକ୍ଷରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରାଜଧାନୀ ଦିଲ୍ଲୀରେ ଏହା ସରକାରୀ ଭାବେ ଆଂଶିକ କାର୍ଯ୍ୟକାରୀ ହୋଇଛି। ଏଥିସହିତ ଭାରତରେ ଆବାସିକ କାର୍ଯ୍ୟାଳୟର ପରିକଳ୍ପନା ପୁଣି ଥରେ ଆଲୋଚନା ପ୍ରସଙ୍ଗକୁ ଆସିଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ସୃଷ୍ଟ ତୈଳ ଯୋଗାଣ ସମସ୍ୟାର ସମାଧାନ ନିକଟ ଭବିଷ୍ୟତରେ ଦେଖାଯାଉନାହିଁ। ମଧ୍ୟପ୍ରାଚ୍ୟରେ ଅଶାନ୍ତି ଓ ଅସ୍ଥିରତା ଅଧିକ ଦିନ ଲାଗି ରହିଲେ ଆଗାମୀ ଦିନରେ ଭାରତରେ ତୈଳସଙ୍କଟ ଅତି ଉତ୍କଟ ହେବ। ଏହାର ମୁକାବିଲା ପାଇଁ ହୁଏତ କେବଳ ସ୍ୱାସ୍ଥ୍ୟ, ପୁଲିସ ଓ କେତେକ ଜରୁରୀକାଳୀନ ସେବା ପ୍ରଦାନକାରୀ ଅନୁଷ୍ଠାନକୁ ବାଦ୍ ଦେଇ ସମସ୍ତ ସଂସ୍ଥା/ଅନୁଷ୍ଠାନକୁ ବନ୍ଦ ଘୋଷଣା କରାଯାଇପାରେ କିମ୍ବା ଘରୁ କାମ କରିବା(ୱାର୍କ ଫ୍ରମ ହୋମ୍) ନିୟମ କାର୍ଯ୍ୟକାରୀ କରାଯାଇପାରେ। ଗତ କରୋନା ମହାମାରୀ କାଳରେ ଏଭଳି ବ୍ୟବସ୍ଥା ବିଦେଶ ଓ ଭାରତର ମେଟ୍ରୋ ସହରମାନଙ୍କରେ କାର୍ଯ୍ୟକାରୀ ହୋଇଥିଲେ ହେଁ ଓଡ଼ିଶାରେ ତାହାର ପ୍ରଭାବ ବିଶେଷ ପରିଲକ୍ଷିତ ହୋଇ ନଥିଲା। କିନ୍ତୁ ପରିବେଶ ପ୍ରଦୂଷଣ, ସ୍ଥାନାଭାବ ସମସ୍ୟା, ଶକ୍ତି ଅପଚୟ, ମାନବ ସମ୍ବଳ କାର୍ଯ୍ୟ ସମୟ ହ୍ରାସ ଆଦି ପ୍ରସଙ୍ଗ ବିଚାରକୁ ନେଲେ ଆବାସିକ କାର୍ଯ୍ୟାଳୟର ଯୁକ୍ତିସଙ୍ଗତା ଓ ଯଥାର୍ଥତା ସପକ୍ଷରେ ମତ ପ୍ରକାଶ ପାଇଥିଲା, ଯାହା ଆଜିର ପୃଷ୍ଠଭୂମିରେ ମଧ୍ୟ ପ୍ରାସଙ୍ଗିକ।

ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗରେ ମୁଖ୍ୟ କାର୍ଯ୍ୟାଳୟ ଓ ଏହାର ଶାଖାକୁ କର୍ମଚାରୀଙ୍କ ବାସସ୍ଥାନ ସହିତ ଯୋଡ଼ିବା କଷ୍ଟକର ନୁହେଁ। ଯଦି ସେଭଳି କିଛି ନିହାତି ଆବଶ୍ୟକ ନଥିବ ତେବେ ଜଣେ କର୍ମଚାରୀ ଘରେ ବସି କାମ କରିବାରେ ଅସୁବିଧା କିମ୍ବା ଅସଙ୍ଗତି ନାହିଁ। ଏହାଦ୍ୱାରା ଘରୁ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବାଆସିବାରେ ହେଉଥିବା ସମୟ, ଶକ୍ତି, ଅର୍ଥ ଓ ଇନ୍ଧନ ଅପଚୟ ଏବଂ କାର୍ଯ୍ୟାଳୟର ଅଟ୍ଟାଳିକା ପାଇଁ ଜମି ଆବଶ୍ୟକତା ଓ ରକ୍ଷଣାବେକ୍ଷଣଜନିତ ବିପୁଳ ଖର୍ଚ୍ଚକୁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖାଯାଇପାରିବ। ପ୍ରଦୂଷଣ, ବିଶ୍ୱ ତାପନ ସମସ୍ୟା ମଧ୍ୟ ଅନେକ ପରିମାଣରେ ନିୟନ୍ତ୍ରିତ ହୋଇପାରିବ। ଘରେ ରହି କାମ କରିବାର ସୁଯୋଗ ପାଇଲେ କର୍ମଚାରୀମାନେ ସଂସ୍ଥା ପାଇଁ ଅଧିକ ସମୟ ଦେଇପାରିବେ ଏବଂ ସେମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହେବ। ଉପରୋକ୍ତ କାରଣଗୁଡ଼ିକୁ ଗ୍ରହଣ କରି ଅଧିକାଂଶ ପାଶ୍ଚାତ୍ୟ ଦେଶରେ ଆବାସିକ କାର୍ଯ୍ୟାଳୟ ବିକଳ୍ପ କ୍ରମଶଃ ଗ୍ରହଣୀୟ ହେଉଛି। ଯଦି ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ଆନ୍ତରିକତାର ସହିତ ଆବାସିକ କାର୍ଯ୍ୟାଳୟ ବିକଳ୍ପ ସମ୍ବନ୍ଧରେ ବିଚାର କରାଯାଏ ତେବେ ନୂଆ ସମ୍ଭାବନା ସୃଷ୍ଟି ହୋଇପାରନ୍ତା।

ଅବଶ୍ୟ ଏହି ବିକଳ୍ପ ବା ପରୀକ୍ଷାନିରୀକ୍ଷାର ସଫଳତା ନିର୍ଭର କରୁଛି ସୂଚନା ପ୍ରଯୁକ୍ତି ସେବାର ଗୁଣାତ୍ମକ ମାନ ଏବଂ ତାହାର ସଫଳ ଉପଯୋଗିତା ଉପରେ। ଓଡ଼ିଶା ସମେତ ଭାରତର ଅଧିକାଂଶ ରାଜ୍ୟର ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଆଶାନୁରୂପ ନୁହେଁ। ଯଦିବା ସୂଚନା ପ୍ରଯୁକ୍ତି ଭିତ୍ତିଭୂମିର ପର୍ଯ୍ୟାପ୍ତ ବିକାଶ କରି ଆବାସିକ କାର୍ଯ୍ୟାଳୟ ଯୋଜନା କାର୍ଯ୍ୟକାରୀ ହୁଏ ତେବେ ମଧ୍ୟ ଏହାର ନିରବଚ୍ଛିନ୍ନ ସେବା, କର୍ମଚାରୀଙ୍କ ମାନସିକତା ଓ ଅଧିକାରୀଙ୍କ ପରିଚାଳନାଗତ ଦକ୍ଷତା ଏକାଧିକ ପ୍ରଶ୍ନ ସୃଷ୍ଟି କରୁଛି। ଘରେ ବସି କାମ କରିବାର ସୁଯୋଗ ଯଦି ଠକାମି ବା ଅଳସୁଆ ପ୍ରବୃତ୍ତିକୁ ଜନ୍ମ ଦିଏ ତେବେ ମୂଳ ଉଦ୍ଦେଶ୍ୟ ସାକାର ହୋଇପାରିବ ନାହିଁ। ଏତଦ୍‌ବ୍ୟତୀତ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠାନ/ସଂସ୍ଥାର ଉପରସ୍ତରରେ ଥିବା ଅଧିକାରୀଙ୍କ ପରିଚାଳନାଗତ ଦକ୍ଷତା ନିର୍ଣ୍ଣାୟକ ସାବ୍ୟସ୍ତ ହୁଏ। ସେହିଦୃଷ୍ଟିରୁ ପ୍ରଥମେ ପରିଚାଳନାଗତ ଢାଞ୍ଚାରେ ଆବଶ୍ୟକ ସଂସ୍କାର ଜରିଆରେ ଦକ୍ଷତା ବୃଦ୍ଧି ଆବଶ୍ୟକ।

ଭାରତୀୟ କର୍ମସଂସ୍କୃତିର ଏକ ଅଲିଖିତ ପ୍ରଥା ଶାରୀରିକ ଉପସ୍ଥିତି ଓ ତଦାରଖ ମାନସିକତା ସହିତ ଜଡ଼ିତ। ବ୍ରିଟିଶ୍ ଅମଳରୁ ଚାଲିଆସିଥିବା ଏହି କର୍ମସଂସ୍କୃତି ନବ୍ୟ ଆଧୁନିକ ଅର୍ଥନୀତିରେ ମଧ୍ୟ ସେଭଳି ସଂଶୋଧିତ ହୋଇନାହିଁ କି ଏ ଦିଗରେ ପ୍ରୟାସ ମଧ୍ୟ ଆରମ୍ଭ ହୋଇନାହିଁ। ଆଜି ମଧ୍ୟ ଉପସ୍ଥାନ ବା ମୁଣ୍ଡଗଣତି ଭିତ୍ତିକ ବା ମୁହଁଚହାଁ କାର୍ଯ୍ୟ ପରିବେଶକୁ ଭାରତର କର୍ପୋରେଟ୍ ମାନବ ସମ୍ବଳ ବିଭାଗ ଅଗ୍ରାଧିକାର ଦେଇଆସିଛି ଏବଂ ଏହା ହିଁ ଉତ୍ପାଦକତା ବୃଦ୍ଧିର ଅପରିହାର୍ଯ୍ୟ ମାର୍ଗ ଗୃହୀତ ହୋଇଛି। କିନ୍ତୁ ବାସ୍ତବତା ହେଉଛି ଆଜିର ନବନିଯୁକ୍ତ ଯୁବବର୍ଗ ଏକ ପରିବର୍ତ୍ତନଶୀଳ ସାବଲୀଳ ଓ ସ୍ୱାଧୀନ କର୍ମପରିବେଶକୁ ପସନ୍ଦ କରୁଥିବା ବେଳେ ପ୍ରଶାସନର ଉପର ଧାଡ଼ିରେ ବସିଥିବା ପରିଚାଳକ ବା ପ୍ରଶାସକମାନେ ଏ ପର୍ଯ୍ୟନ୍ତ ପାରମ୍ପରିକ ରୂଢ଼ିବାଦୀ ମାନସିକତାକୁ ପରିହାର କରି ପାରିନାହାନ୍ତି। କର୍ପୋରେଟ୍ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ସହକର୍ମୀଙ୍କ ସମ୍ମୁଖରେ ଅଧସ୍ତନମାନଙ୍କୁ ତାଗିଦ୍ କରିବାରେ ମିଳୁଥିବା ଆତ୍ମତୃପ୍ତି ଆବାସିକ କାର୍ଯ୍ୟାଳୟ(ୱାର୍କ ଫ୍ରମ ହୋମ୍) କର୍ମସଂସ୍କୃତିରେ ସମ୍ଭବ ନୁହେଁ। ତେଣୁ ଭାରତୀୟ 'ବସ୍'ମାନେ କେତେଦୂର ସେମାନଙ୍କ ପଦପଦବୀର ଅହଂ ପ୍ରଦର୍ଶନର ଆତୁରତା(ବସ୍‌ଗିରି)କୁ ପରିହାର କରିପାରିବେ ତାହା ଉପରେ ଆବାସିକ କାର୍ଯ୍ୟାଳୟର ସଫଳତା ନିର୍ଭର କରୁଛି।

ଏସବୁ ବିରୋଧାଭାସ ସତ୍ତ୍ୱେ ପରିବର୍ତ୍ତନର ଆହ୍ୱାନକୁ ଦୀର୍ଘଦିନ ଧରି ଏଡ଼ାଇ ଚାଲିବା ଅସମ୍ଭବ। କର୍ମଚାରୀ ମହଲରେ ମତ ପ୍ରକାଶ ପାଉଛି ଯେ ଯଦି ଘରେ ବସି ବଜାରର ସେବା ମିଳିପାରୁଛି ତେବେ କାର୍ଯ୍ୟ ସମ୍ପାଦନରେ କୁଣ୍ଠା କାହିଁକି? ସହର ଦ୍ରୁତ ସମ୍ପ୍ରସାରିତ ହେବା ସହିତ ଆବାସଠାରୁ କାର୍ଯ୍ୟାଳୟର ଦୂରତା ଅସମ୍ଭବ ଭାବେ ବଢ଼ିବାରେ ଲାଗିଛି। ଏହି ଦୂରତ୍ୱ କର୍ମଚାରୀମାନଙ୍କର ସମୟ, ଅର୍ଥ ଅପଚୟ ସହିତ ଶାରୀରିକ ଦକ୍ଷତା, ଉତ୍ପାଦକତାକୁ ହ୍ରାସ କରୁଛି। ତେଣୁ ଏହାର ବିକଳ୍ପ ରୂପେ ଆବାସିକ କାର୍ଯ୍ୟାଳୟ ସଂସ୍କୃତିର ପରୀକ୍ଷା ଏକ ଅପେକ୍ଷା ରଖେ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟର ପୃଷ୍ଠଭୂମିରେ ଭାରତରେ ଯଦି ଆବାସିକ କାର୍ଯ୍ୟାଳୟର ପରୀକ୍ଷା-ନିରୀକ୍ଷା ସଫଳ ହୁଏ ତେବେ ତାହାର ପ୍ରଭାବ ସୁଦୂରପ୍ରସାରୀ ହେବ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର, କୋର୍ଟକଚେରି ମାମଲାର ତ୍ୱରିତ ଶୁଣାଣି, ପୁଲିସ-ପ୍ରଶାସନର କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ଯୁଗାନ୍ତକାରୀ ସାବ୍ୟସ୍ତ ହେବ। ସମ୍ପୂର୍ଣ୍ଣ ବ୍ୟବସ୍ଥା ଗତିଶୀଳ ହୋଇ ଶାସନ-ପ୍ରଶାସନ ଅଧିକ ଲୋକାଭିମୁଖୀ ହୋଇପାରିବ।

## ମିତବ୍ୟୟିତାର ଆବଶ୍ୟକତା ଓ ଆମ ବ୍ୟବସ୍ଥା

**ପ୍ରହ୍ଲାଦ କୁମାର ସିଂହ**

ମିତବ୍ୟୟିତା ଅବଲମ୍ବନ ପାଇଁ ପେଟ୍ରୋଲ, ଡିଜେଲ୍ ଓ ଖାଇବା ତେଲ ବ୍ୟବହାର କମାଇବା, ବିଦେଶ ଭ୍ରମଣକୁ ଏଡ଼ାଇବା, ଘରୁ କାମ କରିବା ଏବଂ ବର୍ଷକ ପର୍ଯ୍ୟନ୍ତ ସୁନା ନ କିଣିବା ଲାଗି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଦେଇଥିବା ଆହ୍ୱାନ ଘେନି ଚାରିଆଡ଼େ ଚର୍ଚ୍ଚା। ଏହାର ପ୍ରଭାବରେ ପ୍ରଧାନମନ୍ତ୍ରୀଙ୍କ ସମେତ କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳଙ୍କ ସଦସ୍ୟମାନେ ସେମାନଙ୍କ ଥାଟବାଟ୍‌ରେ ଯାଉଥିବା କାର୍‌କେଡ୍‌ରେ ଗାଡ଼ି ସଂଖ୍ୟା କମାଇବା ଘେନି ଘୋଷଣା କରିଛନ୍ତି। ଆଉ କେତେକ ରାଜ୍ୟ ସରକାରୀ ଗାଡ଼ି ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଉପୁଜିଥିବା ବିଭ୍ରାଟ ଯୋଗୁଁ ମିତବ୍ୟୟିତାର ଆବଶ୍ୟକତା ଅଧିକ ଅନୁଭୂତ ହେଉଥିବା ବେଳେ ଏହି ଆହ୍ୱାନକୁ କେନ୍ଦ୍ର କରି ବିତର୍କ ସୃଷ୍ଟି ହୋଇଛି।

ଏକଥା ସତ ଯେ ଆମ ଦେଶରେ ଯେତେ ପରିମାଣର ପେଟ୍ରୋଲ, ଡିଜେଲ୍, ରନ୍ଧନ ଗ୍ୟାସ୍ ଆଦି ବ୍ୟବହାର ହୁଏ ତାହାର ମୁଖ୍ୟାଂଶ ବିଦେଶରୁ ଆମଦାନି କରାଯାଇଥାଏ। ଯୁଦ୍ଧ ଯୋଗୁଁ ତୈଳ ଓ ଗ୍ୟାସ୍ ଆମଦାନି ପ୍ରଭାବିତ ହୋଇଥିବାରୁ ଆମକୁ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏବେ ଅଶୋଧିତ ତୈଳ ଆମଦାନି ପାଇଁ ଭାରତ ବାର୍ଷିକ ପ୍ରାୟ ୧୫ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ କରୁଛି। ଗ୍ୟାସ୍ ପାଇଁ ତ ହାଣ୍ଡିଶାଳ ଉପରେ ମାଡ଼ ପଡ଼ିଛି। ଭାରତ ବିଦେଶରୁ ବାର୍ଷିକ ପାଖାପାଖି ୨ଲକ୍ଷ କୋଟି ଟଙ୍କାର ଖାଇବା ତେଲ ଓ ଦେଢ଼ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରାସାୟନିକ ସାର ଆମଦାନି କରୁଥିବା କୁହାଯାଉଛି। ସୁନା କିଣିବା କ୍ଷେତ୍ରରେ ବି ବିଦେଶକୁ ଆମର ବାର୍ଷିକ ପାଖାପାଖି ଅଢ଼େଇ ଲକ୍ଷ କୋଟି ଟଙ୍କା ଚାଲିଯାଉଛି। ଏହି ତାଲିକା ଢେର ଲମ୍ବା।

ଭାରତକୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭର କରିବା ଲାଗି ବିଭିନ୍ନ ରାଜନୈତିକ ଦଳ ସରକାରରେ ଥିବା ବେଳେ ବହୁ ଘୋଷଣା କରି ଆସିଛନ୍ତି। କିନ୍ତୁ ଭାରତ ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟରେ ବାଣିଜ୍ୟିକ ନିଅଣ୍ଟ ସଂକ୍ରାନ୍ତରେ ଯେଉଁ ପରିସଂଖ୍ୟାନ ରହିଛି ସେଥିରେ ରପ୍ତାନୀ ଅପେକ୍ଷା ଆମଦାନି ଅଧିକ ହେଉଥିବାରୁ ଆମର ଆର୍ଥିକ ବ୍ୟବସ୍ଥା ଉପରେ ତାହାର ପ୍ରତିକୂଳ ପ୍ରଭାବ ପଡୁଥିବା ସ୍ପଷ୍ଟ। ୧୯୫୦-୫୧ରୁ ଏଯାବତ୍ ମାତ୍ର ୨ଟି ଆର୍ଥିକ ବର୍ଷ ୧୯୭୨-୭୩ ଓ ୧୯୭୬-୭୭କୁ ଛାଡ଼ିଦେଲେ ଅନ୍ୟ ସବୁ ବର୍ଷ ଆମର ବାଣିଜ୍ୟିକ ନିଅଣ୍ଟ ଲାଗିରହୁଛି। ୧୯୫୦-୫୧ରେ ଆମ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ମାତ୍ର ୨ କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ ବର୍ଷରେ ତାହା ୨୩, ୯୪, ୭୯୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା କେନ୍ଦ୍ର ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟ କହୁଛି। ଗତ ଆର୍ଥିକ ବର୍ଷର ବାଣିଜ୍ୟିକ ନିଅଣ୍ଟ ପରିମାଣ ୧୧୯.୩୦ ବିଲିଅନ୍ ଆମେରିକୀୟ ଡଲାରରେ ପହଞ୍ଚିଥିବା କୁହାଯାଉଥିବା ବେଳେ ପରବର୍ତ୍ତୀ ଆର୍ଥିକ ସର୍ଭେ ରିପୋର୍ଟରୁ ଏହାର ବାସ୍ତବ ସ୍ଥିତି ଜଣାପଡ଼ିବ।

ବାଣିଜ୍ୟିକ ନିଅଣ୍ଟର ସିଧାସଳଖ କୁପ୍ରଭାବ ପଡୁଛି ଆମର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ। ଏହାଛଡ଼ା ଦେଶର ଋଣବୋଝ ବି ହୁହୁ ହୋଇ ବଢ଼ିବାରେ ଲାଗିଛି। ସ୍ୱାଧୀନୋତ୍ତର ଭାରତବର୍ଷରେ ଅନେକ ବିକାଶ ହୋଇଥିଲେ ମଧ୍ୟ ମନ୍ଦିରକୁ ମୁଖଶାଳା ବଳିଗଲା ଭଳି ଆମର ଋଣବୋଝ ଆମ ବିକାଶକୁ ଚାପି ଦେଉଛି। ୧୯୪୭ରେ ଦେଶର ଦେଣା ୨୩୩୧ କୋଟି ୯୮ ଲକ୍ଷ ଟଙ୍କାରେ ସୀମିତ ଥିଲା। ଏହା ବଢ଼ିବଢ଼ି ପ୍ରାୟ ୨୦୦ ଲକ୍ଷ କୋଟି ଟଙ୍କା ହେଲାଣି। ରାଜ୍ୟ ସରକାରଗୁଡ଼ିକର ବି ଋଣ ବୋଝ ପ୍ରାୟ ୧୦୦ ଲକ୍ଷ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କର ୫୩, ୪୭, ୩୧୫ କୋଟି ଟଙ୍କାର ଯେଉଁ ବଜେଟ୍ ରହିଛି ସେଥିରୁ ପ୍ରାୟ ୨୪ ପ୍ରତିଶତ ଋଣରୁ ଆସିବ ଏବଂ ସୁଧ ଆଦି ଦେୟ ବାବଦରେ ୨୦ ପ୍ରତିଶତ ଖର୍ଚ୍ଚ ହେବ। ଏ ବର୍ଷ କେନ୍ଦ୍ର ସରକାର ୧୭.୨ ଲକ୍ଷ କୋଟି ଟଙ୍କା ଋଣ ଉଠାଇବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷରେ ଡଲାରର ବିନିମୟ ମୂଲ୍ୟ ଭାରତୀୟ ଟଙ୍କାରେ ବଢ଼ିବଢ଼ି ଚାଲିଛି। ୧୯୭୬ ବେଳକୁ ଗୋଟିଏ ଡଲାର ବିନିମୟ ମୂଲ୍ୟ ୮ ଟଙ୍କା ୯୭ ପଇସା ଥିବା ବେଳେ ଏବେ ତାହା ପ୍ରାୟ ୯୬ ଟଙ୍କାରେ ପହଞ୍ଚିଲାଣି।

ଏଭଳି ସ୍ଥିତିରେ ସ୍ୱଦେଶୀ, ସ୍ୱାବଲମ୍ବନ, ସ୍ୱାଭିମାନ ଓ ସମାଜବାଦକୁ ଅଣଦେଖା କରି ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥାକୁ ବଢ଼ାଇବା ଫଳରେ ଆର୍ଥିକ, ସାମାଜିକ ଓ ରାଜନୈତିକ ବୈଷମ୍ୟ ବୃଦ୍ଧି ପାଉଛି। ପ୍ରକାଶିତ ରିପୋର୍ଟ ମୁତାବକ ଆମ ଦେଶର ଧନୀ ଲୋକମାନଙ୍କ ଭିତରୁ ୩୦ ପ୍ରତିଶତଙ୍କ ହାତରେ ମୋଟ ସମ୍ପତ୍ତିର ୯୦ ଭାଗ ରହିଥିବା ବେଳେ ଏହି ବର୍ଗର ଶୀର୍ଷରେ ଥିବା ୧ ପ୍ରତିଶତଙ୍କ ହାତରେ ମୋଟ ସମ୍ପତ୍ତିର ୪୦.୬ ପ୍ରତିଶତ ଠୁଳ ହୋଇଛି। ବିଭିନ୍ନ ଦେଶ ତୁଳନାରେ ସର୍ବାଧିକ ଦରିଦ୍ର ଲୋକ ଭାରତରେ ରୁହନ୍ତି। ଅନ୍ୟପକ୍ଷରେ ଦେଶର ଜିଏସ୍‌ଟି ବାବଦରେ ଯେତେ ଟିକସ ଆଦାୟ ହୁଏ ତାହାର ପ୍ରାୟ ଦୁଇ-ତୃତୀୟାଂଶ ସବୁଠାରୁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଲୋକ ଭରଣା କରିଥା'ନ୍ତି। ଆଳସ୍ୟ, ଦାରିଦ୍ର୍ୟ, ଦୁର୍ନୀତି, ନିଶା ଓ ହିଂସା ଆମ ଜନଜୀବନକୁ ବ୍ୟତିବ୍ୟସ୍ତ କରୁଥିବା ବେଳେ ବେକାରୀ, ବେରୋଜଗାରୀ ଓ ଦରଦାମ୍ ବୃଦ୍ଧିରେ ସାଧାରଣ ଲୋକେ ଅସ୍ତବ୍ୟସ୍ତ।

ସ୍ୱାଭିମାନ ଓ ଆତ୍ମନିର୍ଭରଶୀଳତାର ମାର୍ଗରେ ଯିବା ପରିବର୍ତ୍ତେ ଲୋକଙ୍କୁ ବିଭିନ୍ନ ମାଗଣା ଯୋଜନା, ନିଶା, ଅପରାଧ ଆଦିରେ ଛନ୍ଦି ଦିଆଯାଉଛି। ମାଗଣା ଯୋଜନା ଘେନି ବାରମ୍ବାର ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଆମ ଦେଶର ୮୧କୋଟି ୩୫ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଗହମ ବଣ୍ଟା ଯାଉଛି। ଓଡ଼ିଶାରେ କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା କରି ବାଣ୍ଟିବା କାମ ଚାଲିଥିବା ବେଳେ ମଧୁବାବୁ ପେନ୍‌ସନ୍ ଯୋଜନା ଓ ଅନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ୫୭ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଅର୍ଥ ବଣ୍ଟା ଚାଲିଛି। ସାରା ଦେଶରେ ଏହି ଧାରା ପ୍ରତିଯୋଗିତାଭିତ୍ତିରେ ଲାଗିଛି। ୫ଟଙ୍କିଆ ଆହାରଠାରୁ ଆଉ ବହୁ ମାଗଣା ଯୋଜନା ଆମ ବ୍ୟବସ୍ଥା ଉପରେ ଭାରି ପଡୁଛନ୍ତି। ଖୋଦ୍ ରିଜର୍ଭ ବ୍ୟାଙ୍କ ମଧ୍ୟ ମାଗଣା ଯୋଜନା ବ୍ୟବସ୍ଥା ଘେନି ବାରମ୍ବାର ଚିନ୍ତାବ୍ୟକ୍ତ କରୁଛନ୍ତି। କିନ୍ତୁ ତାହାର କିଛି ପ୍ରଭାବ ପଡୁନାହିଁ।

ମିତବ୍ୟୟିତା ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଅବଲମ୍ବନ କରିବା ଆବଶ୍ୟକ। କିନ୍ତୁ ଦେଖାଯାଏ ଯେ ରାଜନୈତିକ, ପ୍ରଶାସନିକ, ସାମାଜିକ ଆଦି କ୍ଷେତ୍ରରେ ନେତୃତ୍ୱ ନେଉଥିବା ବହୁ ବ୍ୟକ୍ତି ଅପବ୍ୟୟରେ ମାତି ଅନ୍ୟମାନଙ୍କ ପାଇଁ ଖରାପ ଉଦାହରଣ ସୃଷ୍ଟି କରନ୍ତି। କଳାଧନର ପାହାଡ଼ ଉପରେ ବସି ଗରିବଙ୍କ ଟିକସ ପଇସା ଓ ଋଣ ଅର୍ଥରେ ମଉଜ କରୁଥିବା ଶାସକ/ସେବକମାନଙ୍କ ପାଇଁ ସ୍ୱଚ୍ଛତା, ମିତବ୍ୟୟିତା ସତେଯେମିତି ଅପହଞ୍ଚ ଇଲାକା ହୋଇରହିଛି। ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମା'ରମାଦେବୀ, ଗୁଲଜାରିଲାଲ ନନ୍ଦା, ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍, ଲାଲବାହାଦୂର ଶାସ୍ତ୍ରୀ, ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାଶଙ୍କ ଭଳି ନେତାମାନେ ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ମିତବ୍ୟୟିତା, ସାଧୁତା, ଦେଶପ୍ରେମ ଆଦିର ଯେଉଁ ଛାପ ଛାଡ଼ିଯାଇଛନ୍ତି ତାହାକୁ ବର୍ତ୍ତମାନର ପିଢ଼ି ଅନୁସରଣ କଲେ ବହୁ ସମସ୍ୟାର ସମାଧାନ ହେବା ସହିତ ସରଳ ଜୀବନ ଓ ଉଚ୍ଚ ଚିନ୍ତନର ଆଦର୍ଶ ବିଶ୍ୱ ଆଗରେ ଆମେ ରଖିପାରିବା।

ବିଜୁ ପଟ୍ଟନାୟକ ୯୦ ଦଶକରେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମିତବ୍ୟୟିତା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଯେଉଁ ମନ୍ତ୍ରୀମାନଙ୍କର ଭୁବନେଶ୍ୱରରେ ଘର ଅଛି ସେମାନେ ସରକାରୀ କ୍ୱାର୍ଟର୍ସ ନରଖିବା, ମୁଖ୍ୟମନ୍ତ୍ରୀଙ୍କଠାରୁ ସମସ୍ତ ମନ୍ତ୍ରୀ, ମୁଖ୍ୟ ସଚିବଙ୍କଠାରୁ ସମସ୍ତ ସଚିବ ଓ କ୍ଷେତ୍ର ଅଧିକାରୀମାନେ ସପ୍ତାହରେ ପ୍ରତି ଶନିବାର ଓ ରବିବାର ଦିନ ସରକାରୀ ଗାଡ଼ି ବ୍ୟବହାର ନକରିବା, ବ୍ୟକ୍ତିଗତ ଓ ଘରୋଇ କାର୍ଯ୍ୟରେ ସରକାରୀ ସୁବିଧା ସୁଯୋଗର ଦୁରୁପଯୋଗ ନକରିବା ଆଦି କଟକଣା ସେତେବେଳେ ଲାଗିଥିଲା। ଏବେ ତାହାର ପୁନରାବୃତ୍ତି କରାଯାଇପାରିବ କି? ତଳୁ ଉପର ପର୍ଯ୍ୟନ୍ତ ଆମ ନେତା ଓ ଅଧିକାରୀମାନଙ୍କ ସୁରକ୍ଷା ଓ ଆଡ଼ମ୍ବର ପାଇଁ ଯେତେ ଅର୍ଥ ବରବାଦ ହେଉଛି ସେମାନେ ତାହା ଛାଡ଼ିପାରିବେ କି? ପ୍ରତିଟି ସରକାରୀ ଟଙ୍କାକୁ ଦୁର୍ନୀତି, ଭ୍ରଷ୍ଟାଚାରରୁ ରକ୍ଷା କରାଯାଇପାରିବ କି? ସରକାରୀ ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରୀ ଓ ଅଧିକାରୀମାନଙ୍କ ଲାଗି ଯେତୋଟି ସରକାରୀ ଗାଡ଼ି ଓ ସରକାରୀ କର୍ମଚାରୀ ନିୟୋଜନ ହେବା କଥା ତାହାର ଅଧା କାଣ୍ଟଛାଣ୍ଟ କରିପାରିବେ କି? ଯଦି ଗଙ୍ଗୋତ୍ରୀ ବିଷାକ୍ତ ହେବ ତେବେ ଗଙ୍ଗା ସାଗରରେ ସ୍ୱଚ୍ଛତା ରହିବ କେଉଁଠି? ଏ ପରିପ୍ରେକ୍ଷୀରେ ସର୍ବପ୍ରଥମେ ଦେଶକୁ ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ଦେଉଥିବା ନେତା ଓ ପ୍ରଶାସକମାନେ କାୟମନୋବାକ୍ୟରେ ମିତବ୍ୟୟିତା, ସାଧୁତା, ସ୍ୱଚ୍ଛତା ଓ ସଂଯମ ଅବଲମ୍ବନ କଲେ ତଥାକଥିତ ଧନିକ ବର୍ଗଙ୍କୁ 'ଟ୍ରଷ୍ଟିସିପ୍' ମନ୍ତ୍ରରେ ଅଭିମନ୍ତ୍ରିତ କରାଇବା ପାଇଁ ଚାପ ପଡ଼ିପାରିବ। ସାଧାରଣ ଲୋକେ ବି ରାଷ୍ଟ୍ରର ହିତ ଦୃଷ୍ଟିରୁ ମିତବ୍ୟୟିତା ସହିତ ଶୃଙ୍ଖଳାକୁ ଆପଣାଇବେ।

ପ୍ରତିକୂଳ ପରିସ୍ଥିତି ସଶକ୍ତ ହେବା ପାଇଁ ପ୍ରେରଣା ଦେଇଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧଜନିତ ପରିସ୍ଥିତି ସହିତ ବାଣିଜ୍ୟିକ ନିଅଣ୍ଟ, ଋଣବୋଝ, ଆର୍ଥିକ ବୈଷମ୍ୟ, ପରମୁଖାପେକ୍ଷିତା, ନିଶା, ହିଂସା, ଦୁର୍ନୀତି, କଳାଧନ, ଅପରାଧ ଆଦିର ନକାରାତ୍ମକ ବାତାବରଣରୁ ମୁକୁଳି ଆମକୁ ସକାରାତ୍ମକ ମାର୍ଗରେ ସମୃଦ୍ଧ ଭାରତ ନିର୍ମାଣ ପାଇଁ ଆଗେଇବାକୁ ପଡ଼ିବ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ଲକ୍ଷଲକ୍ଷ ସତ୍ୟାଗ୍ରହୀଙ୍କ କାରା ଓ ନିର୍ଯାତନାବରଣ ପ୍ରତିବଦଳରେ ଯେଉଁ ସ୍ୱାଧୀନତା ହାସଲ କରାଯାଇଛି ତାହାକୁ ବିଷବଳୟରୁ ରକ୍ଷା କରିବା ପାଇଁ ପୁଣି ଆମକୁ ତ୍ୟାଗ ଓ ସେବାର ମନ୍ତ୍ରରେ ଅଭିମନ୍ତ୍ରିତ ହେବାକୁ ପଡ଼ିବ। ଦେଶ ବଡ଼ ହେଲେ ଆମେ ସମସ୍ତେ ବଡ଼ ହେବା। ସର୍ବପ୍ରଥମେ ଆମ ରାଷ୍ଟ୍ରର ସୁରକ୍ଷା ଓ ସମୃଦ୍ଧି, ତା'ପରେ ଆଉ ଯାହାକିଛି।

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

## ଅନିୟନ୍ତ୍ରିତ ବିସ୍ତାରିତ ସହର

**ଅରିଜିତ ମିଶ୍ର**

'ସହର' ଆଧୁନିକ ସମୟର ଏକ ଉନ୍ନତିମୂଳକ ଦୃଷ୍ଟାନ୍ତ। ବର୍ତ୍ତମାନର ଆଧୁନିକ ସମାଜ ସହରୀ ଜୀବନରେ ଚଳିବା ନିମନ୍ତେ ଶତଚେଷ୍ଟିତ। ସେଥିପାଇଁ ସହରମାନଙ୍କର ସଂଖ୍ୟା ଏବଂ ସହରର ଆକାର ଦିନକୁ ଦିନ ବୃଦ୍ଧି ପାଉଛି। ମଣିଷର ମାନସିକତା ହେଉଛି ହାତ ପାଖରେ ସବୁ ସୁବିଧା ମିଳିବା ଦରକାର, ଯେପରିକି ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ଶିଳ୍ପାୟନ, ବିଦ୍ୟୁତ୍ ଓ ଜଳ ସୁବିଧା ଇତ୍ୟାଦି। ମୁଖ୍ୟତଃ ଗ୍ରାମାଞ୍ଚଳର ଯୁବବର୍ଗ ଚାକିରି ଓ ଶିକ୍ଷା ଅନ୍ୱେଷଣରେ ବର୍ତ୍ତମାନ ସହର ମୁହାଁ।

ସହରମାନଙ୍କରେ ଜନସଂଖ୍ୟା ଏବଂ ଗୃହ ସଂଖ୍ୟା ବଢ଼ିବା ଦ୍ୱାରା ଗୃହୋପଯୋଗୀ ଜମିର ଅଭାବ ଦେଖାଦେଉଛି। ତେଣୁ ସହର ନିକଟସ୍ଥ ଚାଷ ଜମି, ଜଙ୍ଗଲ, ନଦୀ କୂଳ, ସମୁଦ୍ର କୂଳ ଆଦି ଜମିଗୁଡ଼ିକ ଧୀରେ ଧୀରେ ସହର ଉପକଣ୍ଠ ଅଞ୍ଚଳରେ ଅନିୟନ୍ତ୍ରିତ ଭାବରେ ବିସ୍ତାର କଲାଣି। ଭାରତରେ ବର୍ତ୍ତମାନ ବଡ଼ ସହରଗୁଡ଼ିକର ଆକାରରେ ୫% ବୃଦ୍ଧି ପାଇଥିବା ବେଳେ ଓଡ଼ିଶାରେ ୨% ରୁ ୪% ବୃଦ୍ଧି ପାଉଛି। ଦିଲ୍ଲୀରେ ୧୯୯୦ ମସିହା ପରେ ୪% ସହରର ଆକାର ବୃଦ୍ଧି ପାଇଛି। ବିଶେଷକରି ଗୁଡଗାଁଓ, ନୋଏଡ଼ା, ଗାଜିଆବାଦ ଆଦି ଅଞ୍ଚଳର ଦ୍ରୁତ ସମ୍ପ୍ରସାରଣ ଘଟିଛି। ମୁମ୍ବାଇ ସହରରେ ସୀମିତ ଜମି ଥିବାରୁ ଉଚ୍ଚ ଅଟ୍ଟାଳିକାର ନିର୍ମାଣ ବୃଦ୍ଧି ପାଇଛି। ନବି ମୁମ୍ବାଇ, ଥାନେ ପରି କେତେକ ଅଞ୍ଚଳ ବଢ଼ି ସମ୍ପୂର୍ଣ୍ଣ ମୁମ୍ବାଇର ଆକାର ୩% ବୃଦ୍ଧି ପାଇଛି। କର୍ଣ୍ଣାଟକର ବେଙ୍ଗାଲୁରୁ ସହର ପ୍ରଯୁକ୍ତିବିଦ୍ୟାର ମାତ୍ରାଧିକ ଅନୁଷ୍ଠାନ ହେବା ଦ୍ୱାରା ତାହାର ସୀମା ୨୦୦ ବର୍ଗ କିଲୋମିଟରରୁ ବୃଦ୍ଧି ପାଇ ୮୦୦ ବର୍ଗ କିଲୋମିଟରରେ ପହଁଚିଛି। ସେହିପରି ଆମ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସହର ବର୍ତ୍ତମାନ ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ସହରମାନଙ୍କ ମଧ୍ୟରୁ ଅନ୍ୟତମ। କ୍ରମଶଃ ଭୁବନେଶ୍ୱର ଓ କଟକ ସହରର ମଧ୍ୟବର୍ତ୍ତୀ ଅଞ୍ଚଳ ପାହାଳ, ନଖରା, ବାଲିକୁଦା ଆଦିକୁ ଦେଖିଲେ ଜାଣି ହେଉନି କିଏ ଭୁବନେଶ୍ୱର କିଏ କଟକ! ଭୁବନେଶ୍ୱରରେ ବରମୁଣ୍ଡା ଠାରୁ ଖଣ୍ଡଗିରି, ଆଇଗିଣିଆ, ପିତାପଲ୍ଲୀ ଆଦି ଉପକଣ୍ଠ ଅଞ୍ଚଳ ଏବେ ଖୋର୍ଦ୍ଧା ସହର ନିକଟତର ହେଲାଣି। ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟ ଭୁବନେଶ୍ୱର ସହର ସହିତ ମିଶିବାକୁ ଉଦ୍ୟତ। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ରାସ୍ତା ଠାରୁ ବାରଙ୍ଗ, ତ୍ରିଶୁଳିଆ ଅଞ୍ଚଳ ଏବେ ସହରୀ ସଭ୍ୟତାରେ ଅବତୀର୍ଣ୍ଣ। ଜନସଂଖ୍ୟାର ଘନତ୍ୱ ବୃଦ୍ଧି ହେବା ଫଳରେ କଟକ ସହରର ଆକାରରେ ୨% ବିସ୍ତାର ହୋଇ ଭୁବନେଶ୍ୱର ସହିତ ମିଶ୍ରଣ ଘଟିଲାଣି।

ସବୁଠାରୁ ବଡ଼ ସମସ୍ୟା ହେଉଛି ସହର ଓ ସହର ତଳିମାନଙ୍କରେ ବସ୍ତି ଓ ବସ୍ତିବାସିନ୍ଦାଙ୍କ ସଂଖ୍ୟା ବୃଦ୍ଧି ପାଇବା। ସହର ଭିତରେ ଶସ୍ତା ଘର ମିଳୁ ନ ଥିବାରୁ ଉପକଣ୍ଠରେ ଥିବା ସରକାରୀ ଜମି ବା ଗୋଚର ଜମିକୁ ଜବରଦଖଲ କରି ବସ୍ତି ନିର୍ମାଣ ହେଉଛି। ଭାରତର ବଡ଼ ସହରଗୁଡ଼ିକରେ ବସ୍ତିବାସିନ୍ଦାଙ୍କ ମାତ୍ରା ୪୦% ଥିବା ବେଳେ ଓଡ଼ିଶାରେ ୨୫% ରହିଛି। ବସ୍ତି ସଂଖ୍ୟା ବୃଦ୍ଧି ପାଇବା ଦ୍ୱାରା ପରିବେଶ ଅସ୍ୱଚ୍ଛ ହେବା ସହିତ ସ୍ୱାସ୍ଥ୍ୟ, ଖାଦ୍ୟ ଓ ପାନୀୟରେ ସମସ୍ୟା ଏବଂ ବିଭିନ୍ନ ପ୍ରକାରର ଅପରାଧ ବୃଦ୍ଧି ପାଏ।

ଏହାର ନିୟନ୍ତ୍ରଣ ନିହାତି ଆବଶ୍ୟକ। ମୁଖ୍ୟତଃ ସରକାରୀ ସ୍ତରରେ କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଯେଉଁ ସହର ଉପକଣ୍ଠ ଚାଷ ଜମିଗୁଡ଼ିକୁ ଲୋକେ ବିକିବା ପାଇଁ ଘରବାଡ଼ି ପଟ୍ଟା କରୁଛନ୍ତି, ସେଥିରେ ନିହାତି ନିୟନ୍ତ୍ରଣ ଲାଗିବା ଜରୁରୀ। ଦୀର୍ଘମିଆଦୀ ସହରୀ ଯୋଜନା କରିବା ସହିତ ସହରର ଚତୁଃର୍ପାଶ୍ୱକୁ ଗଛ ଲଗାଇ ସବୁଜ ସୁନ୍ଦର କଲେ ପରିବେଶ ପାଇଁ ଭଲ। ସରକାରୀ ସ୍ତରରେ ଭୂମିହୀନମାନଙ୍କୁ 'ଜାଗା ମିଶନ୍' ମାଧ୍ୟମରେ ଭୂମି ଓ ଗୃହ ବଣ୍ଟନ ହେଉଛି। ଏହି ମାତ୍ରା ସଠିକ୍ ରୂପେ ପରିଚାଳନା ହେଲେ ଆଗକୁ ବିଶେଷ ଭାବରେ ବସ୍ତିବାସିନ୍ଦାଙ୍କ ସଂଖ୍ୟା କମିଯିବ। ଗାଁରେ ଯୁବବର୍ଗଙ୍କ ପାଇଁ ରୋଜଗାରର ରାସ୍ତା ସୃଷ୍ଟି ହେଲେ ମଙ୍ଗଳପ୍ରଦ। ଯାହା ଫଳରେ ସେମାନେ ସହରାଭିମୁଖୀ ନହୋଇ ଗାଁରେ ରୋଜଗାରର ପନ୍ଥା ବାଛିବେ। ପ୍ରଦୂଷଣ ଜନିତ ସମସ୍ୟାକୁ ନିହାତି ଭାବରେ ଧ୍ୟାନ ଦେଲେ ମଣିଷ ଓ ସହରୀ ପରିବେଶ ବଞ୍ଚି ପାରିବ।

ସମସ୍ତ ଅସୁବିଧାର ନିରାକରଣ ଖାଲି ସରକାରଙ୍କ ହସ୍ତକୁ ଠେଲି ଦେଇ ବସିଗଲେ ହେବନି। ସେଥିପାଇଁ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଜରୁରୀ। ବର୍ତ୍ତମାନ ଓ ଭବିଷ୍ୟତରେ ସହରକୁ ଯେପରି ଏକ ସୁସ୍ଥ ପରିବେଶ ମଧ୍ୟରେ ରଖିପାରିବା ସେଥିନିମିତ୍ତ ଜନସାଧାରଣଙ୍କ ଏକତା ଓ ନିଃସ୍ୱାର୍ଥ ସହଯୋଗ ଅତ୍ୟନ୍ତ କାମ୍ୟ।

ବୀରନରସିଂହପୁର(ପୁରୀ),
ମୋ: ୯୦୪୦୩୫୦୦୮୯

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ପ୍ରବୀର କୁମାର ପଟ୍ଟନାୟକ**

ଓଡ଼ିଶାର ବୌଦ୍ଧ ପରମ୍ପରା



ଅଶୋକଙ୍କ ଅଭିଲେଖଗୁଡ଼ିକ ପ୍ରାକୃତ, ଗ୍ରୀକ୍ ତଥା ଆରାମିକ ଭାଷାରେ ଲିଖିତ। ଆଫଗାନିସ୍ତାନରେ ଲିଖିତ ଅଭିଲେଖ ସବୁରେ ଆରାମିକ ତଥା ଗ୍ରୀକ୍ ଲିପି ବ୍ୟବହାର କରାଯାଇଥିବା ବେଳେ ପାକିସ୍ତାନର ଉତ୍ତର-ପଶ୍ଚିମ ଅଞ୍ଚଳ ମାନସେହରା ତଥା ଶାହବାଜଗଢ଼ି ନିମନ୍ତେ ଖରୋଷ୍ଠୀ ଲିପି ଏବଂ ସାମ୍ରାଜ୍ୟର ଅନ୍ୟ ସମସ୍ତ ଅଞ୍ଚଳ ନିମନ୍ତେ ବ୍ରାହ୍ମୀ ଲିପି ବ୍ୟବହାର କରାଯାଇଥିଲା।

ଅଶୋକଙ୍କ ଅଭିଲେଖଗୁଡ଼ିକୁ ସାଧାରଣ ଭାବେ ଦୁଇଗୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଗୋଟିଏ ହେଲା ଯେଉଁଗୁଡ଼ିକ ପଥର ଚଟାଣ ଉପରେ ଖୋଦିତ ଏବଂ ଅନ୍ୟଟି ହେଉଛି ପଥର ତିଆରି ସ୍ତମ୍ଭରେ ଖୋଦିତ। ସେହିଭଳି ପଥର ଚଟାଣରେ ଖୋଦିତ ଶିଳାଲେଖଗୁଡ଼ିକ ମଧ୍ୟ ତିନିଗୋଟି ଭାଗରେ ବିଭକ୍ତ - ଶିଳା ଲିପି, କ୍ଷୁଦ୍ର ଶିଳାଲିପି ଓ ଗୁମ୍ଫା ଲେଖ।

ଷଷ୍ଠ ସ୍ତମ୍ଭଲେଖ ଅନୁଯାୟୀ ଅଶୋକ ଧର୍ମ ସମ୍ପର୍କୀୟ ଲେଖମାନ ରାଜ୍ୟାଭିଷେକର ବାରବର୍ଷ ପରେ (ଖ୍ରୀ. ପୂ. ୨୬୯) ଅଥବା ରାଜ୍ୟ ଶାସନରେ ତ୍ରୟୋଦଶ ବର୍ଷ ପରେ (ଖ୍ରୀ.ପୂ. ୨୫୭) ପ୍ରବର୍ତ୍ତନ କରିବା ଆରମ୍ଭ କଲେ। ସେ ପ୍ରଥମେ କ୍ଷୁଦ୍ର ଶିଳାଲିପି ମାନ ଖୋଦନ କରାଇଥିଲେ। ଏହାର ଅଳ୍ପକାଳ ପରେ ଶିଳାଲିପିଗୁଡ଼ିକ ପ୍ରବର୍ତ୍ତନ କରାଇଲେ। ତ୍ରୟୋଦଶ ଶିଳାଲିପି ଅଶୋକଙ୍କ ରାଜ୍ୟଶାସନର ନବମ ବର୍ଷରେ ଏବଂ ଅଷ୍ଟମ ଶିଳାଲିପି ଶାସନର ଏକାଦଶ ବର୍ଷରେ ଜାରି କରାଯାଇଥିଲା। ଏଗୁଡ଼ିକ ତାଙ୍କର ବିଗତ ବର୍ଷ ମଧ୍ୟରେ ସଂଘଟିତ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମକୁ ନେଇ ପ୍ରବର୍ତ୍ତିତ କରାଯାଇଥିଲା। ତୃତୀୟ ତଥା ଚତୁର୍ଥ ଶିଳାଲିପି ତାଙ୍କ ଶାସନର ତ୍ରୟୋଦଶ ବର୍ଷରେ ଏବଂ ପଞ୍ଚମ ଶିଳାଲିପି ଶାସନର ଚତୁର୍ଦ୍ଦଶ ବର୍ଷରେ ପ୍ରବର୍ତ୍ତିତ ହୋଇଥିଲା। ତିନିଗୋଟି ଗୁମ୍ଫାଲେଖ ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ଲେଖ ଶାସନର ତ୍ରୟୋଦଶ ବର୍ଷରେ ଖୋଦିତ ହେବା ସହ ତୃତୀୟଟି ଶାସନର ବିଂଶ ବର୍ଷରେ ଖୋଦିତ ହୋଇଥିଲା।

ସ୍ତମ୍ଭଲେଖଗୁଡ଼ିକ ମଧ୍ୟରୁ କ୍ଷୁଦ୍ର ସ୍ତମ୍ଭଲେଖରେ କୌଣସି ନିର୍ଦ୍ଦିଷ୍ଟ ସମୟର ଉଲ୍ଲେଖ ନାହିଁ। ଦୁଇଟିଯାକ ସ୍ତମ୍ଭଲେଖ ଶାସନର ଏକବିଂଶ ବର୍ଷରେ ଖୋଦିତ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଅଶୋକଙ୍କ ଶାସନର ପଞ୍ଚଦଶ ବର୍ଷର ଘଟଣାକ୍ରମ ସହ ସଂପର୍କିତ। ପ୍ରଥମ, ଚତୁର୍ଥ, ପଞ୍ଚମ ଓ ଷଷ୍ଠ ସ୍ତମ୍ଭ ଲେଖମାନ ତାଙ୍କ ଶାସନ ସପ୍ତବିଂଶ ବର୍ଷରେ ଖୋଦିତ ହୋଇଥିଲା। ଷଷ୍ଠ ସ୍ତମ୍ଭଲେଖଟି ସମ୍ରାଟଙ୍କର ଶାସନର ତ୍ରୟୋଦଶ ବର୍ଷର ଏକ ଘଟଣାକ୍ରମ ସଂପର୍କିତ ଥିଲା।

ଅଶୋକଙ୍କ ଶିଳାଲେଖଗୁଡ଼ିକ ଯେଉଁସବୁ ସ୍ଥାନମାନଙ୍କରେ ସ୍ଥାପନ କରାଯାଇଥିଲା, ସେଗୁଡ଼ିକ ସବୁ ଭୌଗୋଳିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେଗୁଡ଼ିକ ଯୋଜନାବଦ୍ଧ ଭାବେ ଜନବସତି ନିକଟରେ ଅଥବା ଗୁରୁତ୍ୱପୂର୍ଣ୍ଣ ଯାତ୍ରାମାର୍ଗରେ କିମ୍ବା ଧର୍ମସ୍ଥଳ ନିକଟରେ ସ୍ଥାପନ କରାଯାଉଥିଲା। ଯାହାଫଳରେ ସେଗୁଡ଼ିକ ଅଧିକସଂଖ୍ୟକ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିପାରିବେ। ଯେଉଁ ସ୍ଥାନମାନଙ୍କରେ ଶିଳାଲେଖ ସ୍ଥାପନ କରାଯାଇଥିଲା ସେଗୁଡ଼ିକ ମୁଖତଃ ଛଅଗୋଟି ଅଞ୍ଚଳର ଚାଳିଶ ଗୋଟି ସ୍ଥଳ। ଅଞ୍ଚଳସବୁ ହେଲା ଉତ୍ତରଭାରତ, ଦକ୍ଷିଣଭାରତ, ପୂର୍ବଭାରତ, ପଶ୍ଚିମଭାରତ, ମଧ୍ୟଭାରତ ଏବଂ ଭାରତ ବାହାର ଥିବା ଅଞ୍ଚଳ। ଯେଉଁସବୁ ସ୍ଥାନରେ ଅବସ୍ଥିତ ସେଗୁଡ଼ିକ ହେଲା ଉତ୍ତର ଭାରତର ଅହରୌରା, ଏଲାହାବାଦ- କୋସମ, ଦିଲ୍ଲୀ- ମିରଟ ଓ ଦିଲ୍ଲୀ-ତୋପ୍ରା, କାଲାସୀ, ସାରନାଥ, ସୋହଗୌରା। ଦକ୍ଷିଣ ଭାରତର ବ୍ରହ୍ମଗିରି, ଗବୀ ମଠ, ମାସ୍କି, ପାଲକୀଗୁଣ୍ଡ, ରାଜୁଲା ମନ୍ଦାଗିରି, ସିଦ୍ଧାପୁର, ସୁବନ୍ତେଗିରି ଓ ୟେରାଗୁଡି। ପୂର୍ବ ଭାରତରେ ବରାବର ପାହାଡ଼ ଗୁମ୍ଫା, ଧଉଳି, ଜଉଗଡ଼, ଲଭରିୟା- ଅରାରାଜ, ଲଭରିୟା-ନନ୍ଦନଗଡ଼, ମହାସ୍ଥାନ, ପାଟଳୀପୁତ୍ର, ରାମପୂର୍ବା, ସହସ୍ରାମ ଓ ତାମ୍ରଲିପି।। ପଶ୍ଚିମ ଭାରତର ବଇରାତ, ଭରୁଚ, ଗିରନାର, ଜତିଙ୍ଗ-ରାମେଶ୍ୱର, ସୋପାରୀ ଓ ଉଜ୍ଜୟିନୀ। ମଧ୍ୟ ଭାରତର ଗୁଜରା, ରୂପନାଥ ଓ ସାଞ୍ଚି। ଭାରତ ବାହାର ଅଞ୍ଚଳରେ କାନ୍ଦାହାର, ଲମ୍ପିକ, ମାନସେହରା, ନିଗଳି- ସାଗର, ରୁମିନ୍ଦେଇ, ଶାହବାଜ ଗଢ଼ି ଓ ତକ୍ଷଶିଳା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କୋମନା ବ୍ଲକ୍‌ରେ ଶିଶୁ ସୁରକ୍ଷା ଯୋଜନା ବାଟବଣା

# ପ୍ରଧାନମନ୍ତ୍ରୀ ଆବାସ ଘରେ ଅଙ୍ଗନବାଡ଼ି କେନ୍ଦ୍ର

ନୂଆପଡ଼ା/କୋମନା,୧୫।୫(ସମିସ)



ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ ଶିଶୁ ସୁରକ୍ଷା ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକ୍ ଅଧୀନ ଲର୍କି ଗ୍ରାମରେ ଦୀର୍ଘଦିନ ହେବ ସ୍ଥାୟୀ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇପାରି ନ ଥିବାରୁ ଏକ ପ୍ରଧାନମନ୍ତ୍ରୀ ଆବାସ ଘରେ ଚାଲିଥିବା ଭଳି ଘଟଣା ବିଭାଗୀୟ ଅବହେଳାକୁ ପଦାରେ ପକାଇଦେଇଛି। ଗାଁର ୨ ନମ୍ବର ୱାର୍ଡରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରର ଦୁରାବସ୍ଥା ଆଜି ସମଗ୍ର ଗ୍ରାମବାସୀଙ୍କ ପାଇଁ ଗଭୀର ଚିନ୍ତା ଓ ଦୁଃଖର ବିଷୟ ହୋଇପଡ଼ିଛି। ଯେଉଁ ଅଙ୍ଗନବାଡ଼ି କେନ୍ଦ୍ର ଛୋଟଛୋଟ ଶିଶୁମାନଙ୍କ ଭବିଷ୍ୟତର ଆଧାର ହେବା କଥା, ଯେଉଁଠାରେ ସେମାନେ ଶିକ୍ଷା, ପୋଷଣ ଓ ସୁରକ୍ଷିତ ପରିବେଶ ପାଇବା କଥା, ସେହି କେନ୍ଦ୍ର ଆଜି ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଚାଲିବାକୁ ବାଧ ହେଉଛି। ଏହା କେବଳ ଗ୍ରାମର ଅବହେଳାର ଚିତ୍ର ନୁହେଁ, ବରଂ ଗ୍ରାମୀଣ ଶିଶୁମାନଙ୍କ ଭବିଷ୍ୟତ ସହ ହେଉଥିବା ଏକ ବଡ଼ ଅନ୍ୟାୟର ପ୍ରମାଣ ଅଟେବୋଲି ଚର୍ଚ୍ଚା ହେଉଛି। ବିଗତ କିଛିବର୍ଷ ହେଲା ଏହି ଅଙ୍ଗନବାଡ଼ି କେନ୍ଦ୍ରଟି ଏକ ଅସ୍ଥାୟୀ ଓ ଅନୁପଯୁକ୍ତ ଘରେ ଚାଲୁଛି। ଗ୍ରାମବାସୀ ଅନେକ ଥର ପ୍ରଶାସନଙ୍କୁ ଏହି ବିଷୟରେ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇନାହିଁ। ପ୍ରାୟ ୩ ବର୍ଷ ଧରି ଗ୍ରାମର ସଚେତନ ଲୋକମାନେ, ମାଆ ଭଉଣୀ, ଅଭିଭାବକ ଓ ସମାଜସେବୀମାନେ ପ୍ରଶାସନ ଓ ସମ୍ବନ୍ଧିତ ବିଭାଗଙ୍କ ନିକଟରେ ନିବେଦନ କରୁଛନ୍ତି। କିନ୍ତୁ ଦୁଃଖର କଥା ହେଲା, ସେମାନଙ୍କର ଅନୁରୋଧ କାଗଜପତ୍ରରେ ସୀମିତ ରହିଯାଇଛି। ଏକ ଅଙ୍ଗନବାଡ଼ି କେନ୍ଦ୍ର ଏକ ଘରେ ଚାଲୁଥିବାରୁ ଖରା ଦିନେ ଗରମ ଘର ଭିତରେ ଅସହ୍ୟ ଉତ୍ତାପ ରହୁଛି, ବର୍ଷା ଦିନରେ ପାଣି ପସିବାର ଭୟ ଥାଏ ଓ ଶୀତ ଦିନରେ ଛୋଟ ଛୋଟ ଶିଶୁମାନେ ବହୁତ କଷ୍ଟ ଭୋଗୁଛନ୍ତି। ଅଙ୍ଗନବାଡ଼ିକୁ ଆସୁଥିବା ଶିଶୁମାନେ ନିରାପଦ ପରିବେଶ ପାଉନାହାନ୍ତି। ଖେଳିବାକୁ ଠିକ୍ ସ୍ଥାନନାହିଁ, ବସିବାକୁ ସଠିକ୍ ବ୍ୟବସ୍ଥା ନାହିଁ ଓ ଶିକ୍ଷାଦାନ ପାଇଁ ଯଥେଷ୍ଟ ସୁବିଧା ମଧ୍ୟ ନାହିଁ। ଏହି ଅବସ୍ଥାରେ ଛୋଟ ଛୋଟ ଶିଶୁମାନଙ୍କ ମନୋବଳ ଭାଙ୍ଗିଯାଉଛି। ସେମାନଙ୍କ ମନରେ ଶିକ୍ଷାପ୍ରତି ଆଗ୍ରହ କମିଯାଉଛି। ଯେଉଁ ବୟସରେ ସେମାନେ ହସି ଖେଳି ଶିଖିବା କଥା, ସେହି ବୟସରେ ସେମାନେ ଅସୁବିଧା ଓ ଅବହେଳାର ଶିକାର ହେଉଛନ୍ତି। ଯଦି ଶୀଘ୍ର ଅଙ୍ଗନାବଡ଼ି କେନ୍ଦ୍ର ପାଇଁ ନୂତନ ଘର ନିର୍ମାଣର ବ୍ୟବସ୍ଥା କରା ନ ଯାଏ, ତେବେ ଗ୍ରାମର ସମସ୍ତ ମାଆ ଭଉଣୀ ଓ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି କହିଛନ୍ତି।

## କଳମପୁର ପାକ୍ସ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର




କଳମପୁର,୧୫।୫(ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ପାକ୍ସର ନିଜସ୍ୱ କୋଠା ନ ଥିଲା। ଏହା ୧୯୫୬ ମସିହାରେ ସ୍ଥାପନ ହୋଇଥିବା ବେଳେ ସମୟରେ ମୁଖ୍ୟ ବଜାର ପ୍ରାଙ୍ଗଣରେ ଥିବା ଏକ ଖପର ଘରେ ନିଜର ସେବା ଜାରି ରଖିଥିଲା। ପରେ ବଜାର ପ୍ରାଙ୍ଗଣ ଖପର ଘରରୁ ଆରଏମସିର ଏକ କୋଠାରେ ଏହା ଭଡା ସୂତ୍ରରେ କାର୍ଯ୍ୟକାରୀ ହେଲା।

ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ନିଜସ୍ୱ କୋଠା ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇ ପାରୁ ନ ଥିଲା। ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ବୈଠକରେ କଳମପୁର ପାକ୍ସ ସଭାପତି ଶଙ୍କର୍ଷଣ ବେହେରା ନିଜସ୍ୱ କୋଠାଘର ନିର୍ମାଣ ନିମନ୍ତେ ଆବଶ୍ୟକୀୟ ଅର୍ଥମଞ୍ଜୁର ସକାଶେ ଦାବି ରଖିଥିଲେ। ପର୍ଯ୍ୟାୟ କ୍ରମେ ତାହା ଡିଆରସିଏସଙ୍କ ପ୍ରଚେଷ୍ଟାରେ ଜିଲ୍ଲାପାଳଙ୍କ ଅନୁମୋଦନ ଲାଭ କରିଛି। ଏହି କୋଠା ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଜନ ଉପରେ ନ୍ୟସ୍ତ ରହିଥିବାବେଳେ ୫୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ କରିବାକୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇ ଥିବା ପାକ୍ସ ସଭାପତି ଶ୍ରୀ ବେହେରାଙ୍କଠାରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଏହି କୋଠା ନିର୍ମାଣ ହେଲେ ସୁନ୍ଦର ବାତାବରଣ ସହିତ କୃଷି ଓ କୃଷକଙ୍କ ସେବା କରିବାରେ ସହାୟକ ହେବ ବୋଲି ଆଶା ପୋଷଣ କରାଯାଇଛି।

## ବିକାଶ ଆବାସିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ



ଭବାନୀପାଟଣା,୧୫।୫(ସମିସ): ସିବିଏସଇ ଦ୍ୱାଦଶ ବୋର୍ଡ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ଡି ଶ୍ୟାମ, ନିର୍ଦ୍ଦେଶକ ଡି.ରାମ କୁମାର ଯୋଗ ଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ମୁଖ୍ୟ ଶିକ୍ଷାଧିକାରୀ ଡି.ବିଜୟା, ଡି. ପଦ୍ମିନୀ, ପ୍ରିନ୍ସିପାଲ କମ୍ ମୁଖ୍ୟ ପ୍ରଶାସକ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତିଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଯୋଗଦେଇଥିଲେ। ପ୍ରକାଶଯୋଗ୍ୟ ଯେ ସିବିଏସଇ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ଅନୁଷ୍ଠାନରୁ ବିଜ୍ଞାନରେ ସର୍ବମୋଟ ୧୬୦ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୯୫% ରୁ ଉର୍ଦ୍ଧ୍ୱ ୨ ଜଣ ୯୦% ପ୍ରତିଶତରୁ ଉର୍ଦ୍ଧ୍ୱ ୮ ଜଣ ୮୦% ରୁ ଉର୍ଦ୍ଧ୍ୱ ୪୧ ଜଣ ଥିବାବେଳେ ୯୯ ଜଣ ୬୦% ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଶିଳା ନୟନ ୯୫.୬ % ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ମୋଟ ୩୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଜଣ ଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୟଙ୍କ ଅଗ୍ରୱାଲ ସର୍ବାଧିକ ୯୭% ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ଏହି ଅବସରରେ ୮୦% ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ବିକାଶ ଶିକ୍ଷାନୁଷ୍ଠାନର ଗୁଣାତ୍ମକ ଶିକ୍ଷା ଓ ଅଧ୍ୟବସାୟ ଯୋଗୁଁ ବିଦ୍ୟାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ କଳାହାଣ୍ଡି ଜିଲ୍ଲାର ମାନବୃଦ୍ଧି କରିଥିବା ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ ପ୍ରକାଶ କରିଛନ୍ତି।

## ଚଳନା ସ୍କୁଲ ଛାତ୍ରୀଙ୍କ ସଫଳତା

ସିନାପାଲି,୧୫।୫(ସମିସ): ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ବା ଏନ୍ଏମ୍ଏମ୍ଏସ୍ ପରୀକ୍ଷାରେ ସିନାପାଲି ଗୋଷ୍ଠୀ ଶିକ୍ଷା ଅନ୍ତର୍ଗତ ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଜଣ ଛାତ୍ରୀ ଝରଣା ମଶ୍ରା ଓ ରାଶି ପୁଝାରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଉକ୍ତ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଖବର ପ୍ରକାଶ ପାଇଲାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ପ୍ରଧାନଶିକ୍ଷକ ପ୍ରଦୀପ ଯୋଷୀଙ୍କ ତତ୍ତ୍ୱାବଧାନରେ ଏକ ସଭା କରାଯାଇ ଉଭୟ ମେଧାବୀ ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନିତ କରାଯାଇଥିଲା। ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ମମିତା ପଟ୍ଟଯୋଷୀ, ଶିକ୍ଷକ ବୈଷ୍ଣବ ମେହେର, କିଶୋର ଚନ୍ଦ୍ର ମେହେର, ଶିକ୍ଷୟିତ୍ରୀ ସୁମିତ୍ରା ମେହେର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଗତ କିଛିବର୍ଷ ହେଲା ଲଗାତାର ଭାବରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଏନ୍ଏମ୍ଏମ୍ଏମ୍ ପରୀକ୍ଷାରେ ସଫଳତା ପାଇ ଆସୁଥିବା ନେଇ ସାଧାରଣରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି।




## ନକ୍ସଲ ପ୍ରଭାବିତ ଗାଁର ୧୧୯ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ



ଗୋଲାମୁଣ୍ଡା,୧୫।୫(ସମିସ): ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ଗ୍ରାମ ତଥା ଗ୍ରାମବାସୀଙ୍କ ସାମଗ୍ରୀକ ଉନ୍ନତି ପାଇଁ ଏକ ଯୁଗାନ୍ତକାରୀ ଯୋଜନା ଭାବେ ଉଭା ହୋଇଛି "ଗ୍ରାମୋଦୟ'। ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଏବଂ ସୁବିଧା ସୁଯୋଗ ଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଏହି ସବୁ ଗ୍ରାମର ପ୍ରତିଟି ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବା ପାଇଁ ସରକାର ଶତ ପ୍ରତିଶତ କରୁଛି। ଶୁକ୍ରବାର କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ ଅଧୀନ ୪ଟି ପଞ୍ଚାୟତ ଯଥା କେଗାଁ, ନୂଆଗାଁ, ସିନାପାଲୀ ଏବଂ ନକଟିକାନିର ଭିନ୍ନ ୪ଟି ସ୍ଥାନକୁ ବ୍ଲକ୍ ପ୍ରଶାସନ ଯାଇ ସ୍ୱତନ୍ତ୍ର ଭାବେ ରାଜ୍ୟ ସରକାର ଅନୁମୋଦିତ ହୋଇଥିବା ୧୧୯ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଛି। ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଭାବରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରହାସ୍ୟ ବିହାରୀ, ନକଟିକାନୀ ସରପଞ୍ଚ ସାବିତ୍ରୀ ମାଝୀ, କେଗାଁ ସମିତି ସଭ୍ୟ ମଣ୍ଟୁ ସାହୁ, ସିନାପାଲି ସରପଞ୍ଚ ନଉକେଶ୍ୱର ପୁଟେଲ ଓ ସମିତି ସଭ୍ୟ ଲୋଚନ ସାହୁ, ନୂଆଗାଁ ସରପଞ୍ଚ ଦୁଷ୍ମନ୍ତ ଭୋଇ ଓ ସମିତିସଭ୍ୟ ରମେଶ ଶବର ଓ ପିଇଓ ଏଡିଓ ପ୍ରମୁଖ ଯୋଗଦାନ କରିଥିଲେ।

## ନିରଞ୍ଜନ ଛତ୍ରିଆ ବିଜେପି ଜିଲ୍ଲା ଏସ୍‌ସି ମୋର୍ଚ୍ଚା ଉପ ସଭାପତି

ଜୟପାଟଣା,୧୫।୫(ସମିସ): କଳାହାଣ୍ଡି ଜିଲ୍ଲା ବିଜେପି ଏସ୍‌ସି ମୋର୍ଚ୍ଚା ଉପସଭାପତି ହେଲେ ନିରଞ୍ଜନ ଛତ୍ରିଆ। ସେ ଜୟପାଟଣା ବ୍ଲକ୍ ବିଜେପି ବାନେରର ମଣ୍ଡଳ ପୂର୍ବତନ ସଭାପତି, ମଣ୍ଡଳ ପ୍ରତିନିଧି, ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ଏହି ପଦ ପାଇବା ପରେ ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ଜିଲ୍ଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଷ୍ଣୁ ନାଏକ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ ଉପସଭାପତି ଭବେନ୍ଦ୍ର କୁମାର୍ ପଣ୍ଡା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଦିଶାରୀ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।



### ■ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ବାତିଲ

## 'ଶୁଣାଣି ବନ୍ଦ ହୋଇପାରେ; ଚାଷୀଙ୍କ ସ୍ୱର ନୁହେଁ'

କୋକସରା,୧୫।୫(ସମିସ): କୋକସରା ବ୍ଲକ୍‌ରେ ଚାଷୀ ଅସନ୍ତୋଷ ତୀବ୍ର ହେଉଥିବାବେଳେ ପ୍ରଶାସନର ଏକ ନିଷ୍ପତ୍ତି ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଆସନ୍ତା ୧୮ ତାରିଖରେ କୋକସରା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ହଠାତ୍ ବାତିଲ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଚିଠି ସଂଖ୍ୟା ୧୧୬୯ ଅନୁସାରେ, ଏହି ଶୁଣାଣି ଏବେ କୋକସରା ବଦଳରେ କଳାହାଣ୍ଡି କଲେକ୍ଟରେଟ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ପ୍ରଶାସନ ପକ୍ଷରୁ ଏହାକୁ "ଅନିବାର୍ଯ୍ୟ ପ୍ରଶାସନିକ କାରଣ' ଦର୍ଶାଯାଇଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଚର୍ଚ୍ଚା ଜୋର ଧରିଛି। ଗତ ସପ୍ତାହେ ହେବ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ପ୍ରକଳ୍ପର ଚାଷୀମାନେ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। ଚାଷୀଙ୍କ ଏହି ପ୍ରତିବାଦ ଓ ଜନ ଆକ୍ରୋଶର ସାମ୍ନା କରିବା ଭୟରେ ପ୍ରଶାସନ ଶେଷ ମୁହୂର୍ତ୍ତରେ ଶିବିର ବାତିଲ କରିଥିବା ସାଧାରଣରେ ଆଲୋଚନା ହେଉଛି। ଶୁଣାଣି ବନ୍ଦ ହୋଇପାରେ, କିନ୍ତୁ ଚାଷୀଙ୍କ ସ୍ୱର ନୁହେଁ ଏହି ସଂକଳ୍ପ ସହ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ଚାଷୀ ସଂଘ ସଜବାଜ ହେଉଛି। କୋକସରାଠାରେ ସପ୍ତାହେ ହେବ ଜାରି ରହିଥିବା ଗଣଧାରଣା ଏବେ ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତରିତ ହେବାକୁ ଯାଉଛି। ଆସନ୍ତା ୧୯ ତାରିଖରେ ହଜାର ହଜାର ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚାଷୀ ସଂଘ ଚେତାବନୀ ଦେଇ ସାରିଛି। ସୂଚନାଯୋଗ୍ୟ ଯେ, କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ପ୍ରାୟ ୧୫ ହଜାର ଚାଷୀ ରବି ଧାନ ପଞ୍ଜୀକରଣ ସମସ୍ୟା ଯୋଗୁଁ ଅନିଶ୍ଚିତତା ମଧ୍ୟରେ ଗତି କରୁଛନ୍ତି। ଗତ ୮ ତାରିଖର କୋକସରାଠାରେ ଚକାବନ୍ଦ ଆନ୍ଦୋଳନ ପରେ ମଧ୍ୟ ପ୍ରଶାସନିକ ସ୍ତରରେ କୌଣସି ସମାଧାନର ବାଟ ନବାହାରିବା ଚାଷୀଙ୍କୁ ଆହୁରି କ୍ରୋଧିତ କରିଛି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ହଠାତ୍ ବାତିଲ ହେବା ବିଷୟରେ କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀଙ୍କ ପ୍ରତିକ୍ରିୟା ନେବାରୁ "ଅନିବାର୍ଯ୍ୟ ପ୍ରଶାସନିକ କାରଣରୁ ଜିଲ୍ଲାମୁଖ୍ୟାଳୟ ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିବା ପ୍ରକାଶ କରିଥିଲେ।

## ମହୁଲ ପୋଚ ଓ ମଦ ନଷ୍ଟ

କୋକସରା,୧୫।୫(ସମିସ): କୋକସରା ଅବକାରୀ ବିଭାଗ ଓ ଆମପାଣି ଥାନା ପକ୍ଷରୁ ଶୁକ୍ରବାର ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ଥିବା କାଦୋମଲି ନାଳାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ କାହାରିକୁ ଧରା ଯାଇ ନ ଥିବାବେଳେ ପ୍ରାୟ ୧୫ ଶହ କେଜି ମହୁଲ ପୋଚ, ୮୦ ଲିଟର ଦେଶୀ ହାତରନ୍ଧା ମଦ ଓ ମଦ ତିଆରି ପାଇଁ ବ୍ୟବହୃତ ହେଉଥିବା ଅନେକ ସାମଗ୍ରୀ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଅବକାରୀ ଥାନା ଓଆଇସି ଗୁପ୍ତେଶ୍ୱର ପୁଟେଲଙ୍କ ସମେତ ଆମପାଣି ଥାନା ଏସ୍ଆଇ ଲକ୍ଷ୍ମଣ ଖଡ଼ା, ହୋମଗାର୍ଡ ଚିତ୍ତରଞ୍ଜନ ସିଂ, ଅବକାରୀ କର୍ମଚାରୀ ମହାଦେବ ମାଝୀ ଓ ଆଇଆରବି ଯବାନମାନେ ସାମିଲ ହୋଇଥିଲେ।

## ଭୁବନେଶ୍ୱର ପାଇଁ ଟ୍ରେନ୍ ଘୋଷଣା



କେସିଙ୍ଗା,୧୫।୫(ସମିସ): ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବିପରେ କେସିଙ୍ଗାବାସୀଙ୍କୁ ମିଳିବ ରେଳ ସେବା। କେସିଙ୍ଗା ଷ୍ଟେସନରୁ ରାଜଧାନୀ ଯିବାପାଇଁ ସିଧାସଳଖ ଟ୍ରେନ ଦୁଇଦିନ ତଳେ ଚାଲିବ ବୋଲି ରେଳ ବିଭାଗ ଘୋଷଣା କରି ସମୟସାରଣୀ ସହିତ କେଉଁ ଷ୍ଟେସନ ହୋଇ ଟ୍ରେନଯିବ ଚିଠି ବାହାରିସାରିଲାଣି। ସେଥିପାଇଁ ସାଂସଦ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ବିଭିନ୍ନ ସଙ୍ଗଠନକୁ କେସିଙ୍ଗାବାସୀ ଧନ୍ୟବାଦ ଦେଇଛନ୍ତି। ସେପଟେ କେସିଙ୍ଗା ଅଞ୍ଚଳରେ ଅନେକ ସମସ୍ୟା ଭରି ରହିଛି। ଜୁନାଗଡ଼ ଓ ଧର୍ମଗଡ଼ ପାଇଁ ବାଇପାସ୍ ରାସ୍ତା କାମ ଜୋରସୋରରେ ଚାଲିଥିବା ବେଳେ କେସିଙ୍ଗାରେ ବାଇପାସ୍ ରାସ୍ତା ହେବକି ନାହିଁ ଜଣାପଡୁନାହିଁ।

## ପେଟ୍ରୋଲ ପମ୍ପରେ ତେଲ ସଙ୍କଟ



ଥୁଆମୂଳ ରାମପୁର,୧୫।୫(ସମିସ): ଥୁଆମୂଳ ରାମପୁର ବ୍ଲକ୍ ଅଞ୍ଚଳରେ ଦିନକୁ ଦିନ ପେଟ୍ରୋଲ ଓ ଡିଜେଲ ସଙ୍କଟ ଗଭୀର ରୂପ ନେଉଥିବାରୁ ସାଧାରଣ ଜନଜୀବନ ଗୁରୁତ୍ୱର ଭାବେ ପ୍ରଭାବିତ ହେଉଛି। ବ୍ଲକ୍‌ରେ ଥିବା ଥୁଆମୂଳ ରାମପୁର ସଦର ମହକୁମା ସହ ଗୁଣପୁର ଓ କୁମ୍ଭାରକାନୀ ଅଞ୍ଚଳର ପେଟ୍ରୋଲ ପମ୍ପଗୁଡିକରେ ପୂର୍ବଭଳି ଇନ୍ଧନ ଉପଲବ୍ଧ ନ ହେବାରୁ ଉପଭୋକ୍ତାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅନେକ ସମୟରେ ଦୀର୍ଘ ଅପେକ୍ଷା ପରେ ମଧ୍ୟ ପେଟ୍ରୋଲ କିମ୍ବା ଡିଜେଲ ନ ମିଳୁଥିବାରୁ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଇନ୍ଧନ ସଙ୍କଟର ସବୁଠାରୁ ବଡ ପ୍ରଭାବ ଯାତାୟାତ ବ୍ୟବସ୍ଥା ଉପରେ ପଡ଼ିଛି। ଯାତ୍ରୀବାହୀ ବସ୍‌ଗୁଡିକ ସମୟମତେ ଚଳାଚଳ କରିପାରୁନଥିବା ବେଳେ କେତେକ ରୁଟରେ ବସ୍ ସେବା ଆଂଶିକ ଭାବେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଲୋକ, ଦୈନିକ ଯାତ୍ରୀ, ରୋଗୀ, ସରକାରୀ ଓ ବେସରକାରୀ କର୍ମଚାରୀମାନେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ୨ ମାସ ନ ପୂରୁଣୁ ଉଠିଗଲାଣି ପିଚୁ

ଧର୍ମଗଡ଼/ ଗୋଲାମୁଣ୍ଡା,୧୫।୫(ସମିସ)




କ୍ଷୁଦ୍ର ଜଳସେଚନ ବିଭାଗ ଧର୍ମଗଡ଼ ଅଧୀନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ଗୋଲାମୁଣ୍ଡା ବ୍ଲକ୍ କରଞ୍ଜକୋଟ କ୍ଷୁଦ୍ରଜଳ ସେଚନ ପ୍ରକଳ୍ପ ଆରଡ଼ି ରାସ୍ତା ନିର୍ମାଣରେ ଅତିନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।ସୂଚନା ମୁତାବକ, ଆର୍ଥିକ ବର୍ଷ ୨୦୨୫-୨୬ର କ୍ୟାପେକ୍ସ ରାସ୍ତା ଯୋଜନା ଅଧୀନରେ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ୧.୦୫ କିମି ଦୀର୍ଘ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ସରକାରୀ ପାଣ୍ଠିରୁ ୪୧ ଲକ୍ଷ ୯୦ ହଜାର ୯୨୧ଟଙ୍କା ବ୍ୟୟବରାଦ କରାଯାଇଥିଲା। ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଠିକାଦାର ସିଏର୍ ସୁବାଷ ଚନ୍ଦ୍ର ପାତ୍ର ନେଇଥିଲେ। ଗତ ୧୭.୧୨.୨୦୨୫ରେ କାର୍ଯ୍ୟ ଆରମ୍ଭ ହୋଇ ୧୮.୦୩.୨୦୨୬ ରେ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଫଳକରୁ ଜଣାପଡିଛି। ସରକାରୀ ଖାତାରେ କାମ ଶେଷ ହେବାର ମାତ୍ର ଏକ ମାସ ବିତିଛି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ଏବେଠାରୁ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିବା ଆରମ୍ଭ କଲାଣି। ସାମାନ୍ୟ ଚାଲିଲେ ବା ଗାଡ଼ି ଗଲେ ପିଚୁ ସ୍ତର ଗୁଣ୍ଡ ହୋଇଯାଉଛି। ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ତତ୍ତ୍ୱାବଧାନ ଅଭାବ ଏବଂ ଠିକାଦାରଙ୍କ ସହ ମିଳିଭଗତ ଯୋଗୁଁ ଅତି ନିମ୍ନମାନର କାମ ହୋଇଛି ବୋଲି ଅଞ୍ଚଳବାସୀ ସିଧାସଳଖ ଅଭିଯୋଗ କରିଛନ୍ତି।ନିମ୍ନମାନର ରାସ୍ତା ଯୋଗୁଁ ଆଗାମୀ ବର୍ଷା ଦିନରେ ଏହା ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହେବାର ଆଶଙ୍କା ଦେଖାଦେଇଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚକର୍ତ୍ତୃପକ୍ଷ ତୁରନ୍ତ ଘଟଣାର ସରଜମିନ ତଦନ୍ତ କରନ୍ତୁ ଏବଂ ଦୋଷୀ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସ୍ଥାନୀୟବାସିନ୍ଦା ଦାବି କରିଛନ୍ତି।

### ■ ପ୍ରଶାସନ କହୁଛି ତେଲ ସଙ୍କଟ ନାହିଁ: ବାସ୍ତବ ଚିତ୍ର ଭିନ୍ନ

## ମାତ୍ର ୨୦୦ଟଙ୍କାର ତେଲ ମିଳୁଛି ; ଜିଲ୍ଲାପାଳଙ୍କ ଜରୁରୀ ବୈଠକ

ଭବାନୀପାଟଣା,୧୫।୫(ସମିସ): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ତୈଳ ଓ ରନ୍ଧନ ଗ୍ୟାସ ଯୋଗାଣରେ ସୃଷ୍ଟି ହୋଇଥିବା ଅସ୍ଥିରତାକୁ ଦୃଷ୍ଟିରେ ରଖି ଶୁକ୍ରବାର ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗାଣ ବିଭାଗୀୟ ଅଧିକାରୀ, ତୈଳ ଯୋଗାଣକାରୀ ସଂସ୍ଥାର ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମାନେ ଯୋଗଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ ପ୍ରକାଶ କହିଥିଲେ ଯେ ଜିଲ୍ଲାରେ ବର୍ତ୍ତମାନ ୩୯୯.୧୨୬ ଲିଟର ଡିଜେଲ, ୬୫୩.୧୪୯ ଲିଟର ପେଟ୍ରୋଲ ଓ ୫୩୯୦ ରନ୍ଧନ ଗ୍ୟାସ ସିଲିଣ୍ଡର ମହଜୁଦ ଅଛି ବୋଲି କହିଥିଲେ। ସେହିପରି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ନିରବଚ୍ଛିନ୍ନ ଯୋଗାଣ ଓ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ଦାମରେ ବିକ୍ରୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କୁ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଆଇନ-୧୯୫୫ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗାଣ ଅଧିକାରୀ, ବିଡିଓ ଓ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଜିଲ୍ଲାରେ ତେଲ ସଙ୍କଟର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଜିଲ୍ଲାରେ ଥିବା ୧୧୦ ପେଟ୍ରୋଲ ଟାଙ୍କି ଗୁଡ଼ିକ ମଧ୍ୟରୁ କେତେବେଳେ କେଉଁ ଟାଙ୍କି ତେଲ ଅଭାବରୁ ବନ୍ଦ ହେଉଛି। ପୁଣି ତେଲ ଆସିଲେ ଖୋଲାଯାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେକ ଟାଙ୍କିରେ ବାଇକ୍ ପାଇଁ ମାତ୍ର ୨୦୦ଟଙ୍କାର ପେଟ୍ରୋଲ ଦିଆଯାଉଛି। ସବୁ ଟାଙ୍କିରେ ପ୍ରବଳ ଭିଡ ଜମୁଛି। ସେପଟେ ପ୍ରଶାସନ କୌଣସି ହାଲତରେ କଳାହାଣ୍ଡି ଜିଲ୍ଲାରେ ପେଟ୍ରୋଲ ଡିଜେଲର ଅଭାବଜନିତ ସଙ୍କଟ ନାହିଁବୋଲି କହୁଛି। ଏନଫୋର୍ସମେଣ୍ଟ ଠିକ୍ ରୂପେ ହେଉନାହିଁ ନା ଏଜେନ୍ସି ମିଛ କହୁଛି ତାହା ଏକ ପ୍ରଶ୍ନ। ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଜିଲ୍ଲାରେ ତେଲ ସଙ୍କଟ ନାହିଁ। କୌଣସି ପ୍ରକାରର ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ। କଳାବଜାରୀ ଉପରେ ନଜର ରହିଛି ଅଭିଯୋଗ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ।

## ଛତିଶଗଡ଼ ବନବିଭାଗ ଅଧିକାରୀଙ୍କ ଗାଈ ଚରାଳିଙ୍କୁ ମାଡ଼

ନୂଆପଡ଼ା,୧୫।୫(ସମିସ): ନୂଆପଡ଼ା ଜିଲ୍ଲା ଉପାନ୍ତ ବୋଡ଼େନ ବ୍ଲକ୍‌ର ଜଣେ ଗାଈ ଚରାଳି ପଡୋଶୀ ଛତିଶଗଡ ସୀମାରେ ଗାଈ ଚରାଉଥିବା ସମୟରେ ଛତିଶଗଡର ବନ ବିଭାଗ କର୍ମଚାରୀମାନେ ନିସ୍ତୁକ ମାଡ଼ମାରିବା ସହ ଅମାନୁଷିକ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଗାଈ ଚରାଳି ଜଣକ ହେଲେ କୁସୁମ ଖୁଣ୍ଟା ଗାଁର ଜଳଧର ବଗର୍ତ୍ତି। ଦୁଇ ଦିନ ତଳେ ଛତିଶଗଡ଼ ରାଜ୍ୟର ମେନପୁର ବନବିଭାଗର କର୍ମଚାରୀମାନେ ବର୍ବର କାଣ୍ଡ ଭିଆଇଛନ୍ତି। ଘରୁ ଟେକି ନେଇ କୌଣସି ଦୋଷ ନଥିଲେ ମଧ୍ୟ ବିନା ତଦନ୍ତ କରି ଅମାନୁଷିକ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ୍ ବିଭାଗ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଘଟଣା ତୀବ୍ର ନିନ୍ଦା କରିଛନ୍ତି। ଓଡ଼ିଶା ସରକାର ଓ ନୂଆପଡା ଜିଲ୍ଲା ପ୍ରଶାସନ ମଧ୍ୟ ଘଟଣା ସତ୍ୟତା ତଦନ୍ତ କରି ଯାହାର ଦୋଷ ଅଛି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି।

# କୁନି ଓଡ଼ିଶୀ ନୃତ୍ୟଶିଳ୍ପୀ ଅଙ୍କିତା ସାହୁ ସମ୍ମାନିତ



ବରଗଡ଼, ୧୫। ୫(ସମିସ): ବରଗଡ଼ର ଓଡ଼ିଶୀ ନୃତ୍ୟଶିଳ୍ପୀ ଅଙ୍କିତା ସାହୁଙ୍କୁ 'ଓକା ଦେବଦାସୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ଜାତୀୟ ସ୍ତରୀୟ 'ଓଡ଼ିଶୀ ନୃତ୍ୟ ମହୋତ୍ସବ ଓ ବୈଶାଖୀ ଉତ୍ସବ-୨୦୨୬' ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ଏହି ମହୋତ୍ସବ ଆୟୋଜିତ ହୋଇଥିଲା।

# ସର୍ବସାଧାରଣରେ ମଦ୍ୟପାନ ଓ ହଙ୍ଗାମା କରି ୧୨ ଅଟକ

ବରଗଡ଼, ୧୫।୫(ସମିସ): ସାର୍ବଜନିକ ସ୍ଥାନରେ ମଦ୍ୟପାନ କରି ହଙ୍ଗାମା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ ବରଗଡ଼ ପୁଲିସ ପଦକ୍ଷେପ ନେଇଛି। ଟାଉନ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ସମୟରେ ୧୨ ଜଣଙ୍କୁ ଅଟକ ରଖିଥିଲା। ପରେ ସମସ୍ତଙ୍କୁ ଲିଖିତ ପ୍ରତିଶ୍ରୁତି ନେଇ ଛାଡ଼ି ଦେଇଛି।

# ସାହିଲ ସାହୁ ଅତାବିରାର ନୂଆ ତହସିଲଦାର



ଅତାବିରା, ୧୫।୫(ସମିସ): ଅତାବିରା ତହସିଲଦାରଭାବେ ସାହିଲ ସାହୁ ଯୋଗଦେଇଛନ୍ତି। ୨୦୨୨ ବ୍ୟାଚର ଏହି ଓଡ଼ିଶା ପ୍ରଶାସନିକ ଅଧିକାରୀ ଗତ ଜାନୁଆରୀ ମାସରେ ବରଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ସେ ବରପାଲି ବ୍ଲକର ବୁରୋମୁଣ୍ଡା ଗ୍ରାମର। ଏଠାରେ ଅବସ୍ଥାପିତ ତହସିଲଦାର କେ ରିଚି କୁମାର ଗତ ୧୮ ତାରିଖ ହାଇକୋର୍ଟ ଯିବା ରାସ୍ତାରେ ସମ୍ବଲପୁର ଜିଲ୍ଲା ବାମୁରଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏଣୁ ସବ୍ ରେଜିଷ୍ଟ୍ରାର ଅଙ୍କିତ ପଣ୍ଡା ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲେ।

# ପ୍ରାଥମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ସରଳୀକରଣ ଦାବି

ବରଗଡ଼, ୧୫।୫(ସମିସ): ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କ ଆନ୍ତଃ ଜିଲ୍ଲା ବଦଳି ପ୍ରକ୍ରିୟାକୁ ସରଳ କରିବାକୁ ପ୍ରାଥମିକ ଶିକ୍ଷକ ବଦଳି ସଂଘ ଦାବି କରିଛନ୍ତି। ଆନ୍ତଃ ଜିଲ୍ଲା ପାରସ୍ପରିକ ବୁଝାମଣା ଭିତ୍ତିରେ ବଦଳି ପାଇଁ ଚାକିରି କାଳରେ କେବଳ ଥରେ ଆବେଦନ କରିବା ପାଇଁ ସୁଯୋଗ ରହିଛି। ଏହା ଫଳରେ ଜଣେ ପ୍ରାଥମିକ ଶିକ୍ଷକ ପରିସ୍ଥିତି ଅନୁଯାୟୀ ନିଜର ଜିଲ୍ଲାକୁ ବଦଳି କରିପାରୁ ନାହାଁନ୍ତି। ଏଣୁ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ମାନସିକ ଅଶାନ୍ତିରେ କାଳାତିପାତ କରୁଛନ୍ତି। ଏହି ସମସ୍ୟା ନେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବିକାଶ ଭୋଇ, ବିକ୍ରମ ଷଡଙ୍ଗୀ, ବସନ୍ତ ବାଗ ଓ ସୁଧୀର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



# ଜନଗଣନାରେ ଓବିସି କଲମ ଯୋଡ଼ିବାକୁ ଦାବି

ବରଗଡ଼, ୧୫।୫(ସମିସ): ଜନଗଣନାରେ ୧୨ ନମ୍ବର ପ୍ରଶ୍ନରେ ଓବିସି କଲମ ଯୋଡିବାକୁ ଓଡ଼ିଶା ରାଜ୍ୟ ଓବିସି ସୁରକ୍ଷା ମଞ୍ଚ ଦାବି କରିଛି। ଏ ନେଇ ରାଷ୍ଟ୍ରପତି ଓ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଞ୍ଚ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇଛି। ଠିକ୍ ଜନଗଣନା ନ ହେବାରୁ ଓବିସିମାନଙ୍କ ପାଇଁ ଯୋଜନା ହୋଇ ପାରୁନାହିଁ ବୋଲି ମଞ୍ଚ ପକ୍ଷରୁ ପଦ୍ମଲୋଚନ ସାହୁ କହିଛନ୍ତି। ଶିକ୍ଷା, ଚାକିରି ଓ ରାଜନୀତିରେ ଓବିସିଙ୍କୁ ସଂରକ୍ଷଣ ମିଳୁନି। ସାଧାରଣ ବର୍ଗ ସହ ଏମାନଙ୍କୁ ଗଣନା କରାଯାଉଛି। ଓବିସିଙ୍କ ସଂଖ୍ୟା ୫୨%ରୁ ଅଧିକ; ହେଲେ ଏମାନେ ସବୁ କ୍ଷେତ୍ରରେ ଅବହେଳିତ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀପତି ଭୋଇ, ଆଇନଜୀବୀ ଶଶୀ ପ୍ରଧାନ, ବୈଷ୍ଣବ ଚରଣ ତ୍ୟାଗୀ, ଆଇନଜୀବୀ ରବି ପ୍ରଧାନ, ଅନାଥ ନାଏକ, ସଞ୍ଜୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



# ଯୁବ ଔଷଧ ବ୍ୟବସାୟୀଙ୍କ ଅକାଳ ବିୟୋଗ



ପଦ୍ମପୁର, ୧୫।୫(ସମିସ): ପଦ୍ମପୁର ଉପଖଣ୍ଡ ବୁକୁରାମୁଣ୍ଡା ଅଞ୍ଚଳର ଔଷଧ ବ୍ୟବସାୟୀ ନୃସିଂହ ମେହେର (୪୨)ଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ପ୍ରାୟ ୧୦ ଦିନ ପୂର୍ବରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାୟପୁରସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସାମାନ୍ୟ ଉନ୍ନତି ପରେ ଘରକୁ ଆସିଥିଲେ। ହଠାତ ରାତିରେ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କ ଦେହାନ୍ତ ହୋଇଥିଲା। ରାୟପୁରରୁ ପୈତୃକ ଗାଁ ବାଜେନମୁଣ୍ଡାରେ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ଘଟଣାରେ ପତ୍ନୀ ବାସନ୍ତୀ, ଦୁଇ ଝିଅ ବୀଣା ଓ ଜୀନା ଉପସ୍ଥିତ ଥିଲେ। ପୁଅ କାହ୍ନା ମେହେର ମୁଖାଗ୍ନି ଦେଇଥିଲେ।

## ବରଗଡ଼ରେ ପେଟ୍ରୋଲ, ଡିଜେଲ ସଙ୍କଟ

# କେଉଁଠି ଲମ୍ବା ଲାଇନ୍ ତ କେଉଁଠି ବନ୍ଦ

ବରଗଡ଼, ୧୫।୫(ସମିସ)





ରାଜ୍ୟ ଓ କେନ୍ଦ୍ର ବିଜେପି ସରକାରଙ୍କ ଦୂରଦୃଷ୍ଟି ଅଭାବ ଓ ଅପାରଗତା କାରଣରୁ କୃଷି ବହୁଳ ବରଗଡ଼ ଜିଲ୍ଲାରେ ଡିଜେଲ ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ଦେଖା ଦେଲାଣି। ସମଗ୍ର ଭାରତ ବର୍ଷରେ ବରଗଡ଼ ଜିଲ୍ଲା ଭାତ ହାଣ୍ଡି ଭାବେ ପରିଚିତ। ବର୍ତ୍ତମାନ ଚାଷୀଙ୍କ ଫସଲ ଅମଳ ସମୟ। ତେବେ ଟ୍ରାକ୍ଟର ଓ ହର୍ଭେଷ୍ଟର ମାଧ୍ୟମରେ ଚାଷୀ ନିଜ ଉତ୍ପାଦିତ ଶସ୍ୟ ବିପଣନ କରୁଥିବା ବେଳେ ଡିଜେଲ ଓ ପେଟ୍ରୋଲର ଅଭାବ ସିଧା ସଳଖ ଚାଷୀଙ୍କ ଫସଲ ଅମଳ ଉପରେ ମାଡ ପଡ଼ିଛି। ପର୍ଯ୍ୟାପ୍ତ ପରିମାଣରେ ଡିଜେଲ ଓ ପେଟ୍ରୋଲ ମିଳୁନି। ଚାଷୀଙ୍କ ଖେତରେ ଫସଲ ବିନା ଅମଳରେ ରହିଯିବା ଆଶଙ୍କାକୁ ଏଡ଼ାଇ ଦିଆ ଯାଇ ନ ପାରେ। ଠିକ୍ ସେହିପରି ନିତ୍ୟ ବ୍ୟବହାର୍ଯ୍ୟ ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ସାଧାରଣ ଜନତାଙ୍କ ଉପରେ ପ୍ରଭାବ ପଡ଼ିଛି। ୩ ମାସ ପୂର୍ବରୁ ଆନ୍ତର୍ଜାତିକ ବଜାରରେ ଡିଜେଲ, ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ପରିଲକ୍ଷିତ ହୋଇଥିଲା। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟର ନିର୍ବାଚନକୁ ଦୃଷ୍ଟିରେ ରଖି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ନିର୍ବାଚନ ବୈତରଣୀ ପାର ହେବା ପାଇଁ ବହାସ୍ଫୋଟ ମାରି ଡିଜେଲ ଓ ପେଟ୍ରୋଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଥିବା ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଥିଲେ। ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ଜନ ସାଧାରଣଙ୍କୁ ସମ୍ବୋଧନ କରି ଡିଜେଲ, ପେଟ୍ରୋଲ ଓ ଜାଳେଣି ଗ୍ୟାସର ଅଭାବ ହେବତୁ ବ୍ୟବହାର କମ୍ କରିବା ପାଇଁ ନିବେଦନ କରିଛନ୍ତି। ଏକ ପ୍ରକାର କଟକଣା ଜାରି କରିବା ଫଳରେ ସାଧାରଣ ଜନତା ହନ୍ତସନ୍ତ ହୋଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବିଜେଡି କେନ୍ଦ୍ରର ବିଜେପି ସରକାରକୁ କଟୁ ସମାଲୋଚନା କରିଛି। ସରକାରଙ୍କ ବିଫଳତା ଓ ଅପାରଗତାକୁ ନେଇ ବିଜେଡି ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ପୂର୍ବତନ ବିଧାୟକ ତଥା ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ଦେବେଶ ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି।

**ପାଇକମାଳ:** ପାଇକମାଳ ବ୍ଲକର ପାଇକମାଳ ଓ ମାଣ୍ଡୋସିଲ ଅଞ୍ଚଳରେ ଦୀର୍ଘଦିନ ଧରି ପେଟ୍ରୋଲ ଓ ଡିଜେଲ ଅଭାବ ଦେଖା ଦେଇଛି। ଏଣୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଇନ୍ଧନ ସଙ୍କଟ ଯୋଗୁଁ ଦୈନିକ ଯାତାୟାତରୁ ଆରମ୍ଭ କରି ଚାଷ କାମ ପର୍ଯ୍ୟନ୍ତ ପ୍ରାୟ ସମସ୍ତ କ୍ଷେତ୍ର ପ୍ରଭାବିତ ହେଉଛି। ବିଶେଷକରି ଗ୍ରାମାଞ୍ଚଳରେ ରହୁଥିବା ଲୋକ ଓ ଚାଷୀ ଏହି ସମସ୍ୟାରେ ଅଧିକ ହଇରାଣ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପାଇକମାଳ ଓ ମାଣ୍ଡୋସିଲ ଅଞ୍ଚଳରେ ପେଟ୍ରୋଲ ପମ୍ପରେ ନିୟମିତ ଭାବେ ପେଟ୍ରୋଲ ଓ ଡିଜେଲ ମିଳୁନାହିଁ। କେତେକ ସମୟରେ ପମ୍ପ ଖୋଲା ଥିଲେ ମଧ୍ୟ ତେଲ ନ ଥିବାରୁ ଗ୍ରାହକ ନିରାଶ ହୋଇ ଫେରୁଛନ୍ତି। ବିଶେଷକରି ମାଣ୍ଡୋସିଲ ଅଞ୍ଚଳରେ ପାଖାପାଖି ଏକ ମାସ ଧରି ଏହି ସମସ୍ୟା ଜାରି ରହିଛି। ଲୋକଙ୍କ ଅସୁବିଧା ଦିନକୁ ଦିନ ବଢ଼ିବାରେ ଲାଗିଛି। ଇନ୍ଧନ ଅଭାବର ସବୁଠାରୁ ବେଶି ପ୍ରଭାବ ଯାତାୟାତ ବ୍ୟବସ୍ଥା ଉପରେ ପଡ଼ିଛି। ପ୍ରତିଦିନ କାମ ପାଇଁ ବାଇକ୍ ଓ ଚାରିଚକିଆ ଯାନ ବ୍ୟବହାର କରୁଥିବା ଲୋକ ତେଲ ନ ମିଳିବାରୁ ଅନେକ ସମୟ ରାସ୍ତା ମଝିରେ ଅସୁବିଧାରେ ପଡୁଛନ୍ତି। ଅନେକଙ୍କ ଗାଡ଼ି ରାସ୍ତାରେ ତେଲ ସରିଯାଇ ବନ୍ଦ ହୋଇଯାଉଛି। ସେମାନଙ୍କୁ ପ୍ରଚଣ୍ଡ ଖରାରେ ଦୀର୍ଘ ଦୂର ପର୍ଯ୍ୟନ୍ତ ଚାଲି ଚାଲି ତେଲ ଖୋଜିବାକୁ ପଡୁଛି। କେତେକ ସ୍ଥାନରେ ଲୋକ ବୋତଲ କିମ୍ବା ଜାରିକେନ ନେଇ ଦୂର ପେଟ୍ରୋଲ ପମ୍ପକୁ ଯାଉଛନ୍ତି। ମାଣ୍ଡୋସିଲ ଅଞ୍ଚଳର ଲୋକଙ୍କୁ ପେଟ୍ରୋଲ ପାଇଁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ପାଇକମାଳ କିମ୍ବା ୧୦ କିଲୋମିଟର ଦୂରର ସାଇପଲା ଅଞ୍ଚଳକୁ ଯିବାକୁ ପଡୁଛି; କିନ୍ତୁ ସେଠାରେ ମଧ୍ୟ ପ୍ରାୟତଃ ତେଲ ମିଳୁ ନ ଥିବାରୁ ଲୋକ ଖାଲି ହାତରେ ଫେରୁଛନ୍ତି। ଏହି ପରିସ୍ଥିତି ଦୈନନ୍ଦିନ ଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଅନ୍ୟପଟେ ଡିଜେଲ ଅଭାବ ଚାଷୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଏବେ ରବି ଫସଲ ଅମଳ ସମୟ। ଟ୍ରାକ୍ଟର, ପମ୍ପସେଟ୍ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ଚଳାଇବା ପାଇଁ ଡିଜେଲ ଆବଶ୍ୟକ ହେଉଛି; କିନ୍ତୁ ପର୍ଯ୍ୟାପ୍ତ ଡିଜେଲ ନ ମିଳିବାରୁ ଚାଷ କାମ ଓ ଧାନ କାଟିବା କାମ ପ୍ରଭାବିତ ହେଉଛି। ଅନେକ ଚାଷୀ କହିଛନ୍ତି ଯେ, ଡିଜେଲ ଅଭାବ ଯୋଗୁଁ ଚାଷ କାମ ସରିପାରୁନି। ସେମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାର ଆଶଙ୍କାରେ ଅଛନ୍ତି। କେତେକ ପେଟ୍ରୋଲ ପମ୍ପରେ ଡିଜେଲ ଉପଲବ୍ଧ ଥିଲେ ମଧ୍ୟ ଚାଷୀମାନଙ୍କୁ ସୀମିତ ପରିମାଣରେ ତେଲ ଦିଆଯାଉଛି। ଅନେକ ସ୍ଥାନରେ ଜଣେ ଗ୍ରାହକଙ୍କୁ ମାତ୍ର ୨୦ ଲିଟର ପର୍ଯ୍ୟନ୍ତ ଡିଜେଲ ଦିଆଯାଉଥିବାରୁ ଚାଷୀ ଅଧିକ ସମସ୍ୟାରେ ପଡୁଛନ୍ତି। ଦୂରଦୂରାନ୍ତରୁ ଆସି ମଧ୍ୟ ଆବଶ୍ୟକ ପରିମାଣର ଡିଜେଲ ନ ମିଳିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହା ସହ କେତେକ ସ୍ଥାନରେ ଅଧିକ ଦରରେ ପେଟ୍ରୋଲ ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ସ୍ଥାନୀୟ ଭାବେ କିଛି ଲୋକ ବୋତଲରେ ପେଟ୍ରୋଲ ଆଣି ଲିଟର ପିଛା ପ୍ରାୟ ୨୦ ଟଙ୍କା ଅଧିକ ଦରରେ ବିକ୍ରି କରୁଛନ୍ତି। ଲୋକମାନେ ମଧ୍ୟ ବାଧ୍ୟ ହୋଇ ଅଧିକ ଦରରେ ତେଲ କିଣୁଛନ୍ତି। ଇନ୍ଧନ ସଙ୍କଟ ଯୋଗୁଁ ବ୍ୟବସାୟ, ଯାତାୟାତ ଓ ଦୈନନ୍ଦିନ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହେଉଛି। ସାଧାରଣ ଲୋକଙ୍କ ସହ ଚାଷୀ ମଧ୍ୟ ଗଭୀର ଚିନ୍ତାରେ ପଡ଼ିଛନ୍ତି।

# ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ

ବରଗଡ଼, ୧୫।୫(ସମିସ): ଜବରଦଖଲ ଉଚ୍ଛେଦକୁ ନେଇ ହେଉଥିବା ପାତରଅନ୍ତର ନୀତି ବିରୋଧରେ ପୁଣି ବରଗଡ଼ ନାଗରିକ ମଞ୍ଚ ସ୍ୱର ଉଠାଇଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ହସ୍ତକ୍ଷେପ କରିବାକୁ ଅପିଲ କରାଯାଇଛି। ଗତ ୩୦ରେ ନାଗରିକ ମଞ୍ଚ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦେଇଥିଲା। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ରଖିଥିଲା। ଏହା ମଧ୍ୟରୁ ଗୋଟିଏ ଦାବି ସରକାରୀ ଓକିଲ ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି। ତେଣୁ ଅନ୍ୟ ଦାବିଗୁଡ଼ିକୁ ଶୀଘ୍ର ପୂରଣ କରିବା ପାଇଁ ନାଗରିକ ମଞ୍ଚ ସ୍ୱର ଉତ୍ତୋଳନ କରିଛି। ବହୁ ପ୍ରତୀକ୍ଷିତ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜିରା ବ୍ରିଜ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ସହ ଜବରଦଖଲ ଉଚ୍ଛେଦ ଶୀଘ୍ର କରିବା, ବରଗଡ଼ ସହରରେ ଉଚ୍ଛେଦ ହୋଇଥିବା ଛୋଟ ଦୋକାନୀ, ଚା, ଜଳଖିଆ, ଉଠା ଦୋକାନୀଙ୍କୁ ତୁରନ୍ତ ଥଇଥାନ କରିବା ଓ ସହରରେ ଟ୍ରାଫିକ ସମସ୍ୟା, ପାର୍କିଂ ସମସ୍ୟାର ସମାଧାନ କରିବା, ସରକାରୀ ବନ୍ଧକଟା ଗୁଡ଼ିକୁ ଜବରଦଖଲ ମୁକ୍ତ କରିବା, ଗୋପାଳ ଗୋଶାଳା ଟ୍ରଷ୍ଟ ଦ୍ୱାରା ଜବର ଦଖଲ ହୋଇଥିବା ସରକାରୀ ଜମିକୁ ଉଚ୍ଛେଦ କରିବା, ଗୋଶାଳାର ଆକାଉଣ୍ଟ ଅଡିଟ କରିବା, ଏହାର କାର୍ଯ୍ୟକାରୀ କମିଟିକୁ ପୁନର୍ଗଠିତ କରିବା ପାଇଁ ବରଗଡ଼ ନାଗରିକ ମଞ୍ଚ, ସମଲେଶ୍ୱରୀ ସଂଘ ଓ ଅନ୍ୟ ସାମାଜିକ ସଂଗଠନର ମିଳିତ ଉଦ୍ୟମରେ ଏହି ଦାବି ପତ୍ର ପ୍ରଦାନ କରାଯାଇଛି। ବରଗଡ଼ ନାଗରିକ ମଞ୍ଚର ସଭାପତି ତଥା ଆଇନଜୀବୀ ଭୀଷ୍ମଦେବ ସରାଫଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି। ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ସରାଫ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମୀର ପ୍ରଧାନ, ବିରେନ ପଧାନ, କିଶୋର ସାହୁ, ଶୟନ ପଣ୍ଡା, ଟିଂକୁ ନନ୍ଦ, ଭବାନୀ ସାହୁ, ନିତ୍ୟାନନ୍ଦ ବାଗ, ମନୋହର ପ୍ରଧାନ, ଆଇନଜୀବୀ ମାମଲୁ ମହାପାତ୍ର, ସୁଶାନ୍ତ ସାହୁ, ଶିବାନନ୍ଦ ମଟାରୀ, ଦୀନେଶ ଶର୍ମା, ଜିଭି ରାଓ, ଗଙ୍ଗା ପୂଝାରୀ, ଲିଙ୍ଗରାଜ ପୁରୋହିତ, ସଚି ପଣ୍ଡା, ଜୀବନ ଲାଲ ଚୌଧୁରୀ, ମୁକୁନ୍ଦ ତାଣ୍ଡି, ବାସୁଦେବ ବୁଡ଼େକ, ବିମଲ ଶିକା, ପ୍ରମୋଦ ବେହେରା ଉପସ୍ଥିତ ଥିଲେ।



# ଭେଡେନ ତହସିଲଦାରଙ୍କ ସହ ଆଲୋଚନା



ଥୁଆପାଲି, ୧୫।୫(ସମିସ): ରାଜ୍ୟ କିଶାନ କଂଗ୍ରେସ ସଭାପତି ଅଭୟ ସାହୁ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ବରଗଡ଼ ଜିଲ୍ଲା କଂଗ୍ରେସ କମିଟିର ସଭାପତି ହରଦୀପ୍ ସିଂ, ବରଗଡ଼ ଜିଲ୍ଲା କିଶାନ କଂଗ୍ରେସ ସଭାପତି ଗୁଣମଣି ସାହୁ, ଭେଡେନ ବ୍ଲକ କିଶାନ କଂଗ୍ରେସ ସଭାପତି ଦୋଳଗୋବିନ୍ଦ ବେହେରା, ଭେଡେନ ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା କଂଗ୍ରେସ ସମ୍ପାଦକ ଭବାନୀ ପାଢ଼ୀ, ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସଭାପତି ପାଣ୍ଡବ କର୍ଣ୍ଣ, ଜିଲ୍ଲା ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ସଭାପତି ଦିଲୀପ ଦାସ, ଭେଡେନ ୩ ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଗୋପାଳ ବାଗ, ମାଧବ ସାହୁ, ରସିକ ସାହୁ, ଜାପାନୀ ସାହୁ, ସଞ୍ଜୟ ନନ୍ଦ, ଚିନ୍ତାମଣି ମେହେର, ଏକାଦଶିଆ ହଟେଇ, ବୀରସେନ ଖମାରୀ, ଲକ୍ଷ୍ମୀନାରାୟଣ ପାଢ଼ୀ, ଅନନ୍ତ ତାଣ୍ଡି, କ୍ଷୀରସିନ୍ଧୁ ଡାଙ୍ଗ ବଲରାମ ଭୁଏଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବିଜ୍ଞାନ ଓ ଗଣିତ ପରୀକ୍ଷାଗାର ପାଇଁ ଶିଳାନ୍ୟାସ



ବରଗଡ଼ ୧୫।୫( ସମିସ): ପୌର ପରିଷଦ ଅଧୀନ ରାଣା ପ୍ରତାପ ସ୍କୁଲଠାରେ ୨୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଜ୍ଞାନ ଓ ଗଣିତ ପରୀକ୍ଷାଗାର ଭବନ ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଏହି ଶିଳାନ୍ୟାସ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ସଂଘର ସମ୍ପାଦକ ସର୍ଦ୍ଦାର ପ୍ରୀତମ ସିଂ, ବିଜୁ ଖମାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମିନୀ ଗଡ଼ତିଆ, ପୁରାତନ ଛାତ୍ର ସୁକୁମାର ଦାଶ, କପିଳେଶ୍ୱର ବାଗ, ଜିଲ୍ଲା ରଜକ ସେବା ସମିତି ଅଧ୍ୟକ୍ଷ ଅର୍ଜୁନ ସେଟ୍, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ବାଙ୍କା ବିହାରୀ ସାହୁ, ପ୍ରଦୀପ ସାହୁ, ଗଣେଶ ବିଶି, ଗିରିଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜୁଆ ଆଡ୍ଡାରୁ ୭ ଗିରଫ

ପଦ୍ମପୁର, ୧୫। ୫(ସମିସ): ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଅଞ୍ଚଳରେ ଚାଲିଥିବା ବେଆଇନ ଜୁଆ ଖେଳ ବିରୋଧରେ ପୁଲିସ ପଦକ୍ଷେପ ନେଇଛି। ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ପାଣ୍ଡବ ଶବରଙ୍କ ତତ୍ତ୍ୱାବଧାନ ଏବଂ ଜଗଦଲପୁର ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗୁଣ୍ଡିଚାଡିହି ଗ୍ରାମ ନିକଟସ୍ଥ ଏକ ମହୁଲ ଗଛ ମୂଳରେ ଚାଲିଥିବା ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ଉ କରଥିଲା। ଏହି ମାମଲାରେ ପୁଲିସ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ସରକଣ୍ଡାର ଲୋକେଶ ନାୟକ (୩୯), କେନ୍ଦୁଡାହର ଦଲେଶ ଗଡ଼ସେନା (୩୬), ରେମେଡ଼ାରବାଲମୁକୁନ୍ଦ ନାଗରିଆ (୫୦), ବସନାର ମଦନ ଅଗ୍ରୱାଲ (୬୫), ସରାଇପାଲିର ସଞ୍ଜୟ ଅଗ୍ରୱାଲ (୫୯) ଏବଂ ଯଶପାଲ ସିଂ (୪୦), କେଶରପୁରର ଜବାହର ଚୌଧୁରୀ (୪୪)। ତେବେ ସୋନୁ ଏବଂ ସଞ୍ଜୟ ଏହି ଗ୍ୟାଙ୍ଗର ମୁଖ୍ୟ ବୋଲି ଜଣାପଡ଼ିଛି। ଏମାନଙ୍କଠାରୁ ନଗଦ ୧ ଲକ୍ଷ ୪୦ ହଜାର ଟଙ୍କା, ୩ଟି ମୋଟରସାଇକେଲ, ୨ଟି କାର୍, ୧୧ଟି ଫୋନ, ଗୋଟିଏ ସୁନା ଚେନ୍, ସୁନା ମୁଦି ଏବଂ ରୁପା ଅଳଙ୍କାର, ୧୫୦ଟି ତାସ୍ ପେପର, ଷ୍ଟିଲ୍ ବାକ୍ସ, ଗୁଣି ବ୍ୟାଗ୍ ଓ ବ୍ୟାଟେରୀ ଜବତ ହୋଇଛି। ଏଏସଆଇ ନରେନ୍ଦ୍ର ପଣ୍ଡା ଚଢଉର ନେତୃତ୍ୱ ନେଇଥିଲେ।



# ଡୁଡୁକୀଦାଦର ମହିମା ମଠରେ ଅଖଣ୍ଡ ବ୍ରହ୍ମ ଯଜ୍ଞ



ଝାରବନ୍ଧ, ୧୫।୫(ସମିସ): ଝାରବନ୍ଧ ବ୍ଲକ ଡୁଡୁକୀଦାଦର ଗ୍ରାମସ୍ଥିତ ମହିମା ମଠରେ ବିଶ୍ୱ ଶାନ୍ତି ଓ ଜୀବଜଗତର ମଙ୍ଗଳ କାମନା କରି ଅଖଣ୍ଡ ବ୍ରହ୍ମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ବାବା ବଳରାମ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ଶିକ୍ଷକ ଏକାଦଶ ତରଫରୁ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ପଦ୍ମପୁର, ୧୫।୫(ସମିସ): ନିକଟରେ ପ୍ରକାଶିତ ଦଶମ ବୋର୍ଡ଼ ପରୀକ୍ଷାରେ ସଫଳତା ହାସଲ କରି ବରଗଡ଼ ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଥିବା ପଦ୍ମପୁର ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଦୀପଶିଖା ଗଡ଼ତିଆଙ୍କୁ ଶିକ୍ଷକ ଏକାଦଶ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଡିବ୍ସ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରିତିରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଏବଂ ଦ୍ୱାଦଶ ପ୍ରଧାନ ଓ ଚୈତନ୍ୟ ଭୋଇ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟ କିଶୋର ପଣ୍ଡା ଓ ରମଣୀ ବିଶ୍ୱାଳ ପରିଚାଳନା କରିଥିଲେ। ଅଭିଭାବକ ନରେନ୍ଦ୍ର ପ୍ରଧାନ ଓ ମମତା ଗଡ଼ତିଆଙ୍କ ସହ ଶିକ୍ଷକ କିଶୋର ପାତ୍ର, ବିରେନ୍ଦ୍ର ପ୍ରଧାନ, ରାକେଶ, ରଜତ, ସୁଶାନ୍ତ ଓ ମୋହନ ଉପସ୍ଥିତ ଥିଲେ। ଶେଷରେ ରଜତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଧୀର ସ୍ମାରକୀ ସର୍ବଭାରତୀୟ ଫୁଟବଲ୍ ଉଦ୍‌ଘାଟିତ

# ସେମିଫାଇନାଲରେ ବାଙ୍କୁରା ଏକାଡେମୀ

ବରଗଡ଼, ୧୫।୫(ସମିସ)



ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ୍‌ରେ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ସୁଧୀର ସ୍ମାରକୀ ଫ୍ଲଡ୍ ଲାଇଟ୍ ନାଇଟ୍ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। କଲିକତାର ବାଙ୍କୁରା ଫୁଟବଲ୍ ଏକାଡେମୀ ଓ ରାଞ୍ଚିର ବ୍ଲାକ ଟାଇଗର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଙ୍କୁରା ୧-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ରେଫରି ଭାବେ ଶଶିକାନ୍ତ ଦାସିଆ ପରିଚାଳନା କରିଥିଲେ। ପଞ୍ଚାନନ ପାତ୍ର ଓ ଶୁଭମ୍ ପାତ୍ର ସହଯୋଗ କରିଥିଲେ। ଆଦିତ୍ୟ ନାୟକ ଚତୁର୍ଥ ରେଫରି ଥିଲେ। ଦୁର୍ଗା ମାଧବ ନାୟକ ମ୍ୟାଚ୍ କମିଶନର ଥିବାବେଳେ ସୁରେଶ ଦାଶ ମ୍ୟାଚ୍ ଆସେସର ଅଛନ୍ତି। ସେହିଭଳି ଦ୍ୱିତୀୟ ମ୍ୟାଚ୍ କୁଚିଣ୍ଡା ବିଏଫ୍‌ସି ଓ ବରଗଡ଼ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ୍ ମଧ୍ୟରେ ଖେଳାଯାଇଥିଲା। ଜିଲ୍ଲା କ୍ରୀଡା ସଂସଦ କ୍ରୀଡା ସମ୍ପାଦକ ହରଦୀପ ସିଂ, ଯୁବ ନେତା ଜିତୁ ଭୋଇ, ପ୍ରାକ୍ତନ ଖେଳାଳି ପ୍ରମାନନ୍ଦ ପଟେଲ, ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସୁବ୍ରତ ପୁରୋହିତ ପରିଚାଳନା କରିଥଲେ। ପ୍ରଶାନ୍ତ ବେହେରା ଓ ରୋଶନ ଖାନ୍ ସହଯୋଗ କରିଥିଲେ। ଚାମ୍ପିୟନ୍ ଦଳକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି, ଉପ ବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ।

ସୁଧୀର ମିଶ୍ରଙ୍କ ପତ୍ନୀ ପଦ୍ମଜା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ପୌରାଧକ୍ଷା କଳ୍ପନା ମାଝୀ, ଫାଓ ଉପ-ସଭାପତି ରବି ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ଉପ-ସଭାପତି ଯୁଗଳ ପ୍ରସାଦ ସିଂହ, ସମ୍ପାଦକ କିଶୋର ମିଶ୍ର, ପୂର୍ବତନ ସମ୍ପାଦକ ଅରୁଣ ମହାନ୍ତି, ପୂର୍ବତନ ଫୁଟବଲର୍ ପ୍ରେମାନନ୍ଦ ପଟେଲ, ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ।

କ୍ଲବ୍ ସଭାପତି ପ୍ରେମନାଥ ଗିରି ଅଧ୍ୟକ୍ଷତା କରିଥିବା ବେଳେ କ୍ରୀଡା ସଂଗଠକ ସଚ୍ଚିଦାନନ୍ଦ ପଣ୍ଡା ସଂଯୋଜନା କରିଥିଲେ। କ୍ରୀଡ଼ା ପ୍ରଶାସକ ସଚ୍ଚିଦାନନ୍ଦ ପଣ୍ଡା ସଭା ପରିଚାଳନା କରିଥିଲେ। ଶ୍ରଦ୍ଧାରଞ୍ଜନ ମିଶ୍ର, ସେକ ସବଦର୍, ସୁରେଶ ଦାଶ, ପ୍ରଦୀପ ପ୍ରଧାନ, ଅକ୍ଷୟ ଯୋଶୀ, ଅମୀୟ ଶର୍ମା, ସନିପଲ୍ ନାୟକ, ପ୍ରତାପ ଦାଶ, ପ୍ରଶାନ୍ତ ଜେନା, ରୁଦ୍ର ପ୍ରଧାନ, ରମାକାନ୍ତ ଦାଶ, ବିକାଶ ବିଶ୍ୱାଳ, ଦୀପକ ପ୍ରଧାନ, ମୋହନ ନାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭେଡେନ ବ୍ଲକ୍ କୃଷକ ସଙ୍ଗଠନର ବୈଠକ

ଭେଡେନ, ୧୫।୫(ସମିସ): ଭେଡେନ ମାର୍କେଟଠାରେ ଭେଡେନ ବ୍ଲକ କୃଷକ ସଙ୍ଗଠନର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ପନ୍ନ ଭୋଇ ସଭାପତିତ୍ୱ କରିଥିଲେ। ଗତ ଋତୁର ସହରାଟିକ୍ରା ମାର୍କେଟରେ ଚାଷୀଙ୍କ ଏ ପର୍ଯ୍ୟନ୍ତ ଧାନ ବିକ୍ରି ନ ହେବା, ଜିଲ୍ଲାପାଳ ଅଫିସ ସମ୍ମୁଖରେ ଚାଲିଥିବା ଆନ୍ଦୋଳନକୁ ୭୦ ଦିନ ପୂରିଥିଲେ ସୁଦ୍ଧା ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ଚଳିତ ଋତୁରେ ପ୍ରାୟ ସବୁ ଚାଷୀଙ୍କ ଜମି ପରିମାଣରେ କମ୍ ଟୋକନ ଆସିଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏହାର ଫଳ ସ୍ୱରୂପ ମଙ୍ଗଳବାର ଜିଲ୍ଲାପାଳଙ୍କ ଅଫିସ ଘେରଉ କରିବାକୁ ସଙ୍ଗଠନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମ୍ପାଦକ ସୁଦାମ ପାତ୍ର, ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ନରେନ୍ଦ୍ର ଭୋଇ ଉଦ୍‌ବୋଧନ ଦେଇଥିଲେ। ଚୂଡ଼ାମଣି ଛନ୍ଦ, ବିଜୟ ଲହରିଆ, ବିଜନ ପାଢ଼ୀ, ନରେଶ ସାହୁ, କୁନା ପଧାନ, ନବୀନ ପଧାନ, ବିକାଶ ମାଝୀ, ଗଙ୍ଗା ପାତ୍ର, ସମ୍ପଦ ସାହୁ, ମୋତିଲାଲ ମହାକୁର, ସୁବ୍ରତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ

# ବଲାଙ୍ଗିରରେ ଡିଜେଲ ସଙ୍କଟ

ବଲାଙ୍ଗିର,୧୫।୫(ସମିସ)



ବଲାଙ୍ଗିର ସହର ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ଏବେ ଡିଜେଲ, ପେଟ୍ରୋଲକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଥିବା ଦେଖିବାକୁ ମିଳିଛି। କିଛି ଦିନ ପୂର୍ବରୁ ରନ୍ଧନ ଗ୍ୟାସକୁ ନେଇ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ ଏବେ ବିଶେଷ କରି ପେଟ୍ରୋଲ, ଡିଜେଲକୁ ନେଇ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି। କିଛି ଦିନ ଭିତରେ ଡିଜେଲ ଭଳି ପେଟ୍ରୋଲର ମଧ୍ୟ ଅଭାବୀ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ମଧ୍ୟ ପ୍ରକାଶ ପାଇଛି। ତେବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଏହି ସମସ୍ୟା ସାମ୍ନାକୁ ଆସିଛି। ଡିଜେଲ ଅଭାବ ସିଧାସଳଖ ପରିବହନ ବ୍ୟବସ୍ଥା ଉପରେ ପ୍ରଭାବ ପକାଇଛି। ଆଗକୁ ଜରୁରୀକାଳୀନ ସ୍ଥିତି ସୃଷ୍ଟି କରିବାର ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଡିଜେଲ ପାଇଁ ଟାଙ୍କିରେ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ଏହି ସମସ୍ୟା ଆଉ କେତେ ଦିନ ଲାଗିରହିବ ତାହା ମଧ୍ୟ କହିବା କଷ୍ଟକର ହୋଇପଡ଼ିଛି। ଏଭଳି ସ୍ଥିତିରେ ଲୋକଙ୍କ ସମସ୍ୟା ଦିନକୁ ଦିନ ଦ୍ୱିଗୁଣିତ ହେବାରେ ଲାଗିଛି।

ବଲାଙ୍ଗିର ସହର ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ୫୦ଟି ପେଟ୍ରୋଲ ଓ ଡିଜେଲ ଟାଙ୍କି ରହିଛି; ଯେଉଁ ଟାଙ୍କିଗୁଡ଼ିକରୁ ପ୍ରତିଦିନ ଯାନବାହାନ ଗୁଡିକ ଶହ ଶହ ଲିଟର ତେଲ ଭରିଥାନ୍ତି। ବିଶେଷ କରି ବଲାଙ୍ଗିର ସହରରେ ପ୍ରାୟ ୧୪ଟି ବିଭିନ୍ନ କମ୍ପାନୀର ପେଟ୍ରୋଲ ଟାଙ୍କି ରହିଛି। ଦୈନିକ କିଛି ଟାଙ୍କିରେ ୨ରୁ ୪ ହଜାର ଲିଟର ଡିଜେଲ ବିକ୍ରି ହେଉଥିବା ବେଳେ ୨ରୁ ୩ ହଜାର ଲିଟର ପେଟ୍ରୋଲ ବିକ୍ରି ହୋଇଥାଏ। ସେହିପରି କିଛି ଟାଙ୍କିରେ ଦୈନିକ ୧୦ରୁ ୧୨ ହଜାର ଲିଟର ଡିଜେଲ ବିକ୍ରି ହେଉଥିବା ବେଳେ ୫ରୁ ୬ ଲିଟର ପେଟ୍ରୋଲ ବିକ୍ରି ହେଉଥିବା ଜଣାପଡିଛି। ଏହିଭଳି ଭାବେ ଜିଲ୍ଲାର ଅନ୍ୟ ଟାଙ୍କିଗୁଡ଼ିକରେ ମଧ୍ୟ ଦୈନିକ ଡିଜେଲ ଓ ପେଟ୍ରୋଲ ବିକ୍ରି ହୋଇଥାଏ। ତେବେ ଗତ କିଛି ଦିନ ହେଲା

- ଆଗକୁ ବିଗିଡ଼ିବ ପରିସ୍ଥିତି
- ଟାଙ୍କିରେ ଡିଜେଲ ମେସିନ ବନ୍ଦ
- ବସ୍, ଟ୍ରକ୍, ଟ୍ରାକ୍ଟର ପ୍ରଭାବିତ
- ବନ୍ଦ ହୋଇପାରେ ପରିବହନ

ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବଲାଙ୍ଗିରରେ ମଧ୍ୟ ଡିଜେଲର ଅଭାବ ଦେଖା ଦେଇଛି। ପେଟ୍ରୋଲ ଟାଙ୍କିଗୁଡ଼ିକରେ ଡିଜେଲ ଭରିବା ପାଇଁ ବସ୍, ଟ୍ରକ୍, କାର୍ ଓ ଅନ୍ୟ ଗାଡିଗୁଡ଼ିକର ଲମ୍ବା ଲାଇନ ଦେଖିବାକୁ ମିଳିଛି। ଅନେକ ଟାଙ୍କିରେ ଡିଜେଲ ନ ଥିବା ବେଳେ କାଁ ଭାଁ ଜିଲ୍ଲାର କିଛି ଟାଙ୍କିରେ ଡିଜେଲ ମହଜୁଦ ରହିଛି। ଯେଉଁ ଟାଙ୍କିକୁ ଡିଜେଲ ଆସୁଛି ତାହା ମଧ୍ୟ କିଛି ସମୟ ଭିତରେ ସରି ଯାଉଛି। ଡିଜେଲ ଅଭାବ ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପେଟ୍ରୋଲ ଟାଙ୍କି ମାଲିକଙ୍କ କହିବା ଅନୁସାରେ ଜିଲ୍ଲାର ପ୍ରାୟ ସମସ୍ତ ଟାଙ୍କିକୁ ଝାରସୁଗୁଡାରୁ ତେଲ ଆସିଥାଏ। ସେଠାରେ ଠିକ୍ ଭାବେ ଲୋଡ୍ ମିଳୁ ନ ଥିବା ବେଳେ ଗାଡିଗୁଡିକ ନମ୍ବର ପାଇଁ ଅପେକ୍ଷାରେ ରହିଛନ୍ତି। ସେଠାରୁ ମିଳିଲେ ସିନା ଟାଙ୍କିକୁ ଆସିବ ଓ ବିକ୍ରି ହେବ। ସେଠାରୁ ଠିକ୍ ଭାବେ ନ ଆସିଲେ କେଉଁଠୁ ଆଣି ଦେବେ ବୋଲି ଓଲଟି ପ୍ରଶ୍ନ ଉଠାଇଛନ୍ତି। ଏପରିକି ଡିଜେଲ ଭଳି ପେଟ୍ରୋଲରେ ମଧ୍ୟ ସମାନ ସ୍ଥିତି ଦେଖାଦେବାର ଆଶଙ୍କା ରହିଥିବା ଟାଙ୍କି ମାଲିକମାନେ ସୂଚନା ଦେଇଛନ୍ତି। ତେବେ ଏହାର ପ୍ରଭାବ ଆଗକୁ ଆହୁରି ଜଟିଳ ସ୍ଥିତି ସୃଷ୍ଟି କରିବ ବୋଲି ଆକଳନ କରାଯାଉଛି। ସୂଚନା ଅନୁସାରେ ଜିଲ୍ଲାରେ ପ୍ରାୟ ୧୧୦ରୁ ଅଧିକ ବସ୍ ରହିଛି; ଯାହାକି ଡିଜେଲରେ ହିଁ ଚାଲିଥାଏ। ଇଭି ବସ୍ ଜିଲ୍ଲାରେ ଗୋଟିଏ ବି ନାହିଁ। ତେବେ ଯଦି ଡିଜେଲର ଅଭାବ ଲାଗି ରହେ ତେବେ ନିହାତି ଭାବେ ବସ୍ ସେବା ପ୍ରଭାବିତ ହେବ। ଡିଜେଲ ନ ମିଳିଲେ ବସ୍ ଗଡିବା ମଧ୍ୟ ବନ୍ଦ ହୋଇଯାଇପାରେ। ଯଦି ବସ୍ ସେବା ବନ୍ଦ ହୁଏ ତେବେ ଜିଲ୍ଲାରେ ଲୋକଙ୍କ ଯାତାୟାତ ଉପରେ ମଧ୍ୟ ଏକ ବଡ଼ ପ୍ରଭାବ ପଡିବ। ଏଥିରେ ବସ୍ ମାଲିକମାନଙ୍କ ମଧ୍ୟ କ୍ଷତି ହେବ ବୋଲି ଘରୋଇ ବସ୍ ମାଲିକ ସଂଘ ସଭାପତି ଦୁର୍ଗା ଚରଣ ବେହେରା ସୂଚନା ଦେଇଛନ୍ତି। ସେହିପରି ଜିଲ୍ଲାରେ ପ୍ରାୟ ୫ ଶହରୁ ଅଧିକ ଟ୍ରକ୍, ଶହେରୁ ଅଧିକ ହାଇୱା, ହଜାରେରୁ ଅଧିକ ଟ୍ରାକ୍ଟର ରହିଛି। ଯଦି ଡିଜେଲ ସମସ୍ୟା ଲାଗି ରହେ ତେବେ ଏହି ସବୁ ଯାନବାହାନ ମଧ୍ୟ ପ୍ରଭାବିତ ହେବ। ଟ୍ରକ୍ ବନ୍ଦ ରହିଲେ କିମ୍ବା ଅଳ୍ପ ସଂଖ୍ୟକ ଟ୍ରକ୍ ଚାଲିଲେ ଦୈନିକ ଖାଉଟି ସାମଗ୍ରୀ ଦର ବୃଦ୍ଧି ହେବା ଆଶଙ୍କା ରହିଛି। ସେହିପରି ହାଇୱା ଓ ଟ୍ରାକ୍ଟର ଚଳାଚଳ ପ୍ରଭାବିତ ହେଲେ ଘର ତିଆରି ସାମଗ୍ରୀ ସହ ଅନ୍ୟ ସବୁ ଜିନିଷ ପରିବହନ ଦର ମଧ୍ୟ ବହୁମାତ୍ରାରେ ବୃଦ୍ଧି ପାଇବାର ଆଶଙ୍କା ରହିଛି।

ଏହିଭଳି ସ୍ଥିତିରେ ଡିଜେଲ ଅଭାବ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନକୁ ସଂପୂର୍ଣ୍ଣ ଭାବେ ପ୍ରଭାବିତ କରିଛି। ଏହି ସମସ୍ୟାରୁ କେବେ ନିସ୍ତାର ମିଳିବ ତାହା ଅସ୍ପଷ୍ଟ। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ପେଟ୍ରୋଲିୟମ ଉତ୍ପାଦ ବ୍ୟବହାର କମାଇବାକୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର କୌଣସି ସମସ୍ୟା ନ ଥିବା କହୁଛନ୍ତି। ବାସ୍ତବରେ କିନ୍ତୁ ଜଟିଳ ସ୍ଥିତି ସୃଷ୍ଟି ହେବା ଆରମ୍ଭ ହୋଇଛି। ତେବେ ଦିନେ ଦୁଇ ଦିନ ଭିତରେ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ, ଡିଜେଲ ଯୋଗାଣ ନ ହେଲେ ସ୍ଥିତି ଆହୁରି ବିଗିଡିବାର ଆକଳନ କରାଯାଇଛି।

## ତରଭାରେ ପେଟ୍ରୋଲ, ଡିଜେଲ ସଙ୍କଟ

## ରାତି ଯାଏ ଅସମ୍ଭାଳ ଭିଡ଼, ଲୋକଙ୍କ ଲମ୍ବା ଧାଡ଼ି

ତରଭା,୧୫।୫ (ସମିସ): ତରଭା ସହରରେ ଶୁକ୍ରବାର ପୂର୍ବାହ୍ନରୁ ତୈଳ ସଙ୍କଟ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। କେଉଁ ଫିଲିଂ ଷ୍ଟେସନରେ ପେଟ୍ରୋଲ ଓ ଡିଜେଲ ନ ଥିବା ଲେଖା ଯାଇଛି ତ ଆଉ କେଉଁଠି ଲମ୍ବାଧାଡ଼ି ଲାଗିଛି। ସବୁଠି ଅସମ୍ଭାଳ ଭିଡ଼ ଦେଖାଯାଇଛି। ଫିଲିଂ ଷ୍ଟେସନରେ ବାଇକ ପିଛା ସର୍ବାଧିକ ୨୦୦ ଟଙ୍କା ଏବଂ କାର ପିଛା ୧୦୦୦ ଟଙ୍କାର ତେଲ ମିଳୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଲ ଅଭାବ ନ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯିବା ସତ୍ତ୍ୱେ ପେଟ୍ରୋଲ, ଡିଜେଲ ପାଇଁ ପମ୍ପରେ ଲୋକେ ଗହଳି କରୁଛନ୍ତି। ତରଭା ସହରରେ ଥିବା ଦୁଇଟି ପେଟ୍ରୋଲ ପମ୍ପ ମଧ୍ୟରୁ ଗୋଟିଏ ପମ୍ପରେ ତେଲ ନ ଥିବାରୁ ବନ୍ଦ ରହିଛି। ଗୋଟିଏ ଚାଲିଛି। ସେହିଭଳି ତରଭା-ଚାରଭଟା ରାସ୍ତା ବେଲମୁଣ୍ଡା ଓ ଲେମ୍ପୁପାଲିରେ ଥିବା ଦୁଇଟି ପେଟ୍ରୋଲ ପମ୍ପ ମଧ୍ୟ ବନ୍ଦ ରହିଛି।

## ଆଜି ସାବିତ୍ରୀ: ତରଭାରେ ଫଳ ଛୁଇଁ ହେଉନି

ତରଭା,୧୫।୫(ସମିସ): ଶନିବାର ସାବିତ୍ରୀ ଅମାବାସ୍ୟା। ସ୍ୱାମୀଙ୍କ ମଙ୍ଗଳକାମନା କରି ପତ୍ନୀ ନିର୍ଜଳା ଉପବାସରେ ରହି ଏହି ପର୍ବ ପାଳନ କରିଥାନ୍ତି। ତେବେ ଏହି ପୂଜା ପାଇଁ ଭଳିକି ଭଳି ଫଳମୂଳ, ନୂଆ ଶାଢୀ, ପୂଜା ସାମଗ୍ରୀ ଆବଶ୍ୟକ ହୋଇଥାଏ। ସାବିତ୍ରୀ ପାଇଁ ତରଭା ବଜାର ଚଳଚଞ୍ଚଳ ହୋଇଛି। ଲୁଗା ଦୋକାନ ଓ ଫଳମୂଳ ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳିଛି। ମୁଖ୍ୟତଃ ଫଳମୂଳ ଛୁଇଁ ହେଉନି। ଗୁରୁବାର ତରଭାରେ ତାଳ ଗୋଟାକୁ ୧୦ ଟଙ୍କା ଥିବାବେଳେ କରମଙ୍ଗା ଗୋଟାକୁ ୨୦ ଟଙ୍କା, ଲିଚୁ ଗୋଟାକୁ ୫ଟଙ୍କା, ସପୁରୀ ଗୋଟାକୁ ୫୦ ଟଙ୍କା, ତରଭୁଜ କେଜି ୨୫ ଟଙ୍କା, ଚେରି ଦୁଇଟିକୁ ୫ ଟଙ୍କା, କାକୁଡ଼ି ଗୋଟାକୁ ୧୦ ଟଙ୍କା, ସେଓ କେଜି ୨୦୦ରୁ ୩୨୦ ଟଙ୍କା, କଦଳୀ ଡଜନ ୪୦ରୁ ୬୦ ଟଙ୍କା, ସାନ୍ତରା କେଜି ୨୦୦ରୁ ୩୨୦, ଲିଚୁ କେଜି ୩୦୦, ନଡ଼ିଆ ଗୋଟାକୁ ୪୦, ସପୁରୀ ଗୋଟାକୁ ୩୦ରୁ ୪୦, ଡାଳିମ୍ବ କେଜି ୨୦୦, ଅଙ୍ଗୁର କେଜି ୧୬୦ରୁ ୨୪୦, ଆମ୍ବ କେଜି ୪୦ରୁ ୫୦ ଟଙ୍କାରେ ବିକ୍ରି ହେଉଛି।

## ଦୁଇ ମେଧାବୀ ଛାତ୍ର ସମ୍ବର୍ଦ୍ଧିତ



କନ୍ଧମାଳ,୧୫।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀ ଓମ୍ ସ୍ୱପ୍ନିଳ ବାଘ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବୌଦ୍ଧ ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ସଭାପତି ରାମଚନ୍ଦ୍ର ତାଣ୍ଡି ତାଙ୍କ ଘରକୁ ଯାଇ ଅଭିନନ୍ଦନ ଜଣାଇବା ସହ ତାଙ୍କୁ ସହ ସମ୍ମାନିତ କରିଛନ୍ତି। ସୁଲିଆ ଗ୍ରାମର ରାଜେନ୍ଦ୍ର ବାଘ ଏବଂ ଗୀତାଞ୍ଜଳି ଭୋଇଙ୍କ ସେ ସୁପୁତ୍ର।



ତାଙ୍କ ମାଆ ଜଣେ ସ୍ୱାସ୍ଥ୍ୟ ସେବିକା ଭାବେ କାର୍ଯ୍ୟରତ। ସେହିଭଳି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଅଇଁଲାଚୁଆଁସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ସୁଦାମ କାହଁର ସିବିଏସଇ ବୋର୍ଡ ପରୀକ୍ଷାରେ ୮୯.୪% ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସର୍ବୋଚ୍ଚ ସ୍ଥାନ ହାସଲ କରିଛନ୍ତି। ଶ୍ରୀ ତାଣ୍ଡି ସୁଦାମଙ୍କୁ ମଧ୍ୟ ତାଙ୍କ ତମ୍ବାସିନାସ୍ଥିତ ଘରେ ପହଞ୍ଚି ସମ୍ମାନିତ କରିଛନ୍ତି।

## ବେଆଇନ୍ ଜଳ ଯୋଗାଣ ବିଚ୍ଛିନ୍ନ କଲା ପ୍ରଶାସନ

ବୌଦ୍ଧ,୧୫।୫(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ହରଭଙ୍ଗା ବ୍ଲକ୍ ବିରନରସିଂହପୁର ପଞ୍ଚାୟତର କରଡ଼ି ଗ୍ରାମରେ ସରକାରୀ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ହୋଇଥିବା ଅବୈଧ ସଂଯୋଗ ଓ ଅନଧିକୃତ ସକ୍ସନ ପମ୍ପ ବ୍ୟବହାର ନେଇ ଚଢ଼ଉ କରାଯାଇଛି। ସରକାରୀ ପାନୀୟ ଜଳ ପାଇପ ଲାଇନରୁ ଅନଧିକୃତ ଭାବେ ଲଗାଯାଇଥିବା ସକ୍ସନ ପମ୍ପଗୁଡ଼ିକୁ ଜବତ କରାଯାଇଛି। ଏହା ଯୋଗୁଁ ଜଳ ଯୋଗାଣ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଉଥିଲା। ଗ୍ରାମର ଶେଷ ପ୍ରାନ୍ତର ଲୋକମାନେ ପର୍ଯ୍ୟାପ୍ତ ପାଣି ପାଇବାରେ ଅସୁବିଧା ଭୋଗୁଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ସରକାରୀ ପାନୀୟ ଜଳ ବ୍ୟବସ୍ଥାର ଠିକ୍ ବ୍ୟବହାର କରିବା ଓ ଅବୈଧ ସଂଯୋଗରୁ ବିରତ ରହିବାକୁ ଅନୁରୋଧ କରାଯାଇଛି। ଜନସାଧାରଣଙ୍କୁ ନିରବିଚ୍ଛିନ୍ନ ଓ ସମାନ ଭାବେ ପାଣି ଯୋଗାଣ ସୁନିଶ୍ଚିତ କରିବା ପାଇଁ ଏଭଳି ଚଢ଼ଉ ଜାରି ରହିବ ବୋଲି ପ୍ରଶାସନ ସୂଚନା ଦେଇଛି। ବିଡିଓ ବିଜୟ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ଉ ସମୟରେ ଅତିରିକ୍ତ ତହସିଲଦାର ତଥା ଏକ୍ଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ସନ୍ଦୀପ ସୁଭଦର୍ଶନ ଧଳ, ଏବିଡିଓ ସତ୍ୟପ୍ରିୟ ସାହୁ, ଆରଡବ୍ଲ୍ୟୁଏସଏସ୍, ବ୍ଲକ୍ କର୍ମଚାରୀ ଏବଂ ବିରନରସିଂହପୁର ପିଇଓ ଶେଷଦେବ ଜାନି ପ୍ରମୁଖ ପୁଲିସ ବଳ ସହ ଉପସ୍ଥିତ ଥିଲେ।



## ବାବା କରୁଣାକର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଡୁଙ୍ଗୁରିପାଲି,୧୫।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାଝୀମୁଣ୍ଡା ଝୁମୁକାଡୁଙ୍ଗୁରିଠାରେ ମଠର ପ୍ରଥମ ମଠାଧୀଶ ବାବା କରୁଣାକର ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ସଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର ଯୋଗଦେଇ ବାବାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମଠ ସଭାପତି ସଉରିଆ ଅଗ୍ରୱାଲ, ସମ୍ପାଦକ ଅନିରୁଦ୍ଧ ବାରିକ, ବନ୍ଧପାଲି ସରପଞ୍ଚ କ୍ଷୀରୋଦ୍ର ବାରିକ, ଗୋବିନ୍ଦ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅମୂଲ୍ୟ ବେହେରା ସଭା ସଂଯୋଜନା କରିଥିଲେ। ପ୍ରଫୁଲ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



## ମହାପାତ୍ର ନୀଳମଣି ସାହୁଙ୍କ ଜୀବନ ଦର୍ଶନ ଯୁବପିଢ଼ି ପାଇଁ ପ୍ରେରଣାଦାୟକ

ତରଭା,୧୫।୫ (ସମିସ): ସାହିତ୍ୟ ଅକାଦେମି ଏବଂ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହାପାତ୍ର ନୀଳମଣି ସାହୁଙ୍କ ସାହିତ୍ୟ ସାଧନା, ଜୀବନ ଦର୍ଶନ ଏବଂ ସମାଜ ପ୍ରତି ତାଙ୍କ ଅବଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ବିଶିଷ୍ଟ ସାହିତ୍ୟିକ ଗୌରହରି ଦାସ ସଭା ମୁଖ୍ୟ ରହିଥିଲେ। ଜିଲ୍ଲାପାଳ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବକ୍ତାମାନେ ମହାପାତ୍ର ନୀଳମଣି ସାହୁଙ୍କ ଅମର ସାହିତ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। ସେ କେବଳ ଜଣେ ସାହିତ୍ୟିକ ନୁହନ୍ତି; ସେ ମାନବିକତା ଓ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ ଥିଲେ ବୋଲି ଅତିଥିବର୍ଗ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଡ. ସାହୁ ତାଙ୍କ ବକ୍ତବ୍ୟରେ ମହାପାତ୍ର ନୀଳମଣି ସାହୁଙ୍କୁ ଦେଖିଲେ ଈଶ୍ୱରଙ୍କୁ ଦେଖିଲା ପରି ଅନୁଭବ ହୁଏ। ସେ ଅନ୍ୟମାନଙ୍କୁ ସମ୍ମାନ ଦେବାରେ ଅସୀମ ଉଦାର ଥିଲେ। 'ମୁଁ କାହିଁକି ଲେଖେ' ଓ 'ମୁଁ ଗଳ୍ପ ଲେଖେ କାହିଁକି' ଭଳି ତାଙ୍କ ରଚନା ଅତ୍ୟନ୍ତ ହୃଦୟସ୍ପର୍ଶୀ ବୋଲି ସେ କହିଥିଲେ। ନୀଳମଣି ସାହୁ ତାଙ୍କ ଘରର ନାମ 'ଆକାଶ ପାତାଳ' ରଖିଥିବା



ସହ ଆକାଶରୁ ପାତାଳ ପର୍ଯ୍ୟନ୍ତ ତାଙ୍କ ଚିନ୍ତାର ବ୍ୟାପ୍ତି ଥିବା କଥା ଉଲ୍ଲେଖ କରିଥିଲେ। ତାଙ୍କ ଜୀବନ ଓ ସାହିତ୍ୟରୁ ଆମେ ଜୀବନ ଜୀଇଁବାର ମାର୍ଗ ଶିଖିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଶ୍ରୀନିବାସ ଉଦ୍‌ଗାତା ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିବାବେଳେ କାଳିଦାସ ମିଶ୍ର ମୂଳ ଭାଷଣ ରଖିଥିଲେ। କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ଏବଂ ମନୋଜ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ବିଜୟ ଶତପଥୀ ଏବଂ ଅରବିନ୍ଦ ରାୟ ସଭାମୁଖ୍ୟ ଭାବେ କାର୍ଯ୍ୟ ସଂଚାଳନ କରିଥିଲେ।

## ବେଆଇନ ବନ୍ଧୁକ ରଖି ଯୁବକ ଗିରଫ

ବୌଦ୍ଧ,୧୫।୫ (ସମିସ): ବେଆଇନ ଦେଶୀ ବନ୍ଧୁକ ରଖିବା ଅପରାଧରେ ଘଣ୍ଟାପଡା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ଉମା ପଞ୍ଚାୟତ ସମାଡାଙ୍କି ଗ୍ରାମର ନମସ୍ତ ବଘାର। ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସମାଡାଙ୍ଗି ଗ୍ରାମରେ ଚଢ଼ଉ କରିଥିଲା।

## ୪୦ ଦିନ ପରେ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

ବୌଦ୍ଧ,୧୫।୫(ସମିସ): ବୌଦ୍ଧ ଜିଲ୍ଲା ବିରାମଚନ୍ଦ୍ରପୁର ଗାଁରୁ ନିଖୋଜ ଜଣେ ଯୁବକଙ୍କ ମୃତଦେହ ୪୦ ଦିନ ପରେ ମିଳିଛି। ହରଭଙ୍ଗା ଥାନା ଗୁଣ୍ଡୁରିସାହି ଗ୍ରାମ୍ୟ ଜଙ୍ଗଲରୁ ତାଙ୍କ ମୃତଦେହ ମିଳିଛି। ମୃତକ ହେଲେ ବିରାମଚନ୍ଦ୍ରପୁର ଗାଁର ପୀତବାସ ମାଝୀ। ତେବେ ତାଙ୍କୁ କିଏ ହତ୍ୟା କରିଛି କିମ୍ବା ତାଙ୍କର ସ୍ୱାଭାବିକ ମୃତ୍ୟୁ ଘଟିଛି ତାହାକୁ ନେଇ ହରଭଙ୍ଗା ଥାନା ପୁଲିସ ତଦନ୍ତ ଜାରି ରଖିଛି।

## ତରଭା ଡାକ୍ତରଖାନାରେ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

ତରଭା,୧୫।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରେଆର ସୋନପୁର ତରଫରୁ ବେସିକ ନିଡ୍ ଇଣ୍ଡିଆ ସହାୟତାରେ ମାନସିକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସାର୍ବଜନୀନ ସ୍ୱାସ୍ଥ୍ୟ ବିସ୍ତାର ଅଧିକାରିଣି ଅମିତା ଚାନ୍ଦ, ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ଓ କାର୍ଯ୍ୟକ୍ରମ ସଂଯୋଜକ ଧନୁର୍ଦ୍ଧର ନାଏକ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। କ୍ଷେତ୍ରକର୍ମୀ ମିତ୍ରଭାନୁ ମଲ୍ଲିକ ଓ ବେସିକ ନିଡ୍ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ କର୍ମୀ ମାନସିକ ସ୍ତରରେ ଅସୁସ୍ଥ ବ୍ୟକ୍ତି ଓ ସେମାନଙ୍କ ପରିବାର ସମ୍ମୁଖୀନ ହେଉଥିବା ଅନ୍ଧବିଶ୍ୱାସ, ଅଣଦେଖା ଓ ପ୍ରତିକୂଳ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ମାନସିକ ସ୍ୱାସ୍ଥ୍ୟ ସଚେତନତା, ମାନସିକ ରୋଗର ଲକ୍ଷଣ, ଚିକିତ୍ସା ଆଦି ନେଇ ବ୍ୟାପକ ଭାବରେ ଅଲୋଚନା ହୋଇଥିଲା। ଏଥିରେ ତରଭା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆଶା, ଅଙ୍ଗନବାଡି କର୍ମୀ, ସିଆରପି, ୱାର୍ଡସଭ୍ୟ, ଗୋଷ୍ଠୀ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଗୁଣନିଧି ମାଝୀ ଓ ଜିତେନ୍ଦ୍ର ସାହୁ ସହଯୋଗ କରିଥିବା ବେଳେ କ୍ଷେତ୍ର କର୍ମୀ ଲକ୍ଷ୍ମଣ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ବୌଦ୍ଧ, ସୁବର୍ଣ୍ଣପୁରରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ

# ପରସ୍ପର ଭିତରେ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ



ବୌଦ୍ଧ,୧୫।୫(ସମିସ)

ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ପୂର୍ବକ ସବୁ ପ୍ରକାର ବିପର୍ଯ୍ୟର ମୁକାବିଲା କରାଯାଇ ପାରିବ। ଏଥିପାଇଁ ସମସ୍ତେ ସର୍ବଦା ପ୍ରସ୍ତୁତ ହୋଇ ରହିବାକୁ ଜିଲ୍ଲାପାଳ କହିଥିଲେ।

ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନଜରରେ ରଖି ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଡ୍ରେନେଜ୍ ବ୍ୟବସ୍ଥା, ବନ୍ୟା ସର୍କଲ୍ ଗୁଡ଼ିକର ଦାୟିତ୍ୱ ବଣ୍ଟନ, ବର୍ଷାମାପକ କେନ୍ଦ୍ରର କାର୍ଯ୍ୟପ୍ରଣାଳୀ, କଣ୍ଟ୍ରୋଲ୍ ରୁମ୍ ଡ୍ୟୁଟି, ଦୈନିକ ପରିସ୍ଥିତି ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରେରଣ, ପାଣିପାଗ ସୂଚନା, ସତର୍କବାଣୀ ଓ ବନ୍ୟା ବୁଲେଟିନ୍ ଜାରି, ଖାଦ୍ୟ ସାମଗ୍ରୀ ମହଜୁଦ, ଶୁଖିଲା ଖାଦ୍ୟ ସଂଗ୍ରହ ପାଇଁ ପୂର୍ବ ଚୁକ୍ତି ବ୍ୟବସ୍ଥା, ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଖାଦ୍ୟ ଆଶ୍ରୟ କେନ୍ଦ୍ର ଓ ବନ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ଯୋଜନା, ଓଡ୍ରାଫ୍ ଓ ଏନଡିଆରଏଫ୍ ଟିମ୍‌ର ନିୟୋଜନ, ହେଲିପ୍ୟାଡ୍‌ର ଉପଲବ୍ଧତା, ରିଲିଫ୍ ପାର୍ଟି ଗଠନ ଏବଂ ବନ୍ୟା ରିଲିଫ୍‌ରେ ନିୟୋଜିତ କର୍ମଚାରୀଙ୍କ ପ୍ରଶିକ୍ଷଣ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କଣ୍ଟାମାଳ ବିଧାୟକ ଜିଲ୍ଲାରେ ପାନୀୟ ଜଳ ସମସ୍ୟାର ସମାଧାନ ସହ ନଦୀକୂଳ ଅଞ୍ଚଳର ଗ୍ରାମ ଗୁଡ଼ିକରେ ବନ୍ୟାଆଶ୍ରୟସ୍ଥଳ ନିର୍ମାଣ ପାଇଁ ଗୁରୁତ୍ୱ ଦେଇଥିଲେ। ବୌଦ୍ଧ ବିଧାୟକ ବୌଦ୍ଧ ସହର ପାଇଁ ଶୀଘ୍ର ଏକ ରିଙ୍ଗ ରୋଡ଼ ନିର୍ମାଣର ଆବଶ୍ୟକତା ଉପସ୍ଥାପନ କରିଥିଲେ। ସେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ ଓ ରିଲିଫ୍ ସାମଗ୍ରୀ ପୂର୍ବରୁ ମହଜୁଦ ରଖିବା ପାଇଁ ସମସ୍ତ ବିଭାଗକୁ ପରାମର୍ଶ ଦେଇଥିଲେ। ବନ୍ୟା ସମୟରେ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ଖାଦ୍ୟ ଓ ଔଷଧ ମହଜୁଦ ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶାସନର ସମସ୍ତ ବିଭାଗ ନିଜ ନିଜ ଆବଶ୍ୟକତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଅବଗତ କରାଇ ସମସ୍ତ ପ୍ରକାର ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ବିନୟ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ବୌଦ୍ଧଗଡ଼ ପୌରପାଳିକା ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ସଭା ଆୟୋଜନ କରିଥିଲା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ। ଏହି ବୈଠକରେ ସମସ୍ତ ବିଡିଓ, ତହସିଲଦାର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ, ବିଭାଗୀୟ କର୍ମକର୍ତ୍ତା, ଆରକ୍ଷୀ ଓ ଅଗ୍ନିଶମ ବିଭାଗର ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

ତରଭା: ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ (ରାଜସ୍ୱ) ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେମାନଙ୍କ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧୀୟ ବିବରଣୀ ଜିଲ୍ଲା ଜରୁରୀ ଶାଖାରେ ଦାଖଲ କରିବା ପାଇଁ କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଉଷାରାଣୀ ଦାସ, ସୋନପୁର ଉପଜିଲ୍ଲାପାଳ ଡା. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର ଏବଂ ବିଭିନ୍ନ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ ଶାଖା ଅଧିକାରୀ ରାଜେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକର ବନ୍ୟାପ୍ରବଣ ଅଞ୍ଚଳରେ କିପରି ପଦକ୍ଷେପ ଗ୍ରହଣ କରାଯିବ ସେଥିପାଇଁ ଆଲୋଚନା କରାଯାଇଥିଲା। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପିଏଚଡି ଏବଂ ଗ୍ରାମୀଣ ଜଳ ଯୋଗାଣ ଓ ସ୍ୱଚ୍ଛତା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଜଣ୍ଡିସ୍ ପ୍ରଭାବିତ ଗ୍ରାମଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ସାପ କାମୁଡ଼ା, ପାଣିରେ ବୁଡ଼ି ମୃତ୍ୟୁ କିମ୍ବା ବଜ୍ରପାତଜନିତ ମୃତ୍ୟୁ ଘଟିଲେ ମୃତକଙ୍କ ପରିବାରକୁ କିପରି ସହାୟତା ରାଶି ପ୍ରଦାନ କରାଯିବ, ସେଥିପାଇଁ ଆବଶ୍ୟକ ମିଳିତ ନିରୀକ୍ଷଣ କରାଯିବ ସେଥିପାଇଁ ବୈଠକରେ ଜୋର ଦିଆଯାଇଥିଲା। ବନ୍ୟା ସମୟରେ ମିଥ୍ୟା ଓ ଭ୍ରାନ୍ତିକର ଖବର ଉପରେ ବିଶ୍ୱାସ ନ କରି କେବଳ ସରକାରୀ ସୂତ୍ରରୁ ମିଳୁଥିବା ସୂଚନା ଉପରେ ଲୋକମାନେ କିପରି ବିଶ୍ୱାସ କରିବେ ଏବଂ ସେଥିପାଇଁ କ'ଣ କ'ଣ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।



# ଲକ୍ଷ୍ୟଠାରୁ ଦୂରରେ ଇଭି ଅଭିଯାନ

## ସରକାରୀ କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ବି ବନ୍ଦ

## ଚାର୍ଜିଂ ଷ୍ଟେସନ୍ ଅଭାବ ପାଇଁ ଗ୍ରାହକ ପଛଘୁଞ୍ଚା

ଭୁବନେଶ୍ୱର, ୧୫।୫ (ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ତୈଳ ଦରରେ ବୃଦ୍ଧି, ଗତ ୨ ଦିନ ହେଲା ରାଜ୍ୟର ପେଟ୍ରୋଲ ପମ୍ପ ଆଗରେ ଦିନରାତି ଲମ୍ବା ଲାଇନ୍ ଏବଂ ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ପୁଣି ଚର୍ଚ୍ଚାକୁ ଫେରିଛି ରାଜ୍ୟ ସରକାରଙ୍କ 'ଇଭି' ଅଭିଯାନ। ପେଟ୍ରୋଲ-ଡିଜେଲ୍ ପାଇଁ ଏବେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଇଭି ଗାଡ଼ି ଏହାର ବିକଳ୍ପ ବୋଲି କୁହାଯାଉଛି। କିନ୍ତୁ, ଗୋଟେପଟେ ୨୦୩୦ ସୁଦ୍ଧା ଇଭି ପଞ୍ଜୀକରଣ ୫୦%ରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଚାର୍ଜିଂ ଷ୍ଟେସନ୍‌ର ଘୋର୍ ଅଭାବ ଇଭି ପ୍ରତି ଲୋକଙ୍କୁ ବିମୁଖ କରୁଛି। ବାକି ଛୋଟବଡ଼ ସହର କଥା ଛାଡ଼, ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମାତ୍ର ୧୨ଟି ଚାର୍ଜିଂ ଷ୍ଟେସନ୍ ରହିଛି। ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ, ଗ୍ରାହକ ଇଭି ଗାଡ଼ି କିଣିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ସେହିପରି, ଇଭି ଗାଡ଼ି ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରିବା ସାଙ୍ଗକୁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିଛନ୍ତି। କିନ୍ତୁ, ଏହା ସତ୍ତ୍ୱେ ରାଜ୍ୟରେ ଇଭି ଅଭିଯାନ ବାଟବଣା ହୋଇଥିବା କୁହାଯାଉଛି। ଇଭି ଗାଡ଼ି ଓ ଏ ସମ୍ପର୍କିତ ଶିଳ୍ପକୁ ପ୍ରୋତ୍ସାହନ ଦେବା ଲାଗି ପୂର୍ବ ସରକାର ବଳିଷ୍ଠ ଇଭି ନୀତି ପ୍ରଣୟନ କରିଥିଲେ। ନୂଆ ସରକାର ଗତବର୍ଷ ସେଥିରେ ସଂସ୍କାର ଆଣିଥିଲେ ହେଁ ମଧ୍ୟ ଇଭି ଅଭିଯାନ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଥିବା କୁହାଯାଉଛି।

ଗୋଟିଏପଟେ, ପୂର୍ବାପେକ୍ଷା ଇଭି କ୍ରୟ ବୃଦ୍ଧି ପାଇଛି। କିନ୍ତୁ ପଞ୍ଜୀକରଣ ହାର ଉତ୍ସାହିତ କରିପାରୁନାହିଁ। ଭିତ୍ତିଭୂମି ନିର୍ମାଣରେ ଗୋଟିଏ ବିଭାଗ ଅନ୍ୟ ବିଭାଗକୁ ସହଯୋଗ କରୁନଥିବା ଜଣାଯାଇଛି। ଭୁବନେଶ୍ୱରରେ ପରିବହନ ବିଭାଗ ପକ୍ଷରୁ ନିର୍ମିତ ଚାର୍ଜିଂ ଷ୍ଟେସନକୁ ଶକ୍ତି ବିଭାଗ ବିଦ୍ୟୁତ୍ ସଂଯୋଗ ଦେବାରେ ଅବହେଳା କରୁଥିବା ନେଇ ପରିବହନ ବିଭାଗର ସଚିବଙ୍କୁ ପତ୍ର ଲେଖି ଅନୁରୋଧ କରିବାକୁ ପଡୁଛି। ଏପଟେ ଇଭି କିଣିବା ପାଇଁ ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁଧବିହୀନ ଋଣ ଚଳିତ ମାସରୁ ବନ୍ଦ ହୋଇଯାଇଥିବାରୁ ଗ୍ରାହକମାନେ ମଧ୍ୟ ଏଥିରୁ ମୁହଁ ଫେରାଇଲେଣି। କେବଳ ସେତିକି ନୁହେଁ, ଯେଉଁମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିଛନ୍ତି ସେମାନେ ପୁନର୍ବାର ଇଭି ଗାଡ଼ି କିଣିବା ଅସମ୍ଭବ ବୋଲି କହୁଛନ୍ତି। ସେହିପରି ଇଭି ଉପରେ ଗବେଷଣା ପାଇଁ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରଚଳିତ ନୀତିରେ ବ୍ୟବସ୍ଥା ଥିଲେ ସୁଦ୍ଧା ତାହାର ଚିହ୍ନବର୍ଣ୍ଣ ନାହିଁ।

ଇଭି ଅଭିଯାନକୁ ବଳ ଦେବା ପାଇଁ ସରକାର ଗତବର୍ଷ ସେପ୍ଟେମ୍ବରରୁ ଇଭି ଚିଠା ନୀତି ପ୍ରସ୍ତୁତ କଲେଣି। କିନ୍ତୁ ଆଜି ଯାଏ ତାହାର ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ପ୍ରସ୍ତାବିତ ଚିଠା ନୀତି ଅନୁସାରେ ନୂଆ ନୀତି ଲାଗୁ ହେବାର ୬ ମାସ ମଧ୍ୟରେ ସମସ୍ତ ସରକାରୀ ବିଭାଗ ଇଭି ବ୍ୟବହାର କରିବା ବାଧ୍ୟତାମୂଳକ ହେବ। ଅଳିଆ ବୁହା ଗାଡ଼ି, ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ପାଇଁ ଇଭି ଚାଲିବ। ସମସ୍ତ ସରକାରୀ ନୌକା ଏବଂ ଲଞ୍ଚଗୁଡ଼ିକୁ ଇଭିରେ ପରିବର୍ତ୍ତନ କରାଯିବ। ଇଭି ସମ୍ପର୍କିତ ଗବେଷଣା ଓ ବିକାଶ ପାଇଁ ଅନ୍ୟୂନ ୩ ଟି ଉତ୍କର୍ଷ କେନ୍ଦ୍ର ତଥା ଷ୍ଟାର୍ଟ-ଅପ୍ ପାଇଁ ଇନ୍‌କ୍ୟୁବେସନ ସେଣ୍ଟର ଖୋଲାଯିବ। ଗବେଷଣା ଓ ବିକାଶ ପାଇଁ ସରକାର ୧୫ କୋଟି ଟଙ୍କାର ପାଣ୍ଠି ଗଠନ କରିବେ। ଇଭି ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଦକ୍ଷତା ବିକାଶ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ପାଠ୍ୟକ୍ରମ ଆରମ୍ଭ କରାଯିବ। ଏହାଦ୍ୱାରା ରାଜ୍ୟରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି ହେବ। ସେହିପରି ୭ ସହରର ମୁଖ୍ୟ ରାସ୍ତାରେ ୩୦୦ ଇଭି ଚାର୍ଜିଂ ଷ୍ଟେସନ ଖୋଲାଯିବ। ପ୍ରତି ଇଭି ଚାର୍ଜିଂ ଷ୍ଟେସନ ପାଇଁ ସରକାର ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରିବେ। ବ୍ୟାଟେରୀ ସ୍ୱାପିଂ ଷ୍ଟେସନ ସ୍ଥାପନ ପାଇଁ ୨ ଲକ୍ଷ ଟଙ୍କା ସବ୍‌ସିଡି ଦିଆଯିବ ବୋଲି ଏଥିରେ ଯୋଜନା ରହିଥିଲା। କିନ୍ତୁ, ଏହି ନୀତି କେବେ କାର୍ଯ୍ୟକାରୀ ହେବ ଏବଂ ଓଡ଼ିଶା ଇଭି ଅଭିଯାନ ଆଗକୁ ବଢ଼ିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ପେନସନ୍ ପ୍ରସଙ୍ଗ

# ସରକାର ବାରମ୍ବାର ସମୟ ଲୋଡ଼ିବା ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ,୧୫।୫(ସମିସ): ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ରାଜ୍ୟ ସରକାରଙ୍କ ତରଫରୁ ବାରମ୍ବାର ସମୟ ଲୋଡ଼ାଯିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କ ଅଭିଯୋଗ ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତା ସଂପନ୍ନ କମିଟି ଗଠନ କରାଯାଇଥିବା ନେଇ ସରକାର ପୂର୍ବରୁ ଅବଗତ କରିଥିଲେ। ତେବେ ଏହି କମିଟି କଣ କରିଛି ସେ ନେଇ ପରବର୍ତ୍ତୀ ଶୁଣାଣି ସମୟରେ ଅବଗତ କରିବାକୁ ହାଇକୋର୍ଟ କହିବା ସହ କମିଟି ସଦସ୍ୟ ମାନଙ୍କ ନାମ ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୧ତାରିଖକୁ ସ୍ଥିର କରିଛନ୍ତି। ଗତ ୨୦୨୬, ଫେବୃଆରି ୧୭ରେ ରାଜ୍ୟ ସରକାରଙ୍କୁ ଆଉ ସମୟ ପ୍ରଦାନ କରାଯିବ ନାହିଁ ବୋଲି ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶରେ ଉଲ୍ଲେଖ ଥିବା ପ୍ରତିପକ୍ଷଙ୍କ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମାମଲାରୁ ପ୍ରକାଶ ଯେ ବ୍ଲକ୍‌ଗ୍ରାଣ୍ଟ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ପାଇଁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଏକାଧିକ ରିଟ୍ ଅପିଲ ଦାୟର କରିଥିଲେ। ସେହିଭଳି ନିର୍ଦ୍ଦେଶ ଅନୁପାଳନ କରିବା ପ୍ରାର୍ଥନା କରି ଅବସରପ୍ରାପ୍ତ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବେତନଟୀ ଡାକ୍ତରଖାନା ଏକ୍ସ-ରେ ବିଭାଗର ଦାୟିତ୍ୱହୀନତା

# ୮ ବର୍ଷର ଝିଅକୁ ବୟସ୍କ ବ୍ୟକ୍ତିଙ୍କ ଏକ୍ସ-ରେ' ରିପୋର୍ଟ

ବେତନଟୀ, ୧୫।୫ (ସମିସ): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରଞ୍ଜନରଶ୍ମି (ଏକ୍ସ-ରେ') ବିଭାଗର ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ୮ ବର୍ଷର ଜଣେ ନାବାଳିକାକୁ ଭୁଲ୍ ଏକ୍ସ-ରେ' ରିପୋର୍ଟ ଦେବା ଏବଂ ଅନାବଶ୍ୟକ ଭାବେ ଛାତ୍ରୀଙ୍କ ଗୋଡ଼ ପ୍ଲାଷ୍ଟର୍ କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି। ପରିବାରଲୋକେ ଏହି ଘଟଣାରେ ସମ୍ପୃକ୍ତ ଏକ୍ସ-ରେ' ଟେକ୍ନିସିଆନ୍ ଓ ଡାକ୍ତରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ବହାନଡ଼ା ଗ୍ରାମର ଜଣେ ୮ ବର୍ଷୀୟା ନାବାଳିକା ସୋମବାର ଦିନ ଘର ପାଖରେ ସାଇକେଲ ଚଳାଉଥିବା ବେଳେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ପରିବାରଲୋକ ତାଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶକ୍ରମେ ନାବାଳିକାଙ୍କ ଏକ୍ସ-ରେ' କରାଯାଇଥିଲା। କିନ୍ତୁ, ରଞ୍ଜନରଶ୍ମି ବିଭାଗର ଟେକ୍ନିସିଆନ୍ ନାବାଳିକାଙ୍କ ବଦଳରେ ଅନ୍ୟ ଜଣେ ବୟସ୍କ ବ୍ୟକ୍ତିଙ୍କ ରିପୋର୍ଟ ନାବାଳିକାଙ୍କ ପରିବାର ଲୋକଙ୍କୁ ଦେଇଥିଲେ। ଡାକ୍ତର ମଧ୍ୟ ଉକ୍ତ ରିପୋର୍ଟ ଭଲ ଭାବେ ଯାଞ୍ଚ ନ କରି ଗୋଡ଼ ଭାଙ୍ଗିଥିବା ଦେଖି ଅପରେସନ୍ ସହ ପ୍ଲାଷ୍ଟରିଂ କରିବାକୁ ପରାମର୍ଶ ଦେଇ ବାରିପଦା ରେଫର୍ କରିଥିଲେ। ଅପରେସନ୍ କଥା ଶୁଣି ପରିବାର ବିଚଳିତ ହୋଇପଡ଼ିଥିଲା। ବ୍ୟସ୍ତବିବ୍ରତ ହୋଇ କରଜ କରି ଟଙ୍କା ନେଇ ଅପରେସନ ପାଇଁ ଯାଉଥିଲେ। ଏହି ସମୟରେ ଜଣେ ସମ୍ପର୍କୀୟଙ୍କ ସନ୍ଦେହ ହେବାରୁ ନାବାଳିକାଙ୍କୁ ନେଇ ଏକ ଘରୋଇ କ୍ଲିନିକ୍‌କୁ ଯାଇ ପୁନଃ ଏକ୍ସ-ରେ' କରାଯାଇଥିଲା। ନୂଆ ରିପୋର୍ଟ ଭିନ୍ନ ଆସିଥିଲା। ପରେ ଉକ୍ତ ନାବାଳିକାଙ୍କ ପିତାମାତା ଡାକ୍ତରଖାନାରେ ପହଞ୍ଚି ଭୁଲ୍ ପ୍ଲାଷ୍ଟର୍ ଖୋଲିବାକୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପରାମର୍ଶକ୍ରମେ ଏହି ଦୁଇ ଅଧିକାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ ଦେଇଥିଲେ। ଏ ସମ୍ପର୍କରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସିପୁନ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ତଦନ୍ତ ପାଇଁ ଅନୁରୋଧ କରିଛି।

## TP Northern Odisha Distribution Limited

TPNODL
TP NORTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

Regd. Off: Corp Office, Januganj, Remuna Golei, Balasore, Odisha-756019
CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT) May 16th, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001185 | Purchase Order for Supply of various AB Cables |
| 2 | TPNODL/OT/2026-27/2500001189 | Purchase Order for Construction of a New DT Workshop |

* MSMEs registered in the State of Odisha shall pay tender fee of **Rs. 1,000/- including GST.**
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**

## OFFICE OF THE REGULATED MARKET COMMITTEE, KORAPUT.

At/Po- Koraput,
Dist.:-Koraput (Odisha), PIN- 764020
TENDER CALL NOTICE NO. 1108/ RMC dated: - 13.05.2026
Bid Identification no. 01/ RMC-Koraput /2026-27

***E-procurement notice IFB (Invitation for bids)***

| Sr.No. | Item | Details |
|---|---|---|
| 1 | The Sub-Collector Koraput-cum-Chairman, RMC Koraput invites percentage rate bids in **Single cover system** in ONLINE MODE only for work as detailed below: | |
| 2 | Nature of the work | Construction of different developmental works at 04 Market Yards of RMC Koraput. |
| 3 | No of work | 04 Nos |
| 4 | Bid Cost | Rs 6000.00 online transfer. |
| 5 | Value of Tender | Rs 17.80 to 37.93 lakhs |
| 6 | Class of Contractor | D, C & B Class |
| 7 | Availability of BID Documents in the website | Dt 15.05.2026 to 25.05.2026 |
| 8 | Last date/time of Receipt of bids in the portal | Dt 25.05.2026 up to 5.00 P.M |
| 9 | Date of opening of bid | Dt 28.05.2026 at 11.00 A.M |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any Addendum/Corrigendum/Cancellation of the Tender etc can also be seen in the website:https://tendersorissa.gov.in. | |

**Corrigendum-** Due to technical error in the tender process/ portal, the Tender Call Notice No.1086 Dtd.02.05.2026 is hereby cancelled vide this office Corrigendum Letter No. 1102 Dtd.12.05.2026.

**Sd/- Sub- Collector Koraput-cum chairman**
**Regulated Market Committee, Koraput.**

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

obcc

ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking Works Department)

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨, ଦୂରଭାଷ - ୦୬୭୪- 1400089, CIN U482030 1953500001163
Vikash Bhavan, Nayapalli, Bhubaneswar-751012, Tel: 0674-2390043, Website: www.obcc.in, Email: md@obcc.in; info@obcc.in

No. 36164
File: SMT-2115
Date: 13.05.2026

**NOTICE INVITING TENDER** 34001/205/2627

| | | | |
|---|---|---|---|
| 1. | **Name of Work** | : | Construction of RCC Bridge over river Brahmani near Vedvyas and Beautification of Vedvyas Riverbank, Rourkela. |
| 2. | **Bid Identification No** | : | **12/Tender/OBCC/2026-27** |
| 3. | **Class of Contractor** | : | Special Class & Super Class |
| 4. | **Bid Security Fee/ EMD (In online mode/ In shape of e-Bank Guarantee)** | : | ₹ 48,31,500.00 |
| 5. | **Bid Processing Fee (Online mode only)** | | ₹ 48,315/- (Including GST) |
| 6. | **Date of availability of bid document in e-procurement portal** | : | From Dt.19.05.2026 up to 5:00 PM of Dt.10.06.2026 |
| 7. | **Last Date & Time of receipt of online bid** | : | Up to 5.00 PM on Dt.10.06.2026 |
| 8. | **Last Date of Pre-Bid Queries** | | Till 5:00 PM on Dt.25.05.2026 |
| 9. | **Date & Time for Pre-bid meeting** | | At 11:30 AM on Dt.26.05.2026 (Through Video Conferencing) https://meet.google.com/qwg-acif-uuj |
| 10. | **Date of Bid Opening** | : | At 11:30 AM on Dt.11.06.2026 |
| 11. | **Project Completion Duration** | | 24 (Twenty-Four) Calendar Months |

12. Further details can be seen from the e-Procurement portal https://www.tendersodisha.gov.in.
13. OBCC has the right to accept or reject the Notice / RFP without assigning any reasons thereof.

**Chief Engineer -I**
**OB&CC Ltd**

OIPR-34001/34161/1/26-27/0010

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

24001/119/2627

ସଂଖ୍ୟା RDM-LAC-KNJ-0006-2022- 4998 /R&DM, ତା- 03 FEB 2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝର ଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- **ଶୈଲଙ୍ଗ (ଅତିରିକ୍ତ)**, ଥାନା- ଘଷିପୁରା, ତହସିଲ- **ଘଷିପୁରା**, ଜିଲ୍ଲା-କେନ୍ଦୁଝର ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ଦକ୍ଷିଣ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର ବ୍ୟାରେଜ ଡିଭିଜନ, ଶାଳପଡା, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା. ୧୧୦୦୨ ତା ୦୭.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଶୈଲଙ୍ଗ (ଅତିରିକ୍ତ)**, ଥାନା- ଘଷିପୁରା, ତହସିଲ- **ଘଷିପୁରା,** ଜିଲ୍ଲା-କେନ୍ଦୁଝର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖାର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅଧିସୂଚନା ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ଏହି ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ପରିବର୍ତ୍ତିତ ଭୂମି ଅନୁସୂଚି

| ପ୍ଲଟ ନଂ | ଅଧିସୂଚିତ ରକବା | ପରିବର୍ତ୍ତିତ ରକବା | ମନ୍ତବ୍ୟ |
|---|---|---|---|
| ୧୮୨୪/୬୬୩୦/୭୨୫୬ | ୦.୧୨ | ୦ | ବାଦ୍ ଦିଆଗଲା |
| ୧୮୨୪/୭୦୦୮ | ୦.୦୬ | ୦ | ବାଦ୍ ଦିଆଗଲା |

**ତଫସିଲ- କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: କେନ୍ଦୁଝର ତହସିଲ: - **ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଶୈଲଙ୍ଗ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ ୧.୨୯ | ଏଥି ସହ ସଂଲଗ୍ନ କରାଗଲା |

**ତଫସିଲ- ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା:- କେନ୍ଦୁଝର ତହସିଲ: - **ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ :- ୧୧ /୦୩ /୨୦୨୬ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଦିଗନ୍ତ ରାଉତରାୟ)
ଅତିରିକ୍ତ ଶାସନ ସଚିବ

**LAND SCHEDULE**

Addl. Land Acquisition for Construction of Anandapur Barrage Project (Baitarani Right Bank Canal) of Vill- Sailong (Addl), Tahasil- Ghasipur, Ps.- Ghasipura, Dist.- Keonjhar after withdrawal.
L.A. Case No. LACN/1/10/2022

| କ୍ରମିକ ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ ଜାତି, ବାସସ୍ଥାନ | ପ୍ଲଟ୍ ନମ୍ବର | କିସମ | ରକବା (ଏକର) | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ଆଇଁଠୁ ଚରଣ ସା, ବା: ନିଜଗାଁ, କୁନ୍ତଳା ବଳ, ବା: ନାକଝରୀ, ପି: ନିଶାକର ସା, ଚିତ ସା, ସ୍ୱା: ନିଶାକର ସା, ଜାତି: ଖଣ୍ଡାୟତ, ବା: ନିଜଗାଁ | ୧୮୨୫ | ଶାରଦ-୨ | ୦.୫୩ | ୦.୧୮ |
| ୨ | ୧୩ | ଅର୍ଜୁନ ସାହୁ, ପି: ଗୋପିନାଥ ସାହୁ, ଜା: ତେଲି, ବା ଘଷିପୁରା | ୧୮୪୧ | ଶାରଦ-୨ | ୦.୨୩ | ୦.୧୩ |
| ୩ | ୬୮ | କୃଷ୍ଣ ଚନ୍ଦ୍ର ବଳ, ନରହରି ବଳ, ଚକ୍ରଧର ବଳ, ଦୁଃଶାସନ ବଳ, ପି: ମିଛୁ ବଳ, କାଳିପ୍ରସ୍ନ ବଳ, ପି: କାହ୍ନୁଚରଣ ବଳ, ଦାବୋଦର ବଳ, ରଙ୍ଗାଧର ବଳ, ପି: ହୃଷିକେଶ ବଳ, ଜାତି: ଖଣ୍ଡାୟତ, ବା: ପୁରୁଣିଆ | ୧୮୧୭ | ଶାରଦ-୨ | ୦.୦୯ | ୦.୦୪ |
| ୪ | ୮୪ | ଗାଣ୍ଡୁ ସାହୁ, ପି: ବିଜଳ ସାହୁ, ଜାତି: ତେଲି, ବା: ନିଜଗାଁ | ୧୮୨୮ | ଶାରଦ-୨ | ୦.୧୫ | ୦.୧୫ |
| ୫ | ୨୨୪ | ବଂଶୀଧର ସାହୁ, ପି: ବନେଇ ସାହୁ, ଜାତି: ତେଲି, ବା: ଜଇନପୁରା | ୧୮୩୩ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୮୩୫ | ଶାରଦ-୨ | ୦.୦୫ | ୦.୦୫ |
| ୬ | ୨୫୪ | ବୈଲୋଚନ ସାହୁ, ପି: ବିକଳ ସାହୁ, ଜାତି: ତେଲି, ବା: ନିଜଗାଁ | ୧୮୨୭ | ଶାରଦ-୨ | ୦.୧୬ | ୦.୦୯ |
| ୭ | ୨୭୪ | ମୂଷା ସେଠୀ, ପି: ବୋଧି ସେଠୀ, ଜା: ଧୋବା, ବା: ଘଷିପୁରା | ୧୮୨୩ | ଶାରଦ-୨ | ୦.୪୦ | ୦.୨୨ |
| ୮ | ୩୬୪/୪୧ | ବନମାଳୀ ସାହୁ, ପି: କାଳି ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୧୫ | ଶାରଦ-୨ | ୦.୦୩ | ୦.୦୩ |
| | | | ୧୮୧୬ | ଶାରଦ-୨ | ୦.୦୬ | ୦.୦୬ |
| | | | ୧୮୧୮ | ଶାରଦ-୨ | ୦.୦୪୧ | ୦.୦୧ |
| ୯ | ୩୬୪/୪୯ | ପୁରନ୍ଦର ସାହୁ, ପି: ଗଣି ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୩୧ | ଶାରଦ-୨ | ୦.୧୬ | ୦.୧୧ |
| | | | ୧୮୩୪ | ଶାରଦ-୨ | ୦.୦୪ | ୦.୦୪ |
| | | | ୧୮୩୭ | ଶାରଦ-୨ | ୦.୦୫ | ୦.୦୧ |
| ୧୦ | ୩୬୪/୧୦୭ | ଯତୁନାଥ ସାହୁ, ପି: ବନମାଳୀ ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୩୧ | ଶାରଦ-୨ | ୦.୦୨ | ୦.୦୨ |
| | | | ୧୮୩୬ | ଶାରଦ-୨ | ୦.୦୪ | ୦.୦୪ |
| ୧୧ | ୩୬୪/୪୭୫ | ଅଜୟ କୁମାର ସାହୁ, ଅକ୍ଷୟ କୁମାର ସାହୁ, ଅଜୟ କୁମାର ସାହୁ, ପି: ନାରାୟଣ ସାହୁ, ଜାତି: ତେଲି, ବା: ମୁରାବାଲି | ୧୮୨୪ | ଶାରଦ-୨ | ୦.୧୭ | ୦.୦୫ |
| ୧୨ | ୩୬୪/୬୪୩ | ମାଧବନନ୍ଦ ସାହୁ, ପି: ଶ୍ୟାମସୁନ୍ଦର ସାହୁ, ଜା: ତେଲି, ବା: କଏନପୁରା | ୧୭୦୪/୭୨୦୯ | ଶାରଦ-୨ | ୦.୦୫ | ୦.୦୫ |
| | | | | ମୋଟ ରକବା ଏ | ୧.୨୯ | ୦.୦୫ |

LA, Amin — REVENUE INSPECTOR — Special Land Acquisition Officer, ABP, Salapada, Keonjhar

OIPR-24001/24001/3/26-27/0024

## ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

24001/112/2627

**No. RDM-LAA-BLS-0001-2026- 5413 /R&DM, dated 05.02.2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା - କାହାଳିଆ(ଅତିରିକ୍ତ), ଥାନା-ନୀଳଗିରି, ସଂଖ୍ୟା-୬୯, ତହସିଲ- ନୀଳଗିରି, ଜିଲ୍ଲା- ବାଲେଶ୍ୱର ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୧୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଜଳସେଚନ ପ୍ରକଳ୍ପ ।
୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧକ୍ଷଣ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ ।
୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରିବା । ସାର୍ବଜନୀନ
୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ନୀଳଗିରି (ପ୍ରଯୁଜ୍ୟ ନୁହେଁ) ।
୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | କାହାଳିଆ (ଅତିରିକ୍ତ) | ସହରାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ ୦.୧୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅନସ୍ଥ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ଖନନ କାର୍ଯ୍ୟ ନିମନ୍ତେ ଅତିରିକ୍ତ ଜମି ଅଧିଗ୍ରହଣ । ଗ୍ରାମ-କାହାଳିଆ (ଅତିରିକ୍ତ), ଥାନା-ନୀଳଗିରି, ଥାନା ନଂ-୬୯, ତହସିଲ- ନୀଳଗିରି, ଜିଲ୍ଲା-ବାଲେଶ୍ୱର, L.A.Case No.୦୧/୨୦୨୫

| କ୍ର:ନଂ | ଖାତା ନଂ | ଜମି ମାଲିକଙ୍କ ନାମ-ଜାତି ଓ ବାସସ୍ଥାନ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା(ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୬୮୮/୧୨୦୮ | ଦିନେଶ ଦେବେନ ବିଶ୍ୱାଳ, ଦେବଶ୍ରୀ ବିଶ୍ୱାଳ, ପି:- ଭାସ୍କର ଚନ୍ଦ୍ର ବିଶ୍ୱାଳ, ଚକ୍ରଧର ବିଶ୍ୱାଳ, ପି:- ଗଦାଧର ବିଶ୍ୱାଳ, ଜା:- ଖଣ୍ଡାୟତ, ବା:- କାହାଳିଆ | ୯୭୭ | ଶାରଦ ଦୁଇ/୬ | ୦.୬୪ | ୦.୧୫ |
| | | | | ମୋଟ | ୦.୬୪ | ୦.୧୫ |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ )
ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0017

## ଆକାଶ ସିଂଙ୍କ ଘାତକ ବୋଲିଂ, ମିଚେଲ ମାର୍ଶଙ୍କ ବିସ୍ଫୋରକ ଅର୍ଦ୍ଧଶତକ

# ଲକ୍ଷ୍ନୌଠାରୁ ହାରି ପ୍ଲେ ଅଫ୍ ଆଶଙ୍କାରେ ସିଏସ୍‌କେ



**ଲକ୍ଷ୍ନୌ,୧୫ା୫(ଏଜେନ୍ସି):** ଆକାଶ ସିଂ (୩/୨୬)ଙ୍କ ଘାତକ ବୋଲିଂ ଓ ମିଚେଲ ମାର୍ଶ (୩୮ ବଲ୍‌ରେ ୯୦ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲର ୫୯ତମ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲ୍‌ଏସ୍‌ଜି) ୭ ୱିକେଟରେ ସିଏସ୍‌କେ (ଚେନ୍ନଇ ସୁପର କିଙ୍ଗ୍‌ସ)କୁ ପରାସ୍ତ କରିଛି। ଏହା ଫଳରେ ୧୨ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇଥିବା ସିଏସ୍‌କେ ଏବେ ପ୍ଲେ ଅପ୍ ପ୍ରବେଶ ନେଇ ଆଶଙ୍କା ମଧ୍ୟକୁ ଚାଲିଯାଇଛି। ଦଳର ଆଉ ୨ଟି ଲିଗ୍ ମ୍ୟାଚ୍ ବାକି ଅଛି ଓ ଉଭୟ ମ୍ୟାଚ୍‌ରେ ବିଜୟୀ ହେବା ସହ ଅନ୍ୟ ଶୀର୍ଷ ଦଳର ପ୍ରଦର୍ଶନ ଉପରେ ସିଏସ୍‌କେର ପ୍ଲେ ଅଫ୍ ପ୍ରବେଶ ଝୁଲି ରହିଛି। ଅନ୍ୟପକ୍ଷରେ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିଥିବା ଏଲଏସ୍‌ଜି ୧୨ତମ ମ୍ୟାଚ୍‌ରେ ୪ର୍ଥ ବିଜୟ ହାସଲ କରିଥିଲେ ମଧ୍ୟ ପଏଣ୍ଟ ଟେବୁଲର ଶେଷସ୍ଥାନରେ ରହିଛି।



| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| କୋଲକାତା ବନାମ ଗୁଜରାଟ |
| ଭେନ୍ୟୁ-କୋଲକାତା |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

ଏହି ମ୍ୟାଚ୍‌ରେ ଯୁବ ଖେଳାଳି କାର୍ତ୍ତିକ ଶର୍ମା ଓ ଡିୱାଲ୍ଡ ବ୍ରେଭିସ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ପ୍ରଥମେ ବ୍ୟାଟିଂ କରି ସିଏସ୍‌କେ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ କରିଥିଲା ୧୮୭ ରନ୍। ଜବାବରେ ୧୮୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଏଲ୍‌ଏସ୍‌ଜି ୧୬.୪ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମିଚେଲ ମାର୍ଶ ଓ ଜୋଶ ଇଂଲିଶ ପ୍ରଥମ ୱିକେଟରୁ ୭୦ ବଲ୍‌ରେ ୧୩୫ ରନ୍ ଉଠାଇ ବିଜର ମୂଳଦୁଆ ପକାଇଥିଲେ। ଏହି ସମୟରେ ଇଂଲିଶ ୩୨ ବଲ୍‌ରେ ୩୬ ଓ ମାର୍ଶ ୩୮ ବଲ୍‌ରେ ୯ଚୌକା ଓ ୭ଛକା ସହ ୯୦ ରନ୍‌ରେ ଆଉଟ ହୋଇଯାଇଥିଲେ। ଏମାନଙ୍କ ପରେ ଅବଦୁଲ ସମଦ ମଧ୍ୟ ପାଭିଲିଅନ ଫେରିଥିଲେ। ଫଳରେ ୯ ରନ୍ ମଧ୍ୟରେ ସିଏସକେ ୩ଟି ୱିକେଟ ହରାଇ ମ୍ୟାଚ୍‌କୁ ଫେରିଥିଲା। କିନ୍ତୁ ନିକୋଲସ ପୂରନ ଓ ମୁକୁଲ ଚୌଧୁରୀ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅବିଭକ୍ତ ୪ର୍ଥ ୱିକେଟରୁ ୨୦ ବଲ୍‌ରେ ୪୪ ରନ୍ ଉଠାଇବା ଫଳରେ ଏଲଏସ୍‌ଜି ଆଉ ୨୦ଟି ବଲ ଓ ୭ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ପୂରନ ୧୭ବଲ୍‌ରୁ ୧ ଚୌକା ଓ ୪ଛକା ସହ ୩୨ ଏବଂ ମୁକୁଲ ୧୦ବଲ୍‌ରୁ ୨ ଚୌକା ସହ ୧୩ ରନ୍‌ରେ ଅପରାଜିତ ରହିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ସିଏସ୍‌କେ ଆକାଶ ସିଂଙ୍କ ବୋଲିଂର ମୁକାବିଲା କରି ନ ପାରି ୫୨ ରନ୍‌ରେ ୩ଟି ୱିକେଟ ହରାଇଥିଲା। ଆକାଶ ପ୍ରତିପକ୍ଷ ଦଳର ପ୍ରଥମ ୩ଟିଯାକ ୱିକେଟ ଅକ୍ତିଆର କରିଥିଲେ। ସେମାନଙ୍କ ମଧ୍ୟରୁ ଋତୁରାଜ ଗାଏକ୍‌ୱାଡ (୧୩), ଉର୍ଭିଲ ପଟେଲ (୬) ଓ ନିର୍ଭରଯୋଗ୍ୟ ସଞ୍ଜୁ ସାମସନ ୨୦ ରନ୍ କରିଥିଲେ। ଏହା ପରେ ଚତୁର୍ଥ ୱିକେଟ ପାର୍ଟନରସିପ୍‌ରେ କାର୍ତ୍ତିକ ଓ ଡିୱାଲ୍ଡ ଉତ୍ତମ ବୁଝାମଣା ଓ ସମନ୍ୱୟ ରକ୍ଷା କରି ୪୪ ବଲ୍‌ରୁ ୭୦ ରନ୍ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିବା ପରେ ଲାଗ ଲାଗ ଆଉଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଡିୱାଲ୍ଡ ବ୍ରେଭିସ୍ ୧୬ ବଲ୍‌ରୁ ୨ ଛକା ସହ ୨୫ ଓ କାର୍ତ୍ତିକ ୪୨ବଲ୍‌ରୁ ୬ଚୌକା ଓ ୫ଛକା ସହ ସର୍ବାଧିକ ୭୧ ରନ କରିଥିଲେ। ଏମାନଙ୍କ ପରେ ୬ଷ୍ଠ ୱିକେଟରେ ଶିବମ ଦୁବେ ଓ ପ୍ରଶାନ୍ତ ବୀର ୨୪ବଲ୍‌ରୁ ୪୫ ରନ୍ ଉଠାଇଥିଲେ। ଦୁବେ ୧୬ବଲ୍‌ରେ ୩ ଚୌକା ଓ ୨ଛକା ସହ ୨୩ ଓ ବୀର ୧୦ ବଲ୍‌ରେ ୧୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ଆର୍‌ସିବି | ୧୨ | ୮ | ୪ | ୦ | ୧୬ | +୧.୦୫୩ |
| ଗୁଜରାଟ | ୧୨ | ୮ | ୪ | ୦ | ୧୬ | +୦.୫୫୧ |
| ହାଇଦରାବାଦ | ୧୨ | ୭ | ୫ | ୦ | ୧୪ | +୦.୩୩୧ |
| ପଞ୍ଜାବ | ୧୨ | ୬ | ୫ | ୧ | ୧୩ | +୦.୩୫୫ |
| ରାଜସ୍ଥାନ | ୧୧ | ୬ | ୫ | ୦ | ୧୨ | +୦.୦୮୨ |
| ଚେନ୍ନଇ | ୧୨ | ୬ | ୬ | ୦ | ୧୨ | +୦.୦୨୭ |
| ଦିଲ୍ଲୀ | ୧୨ | ୫ | ୭ | ୦ | ୧୦ | -୦.୯୯୩ |
| କୋଲକାତା | ୧୧ | ୪ | ୬ | ୧ | ୯ | -୦.୧୯୮ |
| ମୁମ୍ବଇ (ଏ) | ୧୨ | ୪ | ୮ | ୦ | ୮ | -୦.୫୦୪ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ସଂକ୍ଷିପ୍ତ ସ୍କୋର

**ଚେନ୍ନଇ ସୁପର କିଙ୍ଗ୍‌ସ:** ୧୮୭/୫, ୨୦ ଓଭର (କାର୍ତ୍ତିକ-୭୧, ଶିବମ ଦୁବେ-୩୨*, ଡିୱାଲ୍ଡ ବ୍ରେଭିସ୍-୨୫, ଆକାଶ ମହାରାଜ ସିଂ-୩/୨୬)।
**ଲକ୍ଷ୍ନୌ ସୁପର ଜାଏଣ୍ଟସ:** ୧୮୮/୩, ୧୬.୪ ଓଭର (ମାର୍ଶ-୯୦, ଜୋଶ ଇଂଲିଶ-୩୬, ପୁରନ୍- ୩୨*, ମୁକୁଲ-୧୩*, ମୁକେଶ-୧/୧୭, ସ୍ପେନ୍‌ସର-୧/୩୯)।

## ଖଲୀଲଙ୍କ ସ୍ଥାନରେ କୁଲଦୀପ, ଥୁସାରାଙ୍କ ସ୍ଥାନରେ ଗ୍ଲୀସନ

**ନୂଆଦିଲ୍ଲୀ,୧୫ା୫(ଏଜେନ୍ସି):** ଆଇପିଏଲ୍ ଶେଷ ହେବା ଯେତେ ନିକଟତର ହେଉଛି ଖେଳାଳିଙ୍କ ଆହତ ସମସ୍ୟା ସେତେ ବୃଦ୍ଧି ପାଉଛି। ଏହା ମଧ୍ୟରେ ଆହତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିବା ଦୁଇ ଖେଳାଳିଙ୍କ ବଦଳ ଖେଳାଳି ଚିହ୍ନଟ ହୋଇଛି। ଦଳରୁ ବାଦ୍ ପଡ଼ିଥିବା ସିଏସ୍‌କେର ଫାଷ୍ଟ ବୋଲର ଖଲୀଲ ଅହମ୍ମଦ୍‌ଙ୍କ ସ୍ଥାନରେ କୁଲଦୀପ ଯାଦବଙ୍କୁ ୩୦ ଲକ୍ଷ ଟଙ୍କାରେ ଦଳ ସାମିଲ କରିଛି। ସେହିପରି ନୁୱାନ ଥୁଷାରାଙ୍କ ସ୍ଥାନରେ ଇଂଲଣ୍ଡର ରିଚାର୍ଡ ଗ୍ଲୀସନଙ୍କୁ ଆର୍‌ସିବି ୧.୬ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ କରିଛି। ଏମାନେ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ସମୟ ଲାଗି ଦଳ ପକ୍ଷରୁ ଖେଳିବେ। ଉଭୟ ଖେଳାଳି ପୂର୍ବରୁ ଆଇପିଏଲ୍‌ରେ ଖେଳିବାର ଅଭିଜ୍ଞତା ରଖିଛନ୍ତି।

## କେକେଆର୍ ଛାଡ଼ିଲେ ରାଚିନ ରବୀନ୍ଦ୍ର



**କୋଲକାତା,୧୫ା୫(ଏଜେନ୍ସି):** ଇଂଲଣ୍ଡ ବିପକ୍ଷ ଟେଷ୍ଟ ଟୁର୍ ଲାଗି ନ୍ୟୁଜିଲାଣ୍ଡର ଭାରତୀୟ ବଂଶୋଦ୍ଭବ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର କେକେଆର୍ ଟିମ୍ ଛାଡ଼ିଛନ୍ତି। ଗତ ଆଇପିଏଲ୍ ନିଲାମିରେ କେକେଆର୍ ତାଙ୍କୁ ତାଙ୍କ ମୂଳ ମୂଲ୍ୟ ୨କୋଟି ଟଙ୍କାରେ କିଣିଥିଲା। କିନ୍ତୁ ସେ ଆରମ୍ଭରୁ ଦଳ ସହ ଥିଲେ ମଧ୍ୟ କେକେଆର୍ ପକ୍ଷରୁ ଗୋଟିଏ ହେଲେ ମ୍ୟାଚ୍ ଖେଳି ନ ଥିଲେ। ଆଇପିଏଲ୍ ପ୍ଲେ ଅଫ୍‌ରେ ପ୍ରବେଶ କରିବାର ସାମାନ୍ୟ ଆଶା ଥିବା କେକେଆର୍ ତାହାର ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଗୁଜରାଟ ଟାଇଟାନ୍ସ ସହ ଶନିବାର ଖେଳିବ।

## ଇଶାନ୍‌ଙ୍କୁ ୧ କୋଟି ଟଙ୍କା




**ପାଟନା, ୧୫ା୫ (ଏଜେନ୍ସି):** ଭାରତୀୟ ଦଳର ବିସ୍ଫୋରକ ବ୍ୟାଟର୍ ଇଶାନ କିଶାନ ଶୁକ୍ରବାର ବିହାରର ନୂଆ ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସମ୍ରାଟ ଏକ କୋଟି ଟଙ୍କାର ଚେକ୍ ପାଟନାର ତାରକା ଇଶାନଙ୍କୁ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ଭାରତକୁ ରେକର୍ଡ ୩ୟଥର ଲାଗି ଆଇସିସି ଟି-୨୦ ବିଶ୍ୱକପ୍ ଚାମ୍ପିଅନ କରାଇବାରେ ଇଶାନଙ୍କ ଉଲ୍ଲେଖନୀୟ ଅବଦାନ ରହିଥିଲା। ଏହି ଅବଦାନ ଲାଗି ବିହାର ସରକାର ଇଶାନଙ୍କୁ ପୁରସ୍କୃତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ବିହାରର ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତ, ଇଶାନଙ୍କ ନିକଟତମ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ ନୱାଡା ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଏବଂ ପାଟନାରେ ଶୈଶବ ବିତାଇଥିବା ଇଶାନ ଗତ ଟି-୨୦ ବିଶ୍ୱକପରେ ୯ ଟି ମ୍ୟାଚରୁ ୩୫.୨୨ ହାରରେ ୩୧୭ ରନ ସଂଗ୍ରହ କରିଥିଲେ।

## ନେତୃତ୍ୱ ନେବା ଲାଗି ସାମ୍‌ସନ୍ ଶ୍ରେଷ୍ଠ



**ନୂଆଦିଲ୍ଲୀ,୧୫ା୫(ଏଜେନ୍ସି):** ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ଏଥର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ୨୦୨୮ରେ ପରବର୍ତ୍ତୀ ବିଶ୍ୱକପ୍ ହେବାକୁ ଯାଉଛି। ଏହା ଆରମ୍ଭ ହେଲାବେଳକୁ ସୂର୍ଯ୍ୟକୁମାରଙ୍କ ବୟସ ୩୭ ହୋଇଥିବ। ଏଣୁ ଏବେଠାରୁ ଭାରତୀୟ ଚୟନକର୍ତ୍ତା ଜଣେ ନୂଆ ଅଧିନାୟକ ଖୋଜିବା ଆରମ୍ଭ କରିଦେଇଛନ୍ତି। ଏହି ସ୍ଥାନ ଲାଗି ଗତଥର ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିବା ସଞ୍ଜୁ ସାମସନ ଶ୍ରେଷ୍ଠ ବୋଲି ପୂର୍ବତନ କୋଚ୍ ତଥା ଭାଷ୍ୟକାର ରବି ଶାସ୍ତ୍ରୀ କହିଛନ୍ତି। ୩୧ ବର୍ଷିୟ ସାମସନଙ୍କର ନେତୃତ୍ୱ ନେବାର ବେଶ ଅଭିଜ୍ଞତା ରହିଛି ଓ ସେ ଏବେ ହଟ ଫର୍ମରେ ରହିଛନ୍ତି। ଭାରତର ନେତୃତ୍ୱ ନେବା ଲାଗି ସେ ଏବେ ଶ୍ରେଷ୍ଠ ଖେଳାଳି ବୋଲି ଶାସ୍ତ୍ରୀ ମତ ଦେଇଛନ୍ତି।

## ୧୫ ବଲ୍‌ରେ ସାନାଙ୍କ ରେକର୍ଡ ଅର୍ଦ୍ଧଶତକ

**କରାଚି, ୧୫ା୫ (ଏଜେନ୍ସି):** ପାକିସ୍ତାନ ମହିଳା କ୍ରିକେଟ୍ ଦଳର ଅଧିନାୟିକା ଫାତିମା ସାନା ଶୁକ୍ରବାର ବିଶ୍ୱରେକର୍ଡ କରିଛନ୍ତି। ଅନ୍ତର୍ଜାତୀୟ ମହିଳା ଟି-୨୦ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି ଫାତିମା। ଜିମ୍ବାୱେ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ଫାତିମା ୧୫ଟି ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଫଳରେ ପାକିସ୍ତାନ ଏହି ମ୍ୟାଚକୁ ୧୩୩ ରନର ବିରାଟ ବ୍ୟବଧାନରେ ବିଜୟୀ ହୋଇଥିଲା। ପୂର୍ବରୁ ଦ୍ରୁତତମ ଅର୍ଦ୍ଧଶତକ ନ୍ୟୁଜିଲାଣ୍ଡର ଦୁଇ ବ୍ୟାଟର୍ ସୋଫି ଡିଭାଇନ ଓ ଫୋଏବ ଲିଚଫିଲ୍ଡଙ୍କ ନାମରେ ରହିଥିଲା। ଉଭୟ ୧୮ ଟି ଲେଖାଏ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ।

## ରୁଷ୍ ଓ ବେଲାରୁଷ୍ ଉପରୁ କଟକଣା ଉଠିଲା

**ମସ୍କୋ,୧୫ା୫(ଏଜେନ୍ସି):** ରୁଷ ଓ ବେଲାରୁଷର କୁସ୍ତିଯୋଦ୍ଧାଙ୍କ ଉପରୁ କଟକଣା ଉଠାଇଦେଇଛି ୟୁନାଇଟେଡ ୱାର୍ଲ୍ଡ ରେସଲିଂ। ଏହା ଫଳରେ ଉଭୟ ଦେଶର କୁସ୍ତିଯୋଦ୍ଧାମାନେ ଏବେ ନିଜ ଦେଶର ବ୍ୟାନରରେ ସମସ୍ତ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ମାର୍ଚ୍ଚ ୨୦୨୨ରେ ଉଭୟ ଦେଶର ପ୍ରତିଯୋଗୀଙ୍କୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ କଟକଣା ଲଗାଯାଇଥିଲା। ଏବେ ଏହି କଟକଣା ଉଠାଇ ଦିଆଯାଇଛି ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂର ସଭାପତି ନେନାଦ ଲାଲୋଭିଚ୍ କହିଛନ୍ତି।

## ୪୫ ବର୍ଷରେ ଖେଳିବେ ଭେନସ

**ପ୍ୟାରିସ୍,୧୫ା୫(ଏଜେନ୍ସି):** ଆମେରିକାର ବରିଷ୍ଠ ଖେଳାଳି ଭେନସ ୱିଲିୟମ୍ସ ମେ ୨୪ରୁ ଆରମ୍ଭ ହେବାକୁ ଯାଉଥିବା ଫ୍ରେଞ୍ଚ ଓପନ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ଡବଲ୍ସରେ ଭାଗନେବେ। ଏହି ସମୟରେ ତାଙ୍କୁ ୪୫ବର୍ଷ ହୋଇଥିବ ଓ ସେ ତାଙ୍କଠାରୁ ୨୧ ବର୍ଷ କମ୍ ବୟସର ଖେଳାଳି ହେଲି ବାପ୍ଟିଷ୍ଟଙ୍କୁ ପାର୍ଟନର କରିବେ। ଏଠାରେ ସେ ମହିଳା ସିଙ୍ଗଲ୍ସରେ ଖେଳିବେ ନାହିଁ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଭେନସ ପୂର୍ବରୁ ନଂ-୧ ଖେଳାଳି ରହିଥିଲେ। ସେ ତାଙ୍କ କ୍ୟାରିୟରରେ ୭ଥର ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିଲେ। ଶେଷଥର ଲାଗି ୨୦୦୨ ଫ୍ରେଞ୍ଚ ଓପନର ସିଙ୍ଗଲ୍ସ ଫାଇନାଲରେ ସାନ ଭଉଣୀ ସେରେନାଙ୍କଠାରୁ ଭେନସ ପରାଜିତ ହୋଇଥିଲେ। ସେରେନାଙ୍କୁ ପାର୍ଟନର କରି ଭେନସ ୧୯୯୯ ଓ ୨୦୧୦ରେ ଡବଲ୍ସ ଟାଇଟଲ ଜିତିଥିଲେ।



## ୨୦୨୭ ବିଶ୍ୱକପ୍ ଲାଗି ଯୋଜନା

# ଖେଳିବାକୁ ସର୍ତ୍ତ ରଖିଲେ ବିରାଟ

**ବେଙ୍ଗାଲୁରୁ,୧୫ା୫(ଏଜେନ୍ସି)**



ଦିନିକିଆ ବିଶ୍ୱକପ୍‌ର ୨୦୨୭ ସଂସ୍କରଣ ଖେଳିବା ଲାଗି ମୁଁ ଭୋକିଲା ରହିଛି। କିନ୍ତୁ ଭାରତୀୟ ବ୍ୟବସ୍ଥା ଚାହିଁଲେ ଏବଂ ଉପଯୁକ୍ତ ସମ୍ମାନ ମିଳିଲେ ମୁଁ ଏହି ବିଶ୍ୱକପ୍‌ରେ ଖେଳିବାକୁ ଯିବି ବୋଲି ଭାରତୀୟ କ୍ରିକେଟର କିଂବଦନ୍ତୀ ବ୍ୟାଟର ବିରାଟ କୋହଲି କହିଛନ୍ତି। ବେଙ୍ଗାଲୁରୁ ଟିମ୍‌ର ପୋଡକାଷ୍ଟରେ ସେ କହିଛନ୍ତି, ଦଳରେ ମୋତେ ସ୍ଥାନ ମିଳିବ ବୋଲି ବାରମ୍ବାର ପରୀକ୍ଷା ଦେବାକୁ ମୋର ଆଦୌ ଆଗ୍ରହ ନାହିଁ। ବିଶ୍ୱକପ୍ ହେଉ କିମ୍ବା ଆଇପିଏଲ୍ ମୁଁ ସର୍ବଦା ଖେଳିବାକୁ ପ୍ରସ୍ତୁତ ରହିଛି। କ୍ରିକେଟ ଖେଳ ମୋ ଦୈନନ୍ଦିନ ଜୀବନର ସହ ଜଡିତ। ଖେଳସୂଚୀ ଥାଉ କି ନ ଥାଉ ମୁଁ ସର୍ବଦା ମ୍ୟାଚ୍ ଖେଳିବା ଲାଗି ନିଜକୁ ପ୍ରସ୍ତୁତ କରି ରଖିଥାଏ। ଏଣୁ ମୋତେ ପ୍ରମାଣ କରିବାର ଆବଶ୍ୟକତା ନାହିଁ ବୋଲି କୋହଲି କହିଛନ୍ତି।

କୋହଲି ୨୦୨୪ରେ ଟି-୨୦ ଅନ୍ତର୍ଜାତୀୟ ଓ ୨୦୨୫ରେ ଟେଷ୍ଟ ମ୍ୟାଚ୍‌ରେ ଅବସର ନେଇଛନ୍ତି। ଏବେ ସେ ଅନ୍ତର୍ଜାତୀୟସ୍ତରରେ କେବଳ ଦିନିକିଆ ମ୍ୟାଚ୍ ଖେଳୁଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ସେ ଖେଳିବେ କି ନାହିଁ ବୋଲି ଚର୍ଚ୍ଚ ଚାଲିଛି। ଏ ସମ୍ପର୍କରେ କୋହଲି କହିଛନ୍ତି, ଏହାର ଉତ୍ତର ମୋ ନିକଟରେ ରହିଛି। ମୋତେ ଭାରତୀୟ ସେଟ୍‌ଅପରେ ଆବଶ୍ୟକ ପଡ଼ିଲେ ସମ୍ମାନର ସହ ଖେଳିବି। କିନ୍ତୁ ମୋର ଦକ୍ଷତା ଓ ଫିଟ୍‌ନେସ ଉପରେ ପ୍ରଶ୍ନ ଉଠାଇଲେ କିମ୍ବା ଏଥିଲାଗି ବାରମ୍ବାର ପରୀକ୍ଷା ଦେବାକୁ ହେଲେ ମୁଁ ଏହି ଦୌଡ଼ରୁ ଓହରିଯିବି ବୋଲି କହିଛନ୍ତି। ପରୋକ୍ଷରେ ସେ ବିସିସିଆଇ, ସିଲେକ୍ସନ କମିଟି ଓ ଟିମ୍ ମ୍ୟାନେଜ୍‌ମେଣ୍ଟରେ ତାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ସୂଚନା ଦେଇଛନ୍ତି। ଏହି ସଂସ୍ଥା ଓ ଖେଳାଳିଙ୍କ ମଧ୍ୟରେ ବିଶ୍ୱାସ ରହିବା ଉଚିତ। ଦଳରେ ମୋର ଉପସ୍ଥିତିକୁ ନେଇ ପ୍ରଶ୍ନ ଉଠିଲେ ମୋର ଖେଳିବା କଷ୍ଟକର ହୋଇ ପଡ଼ିବ। ଏଣୁ ମୁଁ ଏଥିରୁ ଓହରିଯିବି ବୋଲି ସେ କହିଛନ୍ତି। ଭାରତ ପକ୍ଷରୁ କୋହଲି ୩୧୧ଟି ଦିନିକିଆ ମ୍ୟାଚ୍ ଖେଳି ୫୮.୭୧ ହାରରେ ୧୪,୭୯୭ ରନ୍ କରିଛନ୍ତି। ଏହା ମଧ୍ୟରେ ୫୪ଟି ଶତକ ଓ ୭୭ଟି ଅର୍ଦ୍ଧଶତକ ରହିଛି।

## ବେକ୍‌ହାମ ବ୍ରିଟେନ୍‌ର ପ୍ରଥମ ଅରବପତି ଖେଳାଳି



**ଲଣ୍ଡନ,୧୫ା୫(ଏଜେନ୍ସି):** ଇଂଲଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପୂର୍ବତନ ଫୁଟବଲ ଖେଳାଳି ଡେଭିଡ୍ ବେକ୍‌ହାମ୍ ବ୍ରିଟେନର ପ୍ରଥମ ଅରବପତି ବା ବିଲେନେୟାର ଖେଳାଳି ହୋଇଛନ୍ତି। ବ୍ରିଟେନ୍‌ର ସନ୍‌ଡେ ଟାଇମ୍ସ ପକ୍ଷରୁ ପ୍ରକାଶିତ ଧନୀ ତାଲିକାରେ ବେକ୍‌ହାମ୍‌ଙ୍କ ମୋଟ ସମ୍ପତିର ମୂଲ୍ୟ ୧.୧୮୫ ପାଉଣ୍ଡ ବିଲିଅନ ବା ୧.୫୮୩ ବିଲିଅନ ଡଲାର ବୋଲି ଉଲ୍ଲେଖ କରିଛି। ତେବେ ବ୍ରିଟେନର ଧନୀ କ୍ରୀଡ଼ାବ୍ୟକ୍ତିତ୍ୱ ତାଲିକାରେ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଫର୍ମୁଲା ୱାନ୍‌ର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ବର୍ଣ୍ଣି ଇକ୍ଲେଷ୍ଟୋନ୍‌ଙ୍କ ସମ୍ପତି ମୂଲ୍ୟ ୨ ନିୟୁତ ପାଉଣ୍ଡ ବିଲିଅନ ରହିଛି। ସେ ନମ୍ବର ୱାନ୍ ସ୍ଥାନରେ ରହିଛନ୍ତି। ୨୦୧୩ରେ ଫୁଟବଲ ଖେଳରୁ ଅବସର ନେଇଥିବା ବେକ୍‌ହାମ୍ ଏବେ ଇଣ୍ଟର ମିଆମିର ସହ ମାଲିକ ରହିଛନ୍ତି। ମେଜର ଲିଗ୍ ସକ୍କରରେ ଏହି କ୍ଲବ୍‌କୁ ବିଶ୍ୱର ଅନ୍ୟତମ ଧନୀ ଫୁଟବଲ କ୍ଲବ୍ ମଧ୍ୟରେ ଗଣାଯାଉଛି। ସେ ଏବେ ମଧ୍ୟ ଆଡିଡାସ ଓ ହୁଗୋ ବସ୍‌ର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି।

ବେକହାମ୍‌ଙ୍କ ସହ ଧନୀ ତାଲିକାରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଲୁଇସ ହାମିଲଟନ (୪୩୫ ମିଲିଅନ୍ ପାଉଣ୍ଡ-୫ମ), ମାଷ୍ଟର୍ସ ଗଲ୍ଫ ଚାମ୍ପିଅନ ରୋରି ମ୍ୟାକ୍‌ଲୋରୀ (୩୨୫ ମିଲିଅନ ପାଉଣ୍ଡ-୭ମ), ବକ୍ସର ଆନ୍ଥୋନୀ ଜୋଶୁଆ (୨୪୦ ମିଲିଅନ ପାଉଣ୍ଡ -୮ମ), ହେଭିୱେଟ୍ ବକ୍ସର ଟାଇସନ ଫ୍ୟୁରୀ (୧୬୨ ମିଲିଅନ ପାଉଣ୍ଡ-୯ମ), ଫୁଟବଲ ଖେଳାଳି ହ୍ୟାରୀ କେନ୍ ଓ ଟେନିସ ଖେଳାଳି ଆଣ୍ଡି ମୁରେ (୧୧୦ ମିଲିଅନ ପାଉଣ୍ଡ- ଯୁଗ୍ମ ୧୦ମ) ରହିଛନ୍ତି। ଏହି ତାଲିକାରେ ଜଣେ ହେଲେ କ୍ରିକେଟ ଖେଳାଳି ନାହାନ୍ତି।

## ପୋଲାର୍ଡଙ୍କୁ ଜରିମାନା

**ଧର୍ମଶାଳା, ୧୫ା୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ଏକ ରୋମାଞ୍ଚକ ମ୍ୟାଚରେ ଗୁରୁବାର ମୁମ୍ବଇ ଇଣ୍ଡିଆନ୍ସ ୪ ୱିକେଟରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଏହି ସାନ୍ତ୍ୱନାମୂଳକ ବିଜୟ ପରେ ଦଳର କୋଚ୍ କାଇରନ ପୋଲାର୍ଡଙ୍କୁ ଏକ ବଡ଼ ଝଟକା ଲାଗିଛି। ଆଇପିଏଲ୍‌ର ଆଚରଣ ସଂହିତା ଉଲ୍ଲଂଘନ ଲାଗି ବିସିସିଆଇ ପୋଲାର୍ଡଙ୍କୁ ଜରିମାନା ଲଗାଇଛି। ପୋଲାର୍ଡଙ୍କୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏଥିସହ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମଧ୍ୟ ମିଳିଛି। ପଞ୍ଜାବ ଇନିଂସର ୧୯ତମ ଓଭରରେ ପୋଲାର୍ଡ ଚତୁର୍ଥ ଅମ୍ପାୟାରଙ୍କ ବିରୋଧରେ ଅପମାନଜନକ ଭାଷା ବ୍ୟବହାର କରିଥିଲେ।

## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ

# ସ୍ୱସ୍ତିକଙ୍କୁ ୭ ୱିକେଟ୍

**ଭୁବନେଶ୍ୱର, ୧୫ା୫ (ସମିସ)**







ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍‌ର ୪ର୍ଥ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳରେ ୩ଟି ଉଲ୍ଲେଖନୀୟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଭୁବନେଶ୍ୱର-ବି'ର ସ୍ୱସ୍ତିକ ଘୋଷାଲ ୭ ୱିକେଟ୍ ହାସଲ କରିଥିବାବେଳେ ସମ୍ବଲପୁର-ଏ'ର ବରୁଣ ନାଗ ଓ କେନ୍ଦ୍ରାପଡ଼ାର ଅମନ ଦାସ ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଛନ୍ତି।

ରେଭେନସା ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ୭୪ ରନରେ ଗଜପତିକୁ, ବିଡ଼ାନାସୀ ଗ୍ରାଉଣ୍ଡରେ ନୟାଗଡ଼ ୩ ୱିକେଟରେ ପାରାଦୀପକୁ, ସମ୍ବଲପୁର-ଏ ୩୩ ରନରେ କଳାହାଣ୍ଡିକୁ, ସୁନ୍ଦରଗଡ଼ ୬ ୱିକେଟରେ ନବରଙ୍ଗପୁରକୁ, କେନ୍ଦ୍ରାପଡ଼ା ୧୩୯ ରନରେ ସମ୍ବଲପୁର-ବି'କୁ, କନ୍ଧମାଳ ୧ ୱିକେଟରେ ବୌଦ୍ଧକୁ, କଟକ-ବି ୪ ୱିକେଟରେ ଦେଓଗଡ଼କୁ, ଯାଜପୁର ୮୭ ରନରେ କିଟ୍‌କୁ ଏବଂ ରାଉରକେଲା ୨୫୩ ରନରେ ରାୟଗଡ଼ାକୁ ଦୟନୀୟ ଭାବେ ପରାସ୍ତ କରିଛି। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରାଉରକେଲା ୪୭ ଓଭରରେ ୯ ୱିକେଟ ହରାଇ ୩୦୨ ରନ କରିଥିଲା। ଜବାବରେ ରାୟଗଡ଼ା ୨୪ ଓଭରରେ ମାତ୍ର ୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଉରକେଲାର ରାଜା ଯାଦବ (୩ ୱିକେଟ), ଯାଜପୁରର ନସୀମ ଅହମ୍ମଦ (୩ ୱିକେଟ ଓ ୨୪ ରନ), କଟକର ଅଭିଷେକ ସେନାପତି (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ଥାଇଲାଣ୍ଡ ଓପନ: ସେମିରେ ସାତ୍ତ୍ୱିକ-ଚିରାଗ



**ବ୍ୟାଙ୍କକ୍, ୧୫ା୫ (ଏଜେନ୍ସି):** ଚାରି କୋଟି ୭୮ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଷ୍ଟାର୍ ସଟଲର୍ ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ହାରି ବିଦାୟ ନେଇଛନ୍ତି। ତେବେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟରରେ ସିନ୍ଧୁ ୨୧-୧୯, ୧୮-୨୧, ୧୫-୨୧ ଗେମରେ ଟପ୍ ସିଡ୍ ଅକାନେ ୟାମାଗୁଚିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ପୁରୁଷ ବିଭାଗରେ ଲକ୍ଷ୍ୟ ସେନ ୫୩ ମିନିଟ ମଧ୍ୟରେ ୧୯-୨୧, ୧୬-୨୧ ସିଧାସଳଖ ଗେମରେ ବିଶ୍ୱର ୨ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭଟ୍ ଭିତିଦର୍ଶନଙ୍କଠାରୁ ହାରିଯାଇଛନ୍ତି। ତେବେ ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ବିଜୟୀ ହୋଇ ଭାରତ ପାଇଁ ପଦକ ଆଶା ଉଜ୍ଜୀବିତ ରଖିଛନ୍ତି। ଟପ୍ ସିଡ୍ ଏହି ଭାରତୀୟ ଯୋଡ଼ି ୨୧-୧୨, ୨୧-୧୩ ଗେମରେ ଜାପାନର ତାକୁମି ନୋମୁରା ଓ ୟୁଚି ଶିମୋଗାମି ଯୋଡ଼ିଙ୍କୁ ପରାସ୍ତ କରିଥିଲେ।

### ସିନ୍ଧୁ, ଲକ୍ଷ୍ୟଙ୍କ ବିଦାୟ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS